



# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 182 | ଭାଗ ୩୩ | ସଂଖ୍ୟା ୧୮୨ Monday 22 September 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୨୨ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ଭାରତ ୬ ୱିକେଟ୍‌ରେ ବିଜୟୀ

**ଦୁବାଇ,୨୧ା୯ :** ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମଠାରେ ଖେଳାଯାଇଥିବା ଏସିଆ କପ ସୁପର-୪ର ଏକ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ଭାରତ ପ୍ରତିପକ୍ଷ ପାକିସ୍ତାନକୁ ପରାସ୍ତ କରିଛି। ୧୭୨ ରନର ଲକ୍ଷ୍ୟ ନେଇ ଭାରତ ବ୍ୟାଟିଂ ଆରମ୍ଭ କରିଥିବା ବେଳେ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରୁ ପାକିସ୍ତାନ ବୋଲରଙ୍କୁ ଦୁହେଁ ଜବରଦସ୍ତ ଧୁଲେଇ କରିଥିଲେ। ଅଭିଶେକ ୩୯ ବଲରୁ ୫ ଛକା ଓ ୬ ଚୌକା ସହ ୭୪ ରନ କରି ଆଉଟ ହୋଇଥିବା ବେଳେ ଶୁବମନ ଅର୍ଦ୍ଧଶତକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ସେ ୨୮ ବଲରୁ ୮ ଚୌକା ସହ ୪୭ ରନ କରିବାକୁ ସମର୍ଥ ହୋଇଥିଲେ। ଦୁଇ ଭାରତୀୟ ଓପନର ଆଉଟ ➪ପୃଷ୍ଠା-୬

### ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଅଭିବୃଦ୍ଧି ପାଇଁ ବୁଷ୍ଟର୍‌ଡୋଜ୍ ହେବ ଜିଏସ୍‌ଟି ସଂସ୍କାର

**ନୂଆଦିଲ୍ଲୀ,୨୧ା୯:** ନିକଟରେ ଦେଶର ଗରିବ ଓ ମଧ୍ୟବିତ୍ତ ପରିବାରକୁ ଆଶ୍ୱସ୍ତି ଦେବା ସକାଶେ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। ପୂର୍ବରୁ ୪ଟି ସ୍ଲାବ୍ ରହିଥିବା ବେଳେ ଏବେ ଏହାକୁ ୨ଟି ଖସାଇ ଦିଆଯାଇଛି। ଅର୍ଥାତ୍ ଏବେ କେବଳ ଦେଶରେ ୧୨ ଓ ୫ ପ୍ରତିଶତ ସ୍ଲାବ୍ ଲାଗୁ ରହିବ। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆସନ୍ତାକାଲିଠାରୁ ଲାଗୁ ହେବାକୁ ଥିବା ବେଳେ ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ସେ ଦେଶବାସୀଙ୍କୁ ଶାରଦୀୟ ନବରାତ୍ରି ପାଇଁ ଶୁଭେଚ୍ଛା ଦେବା ସହ ନବରାତ୍ରୀର ପ୍ରଥମ ଦିନରେ ଦେଶ ଏକ ଆତ୍ମନିର୍ଭରଶୀଳ ଭାରତ ଆଡ଼କୁ ଅଗ୍ରସର ହେବା ସକାଶେ ଏକ ପ୍ରମୁଖ ପଦକ୍ଷେପ ନେବାକୁ ଯାଉଛି ବୋଲି କହିଛନ୍ତି। ସେ କହିଛନ୍ତି ଯେ ୨୨ ତାରିଖ ସକାଳେ ସୂର୍ଯ୍ୟୋଦୟ ସହ ଦେଶରେ ପରବର୍ତ୍ତୀ

- ଦେଶବାସୀଙ୍କୁ ନବରାତ୍ରୀର ଅଭିନନ୍ଦନ ଜଣାଇଲେ
- ବିକାଶ ଦୌଡ଼ରେ ସାମିଲ୍ ହେବେ ସବୁ ରାଜ୍ୟ

ପିଢ଼ିର ଜିଏସ୍‌ଟି ସଂସ୍କାର କାର୍ଯ୍ୟକାରୀ ହେବ। ଆସନ୍ତାକାଲିଠାରୁ ଜିଏସ୍‌ଟି ସଞ୍ଚୟ ଉତ୍ସବ ଆରମ୍ଭ ହେଉଛି। ଏହି ଜିଏସ୍‌ଟି ସଂସ୍କାରଗୁଡ଼ିକ ଦେଶର ଗରିବ, ମଧ୍ୟବିତ୍ତ, ଯୁବକ, ଚାଷୀ, ମହିଳା,



ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କୁ ଲାଭ ଦେବ। ଏହି ପାର୍ବଣରେ ସମସ୍ତେ ମିଠା ଖାଇବେ। ପ୍ରତ୍ୟେକ ପରିବାରରେ ଖୁସି ପରିସର ବଢ଼ିବ। ଜିଏସ୍‌ଟି ସଂସ୍କାର ପାଇଁ ସମଗ୍ର ଦେଶବାସୀଙ୍କୁ ଅଭିନନ୍ଦନ। ଏହି ସଂସ୍କାରଗୁଡ଼ିକ ଭାରତର ଅଭିବୃଦ୍ଧି କାହାଣୀକୁ ଆହୁରି ତ୍ୱରାନ୍ୱିତ କରିବ। ବ୍ୟବସାୟଗୁଡ଼ିକୁ ମଧ୍ୟ ଏକ ବୁଷ୍ଟର ଡୋଜ୍ ମିଳିବ। ଏହି ନୂତନ ପିଢ଼ିର ଜିଏସ୍‌ଟି ସଂସ୍କାରଗୁଡ଼ିକ ପ୍ରତ୍ୟେକ ରାଜ୍ୟକୁ ବିକାଶ ଦୌଡ଼ରେ ଏକ ଅଂଶୀଦାର କରିବ। ଏହି ସଂସ୍କାରଗୁଡ଼ିକ କେବଳ ପରିବାର ଉପରେ ବୋଝକୁ ହ୍ରାସ କରିବ ନାହିଁ, ବରଂ ଉଦ୍ୟୋଗୀମାନଙ୍କୁ ଆକର୍ଷିତ କରି ଏକ ଆଦର୍ଶ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଭାରତର ସ୍ଥିତିକୁ ମଜବୁତ କରିବ ବୋଲି ମୋଦି କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି ସଂସ୍କାରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସାମଗ୍ରୀ ଏବଂ ସେବା କର (ଜିଏସ୍‌ଟି) ଗଠନକୁ ସରଳ କରିବା। ଚଳିତ ମାସ ପ୍ରାରମ୍ଭରେ ଜିଏସ୍‌ଟି ପରିଷଦ ୨ଟି ଜିଏସ୍‌ଟି ସ୍ଲାବ୍-୫ ପ୍ରତିଶତ ଏବଂ ୧୮ ପ୍ରତିଶତକୁ ଚୂଡ଼ାନ୍ତ କରିଥିଲା। ଏଥିସହ ୪୦ ପ୍ରତିଶତର ଏକ-ତୃତୀୟ ଜିଏସ୍‌ଟି ସ୍ଲାବ୍ ମଧ୍ୟ ଅଛି, ➪ପୃଷ୍ଠା-୬

# ନମୋ ଯୁବ ରନ୍‌ରେ ଦୌଡ଼ିଲା ଭୁବନେଶ୍ୱର

- ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ
- ନିଶାମୁକ୍ତ ପାଇଁ ଦେଲେ ଆହ୍ୱାନ
- ମୋଦିଙ୍କ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ପାଇଁ ପ୍ରେରିତ କରିବ
- ଆତ୍ମନିର୍ଭରଶୀଳତା ରାସ୍ତାରେ ଆଗଉଛି ଦେଶ

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନଠାରୁ ଆରମ୍ଭ ହୋଇଥିବା ସେବା ପକ୍ଷ ଅବସରରେ ଆଜି 'ନିଶାମୁକ୍ତ ଭାରତ ଅଭିଯାନ'ରେ ଏକ ବିଶାଳ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭ ହୋଇ ଏହି ଗଣଦୌଡ଼ ଜନତା ମୈଦାନଠାରେ ଶେଷ ହୋଇଥିଲା। ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବା ସହ ନିଜେ ମଧ୍ୟ ପାଖାପାଖି ୧୦ ହଜାର ପ୍ରତିଯୋଗୀଙ୍କ ସହ ସାମିଲ୍ ହୋଇଥିଲେ। ଏହି ମାରାଥନରେ ମୁଖ୍ୟମନ୍ତ୍ରୀ ନିଜେ ସମସ୍ତ ଛାତ୍ରଛାତ୍ରୀ, ଖେଳାଳି, ଯୁବବର୍ଗ ଓ ଅନେକ ନେତୃବୃନ୍ଦଙ୍କ ସହ ସାମିଲ ହୋଇ ନିଶାମୁକ୍ତ ଭାରତ ଦିଗରେ ସଚେତନତା ବାର୍ତ୍ତା ଦେଇଥିଲେ। ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ ଦେଶକୁ ନିଶାମୁକ୍ତ କରିବା ପାଇଁ ମୋଦିଙ୍କ ନୂଆ ସଂକଳ୍ପ ଯୁବବର୍ଗଙ୍କୁ ରାଷ୍ଟ୍ର ଗଠନ ଦିଗରେ ପ୍ରେରିତ କରିବ। ଯୁବବର୍ଗ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି। ଯୁବବର୍ଗଙ୍କ ଜ୍ଞାନ, ଦକ୍ଷତା, କର୍ମକୁଶଳତା ଓ ଦାୟିତ୍ୱ ବୃଦ୍ଧି ଜରିଆରେ ସେ ବିକଶିତ ଭାରତ ନିର୍ମାଣର ଲକ୍ଷ୍ୟ ରଖିଛନ୍ତି। ମୋଦିଙ୍କ ସଂକଳ୍ପ ଦେଶର ଅନେକ ସମସ୍ୟା ଦୂର କରିପାରିଛି। ସାମ୍ପ୍ରତିକ ସମୟରେ ଦେଶର ଦାରିଦ୍ର୍ୟ ସର୍ବନିମ୍ନ ସ୍ତରରେ ରହିଛି। ସବୁ



ଗାଁକୁ ବିଜୁଳି, ସବୁ ଗାଁକୁ ପିଇବା ପାଣି ଯୋଗାଣ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣତାର ଦ୍ୱାରଦେଶରେ ପହଞ୍ଚିଛୁ। 'ମେକ୍ ଇନ୍ ଇଣ୍ଡିଆ', 'ଡିଜିଟାଲ ଇଣ୍ଡିଆ', 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ଆଦି କାର୍ଯ୍ୟକ୍ରମ ଦେଶକୁ ଆତ୍ମନିର୍ଭରଶୀଳତା ରାସ୍ତାରେ ଆଗକୁ ନେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନିଶାମୁକ୍ତି ଅଭିଯାନ ସମ୍ପର୍କରେ ସେ କହିଛନ୍ତି ଯେ ଆଜିର ସମାଜରେ ମଦ୍ୟପାନ, ଗୁଟଖା, ଧୂମପାନ, ଗଞ୍ଜେଇ ଓ ବିଭିନ୍ନ ଡ୍ରଗ୍‌ସ ପରି ବିଭିନ୍ନ ମାଦକଦ୍ରବ୍ୟର ପ୍ରଭାବ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ନିଶା କେବଳ ଜଣେ ବ୍ୟକ୍ତିକୁ ନଷ୍ଟ କରେନାହିଁ, ଏହା ➪ପୃଷ୍ଠା-୬

### 'ଥିଙ୍କ୍ ଇଣ୍ଡିଆ ଦକ୍ଷିଣପଥ ସମ୍ମିଳନୀ'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# ସମ୍ମିଳନୀ ଯୁବ ଶକ୍ତି ଓ ବିଶ୍ୱ କଲ୍ୟାଣର ନୂଆ ଦିଗନ୍ତ

- ତିନିଦିନିଆ ଗସ୍ତରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ
- ଶିକ୍ଷାଗତ ଲକ୍ଷ୍ୟ ଓ ଜାତୀୟ ପ୍ରାଥମିକତା ପୂରଣ ଦିଗରେ ଦାୟିତ୍ୱ ନେବାକୁ ଆହ୍ୱାନ
- ଏନ୍‌ଇପି 'ବସୁଧୈବ କୁଟୁମ୍ବକମ୍'ର ଏକ ପ୍ରୟୋଗାତ୍ମକ ରୂପ

**ଚେନ୍ନାଇ,୨୧ା୯(ସଂଚାର ବ୍ୟୁରୋ):** 'ଦକ୍ଷିଣପଥ ସମ୍ମିଳନୀ' ଭାରତର ଆହ୍ୱାନଗୁଡ଼ିକର ସମାଧାନ ପାଇଁ ନୂତନ ଚିନ୍ତାଧାରା ବିକଶିତ କରିବ ଓ ଆମ ଯୁବବର୍ଗଙ୍କୁ ବିଶ୍ୱ କଲ୍ୟାଣର ଉତପ୍ରେରକ ଭାବେ ଉଭା କରାଇବ ବୋଲି ଆଜି ସ୍ଥାନୀୟ ଆଇଆଇଟି ମାଡ୍ରାସରେ ଆୟୋଜିତ 'ଥିଙ୍କ ଇଣ୍ଡିଆ ଦକ୍ଷିଣପଥ ସମ୍ମିଳନୀ-୨୦୨୫'ରେ ଯୋଗଦେବା



ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି।

ତିନିଦିନିଆ ତାମିଲନାଡୁ ଗସ୍ତରେ ଥିବା ଶ୍ରୀ ପ୍ରଧାନ ଏହି ସମାରୋହରେ ଯୋଗଦେଇ ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ର ଭବିଷ୍ୟତମୁଖୀ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏନ୍‌ଇପି 'ବସୁଧୈବ କୁଟୁମ୍ବକମ୍'ର ଏକ ପ୍ରୟୋଗାତ୍ମକ ରୂପ। ଏହା ବିକଶିତ ଭାରତ ପାଇଁ ମାର୍ଗ ପ୍ରଶସ୍ତ କରୁଛି। ବିଶ୍ୱ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଜରୁରୀ। ଆମକୁ ସୁଯୋଗର ସଦୁପଯୋଗ କରି ଶିକ୍ଷାଗତ ଲକ୍ଷ୍ୟ ଓ ଜାତୀୟ ପ୍ରାଥମିକତା ପୂରଣ କରିବା ଦିଗରେ ଅଧିକ ଦାୟିତ୍ୱ ନେବାକୁ ପଡ଼ିବ। ଥିଙ୍କ୍ ଇଣ୍ଡିଆ ଭଳି ଦେଶର ପ୍ରମୁଖ ଥିଙ୍କ-ଟ୍ୟାଙ୍କଗୁଡ଼ିକୁ ବିଶ୍ୱସ୍ତରୀୟ ଆଧିପତ୍ୟ ବଜାୟ ରଖିବାକୁ ହେବ। ଭାରତର ବୈଶ୍ୱିକ ଦାୟିତ୍ୱ ପୂରଣ କରିବା ପାଇଁ ନୂତନ ମଡେଲ ଓ ଉପକରଣ ପ୍ରସ୍ତୁତି ନିମନ୍ତେ ଥିବା ଆହ୍ୱାନଗୁଡ଼ିକୁ ସାମ୍ନା କରିବା ସକାଶେ ସେ ➪ପୃଷ୍ଠା-୬



**ନିଆରା ମୋହନ: ଚା' ପିଇଲେ, ଲୋକଙ୍କ ଭଲମନ୍ଦ ବୁଝିଲେ**

ଆଜି ସେବା ପକ୍ଷ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ନମୋ ଯୁବ ରନ୍ ଗଣଦୌଡ଼ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଦୌଡ଼ିବା ସହ ନିଜର ବ୍ରାଣ୍ଡକୁ ପୁଣିଥରେ ପ୍ରମାଣିତ କରିଛନ୍ତି। ମେ' ଫେୟାର୍ ନିକଟରେ ଏକ ହୋଟେଲ୍‌ରେ ନିଜେ ଚା' ପିଇବା ସହ ସେଠାରେ ଉପସ୍ଥିତ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଜଣେ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମାଝୀଙ୍କ ଏପରି ଆଚରଣ ତାଙ୍କୁ ଜନସାଧାରଣଙ୍କ ଆହୁରି ନିକଟତର କରିପାରିଛି।

### କ୍ୟାବ୍ ଡ୍ରାଇଭର ହତ୍ୟା ଘଟଣାରେ ବଡ଼ ଟ୍ୱିଷ୍ଟ୍

# ନିଯୁକ୍ତି ଦୁର୍ନୀତିରେ ଫସିଥିଲେ

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ଗତକାଲି ଚନ୍ଦକା ଅଞ୍ଚଳରେ ଜନୈକ କ୍ୟାବ୍ ଡ୍ରାଇଭରଙ୍କ ମୃତଦେହ ସ୍ଥାନୀୟ ପୁଲିସ୍ ଠାବ କରିବା ପରେ ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଇଥିଲା। କିନ୍ତୁ ଆଜି ଏହି ଘଟଣାରେ ନୂଆ ଟ୍ୱିଷ୍ଟ୍ ସାମ୍ନାକୁ ଆସିଛି। ସମ୍ପୃକ୍ତ କ୍ୟାବ୍ ଡ୍ରାଇଭର୍ ବିଦ୍ୟାଧର ସାହୁ ଏକ ବଡ଼ ଧରଣର ନିଯୁକ୍ତି ଦୁର୍ନୀତିରେ ଜଡ଼ିତ ଥିବା ସନ୍ଦେହ କରାଯାଉଛି। ଏହି ନିଯୁକ୍ତି ଦୁର୍ନୀତିର କେତେକ ପ୍ରଭାବିତ ଯୁବକ ତାଙ୍କୁ ଅପହରଣ କରିନେଇଥିବା ବେଳେ ସେମାନଙ୍କ ନିର୍ଯାତନା ସହି ନପାରି ବିଦ୍ୟାଧର ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି।

ମିଳିଥିବା ସୂଚନାନୁସାରେ, ଚାକିରି କରିବା ସକାଶେ ଟଙ୍କା ଦେଇଥିବା ତିନି ଯୁବକ ନିରାଶ ହୋଇ ଶେଷରେ ସେମାନଙ୍କ ଟଙ୍କା ଫେରିପାଇବା ସକାଶେ ବିଦ୍ୟାଧରଙ୍କୁ ଅପହରଣ କରିନେଇଥିଲେ। ଚାକିରି ଦେବା



- ଅଟକ ରହିଥିବା ଘରେ କରିଛନ୍ତି ଆତ୍ମହତ୍ୟା
- ଟଙ୍କା ଫେରିପାଇବାକୁ ୩ ଯୁବକ କରିଥିଲେ ଅପହରଣ
- ପତ୍ନୀ ସହ ଅପହର୍ତ୍ତାଙ୍କ ଅଡିଓ ଭାଇରାଲ୍

ବଦଳରେ ସେ ଜାଲ ନିଯୁକ୍ତିପତ୍ର ଦେଉଥିଲେ। ଉକ୍ତ ତିନି ଯୁବକ ଠକେଇର ଶିକାର ହୋଇଥିବା ଜାଣିବା ପରେ ବିଦ୍ୟାଧରଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। କିନ୍ତୁ ସେମାନେ ଟଙ୍କା ଫେରି ନ ପାଇବାରୁ ଶେଷରେ ଗତ ୧୫ ତାରିଖରେ ବିଦ୍ୟାଧରଙ୍କୁ ଅପହରଣ କରିନେଇଥିଲେ। ଅପହରଣ ପରେ ସେମାନେ ତାଙ୍କ ପତ୍ନୀଙ୍କୁ ମୁଣ୍ଡ ଜାମିନ୍ ବାବଦରେ ୨ କୋଟି ଟଙ୍କା ମାଗିଥିଲେ। ଅପହର୍ତ୍ତାଙ୍କ ମଧ୍ୟରୁ ଜଣକ ସହ ବିଦ୍ୟାଧରଙ୍କ ପତ୍ନୀ ଟେଲିଫୋନ୍‌ରେ କଥାବାର୍ତ୍ତା କରୁଥିବା ସମୟର ଏକ ଅଡିଓ ମଧ୍ୟ ଭାଇରାଲ୍ ହୋଇଛି। ଅପହରଣ ପରେ ଅପହର୍ତ୍ତାମାନେ ବିଦ୍ୟାଧରଙ୍କୁ ଯାଜପୁର ଅଞ୍ଚଳରେ ଏକ ଘରେ ଅଟକ ରଖିଥିଲେ। ତେବେ ସେଠଣରେ ଅଟକ ରହିଥିବା ସମୟରେ ସେଠାରୁ ଖସି ନ ପାରିବା ଓ ଟଙ୍କା ଫେରସ୍ତ କରି ନପାରିବା ଆଶଙ୍କା କରି ଶେଷରେ ବିଦ୍ୟାଧର ଆତ୍ମହତ୍ୟା କରିଥିବା କୁହାଯାଉଛି। ଆତ୍ମହତ୍ୟା କରିବା ➪ପୃଷ୍ଠା-୬

# ପ୍ରଦୀପ ଜେନା ଭୁବନେଶ୍ୱର କ୍ଲବର ନୂଆ ସଭାପତି



**ଭୁବନେଶ୍ୱର, ୨୧ା୯ (ସଂଚାର ବ୍ୟୁରୋ):** ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା ଭୁବନେଶ୍ୱର କ୍ଲବର ନୂତନ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ଆଜି ଭୁବନେଶ୍ୱର କ୍ଲବର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଭୋଟ ଗଣତି ପରେ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯାଇଥିଲା। ପ୍ରଦୀପ କୁମାର ଜେନା ୧୮ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ସେହିପରି, ପ୍ରଗତି ମହାନ୍ତି ୬୦ ଭୋଟ ବ୍ୟବଧାନରେ ଉପାଧ୍ୟକ୍ଷ ଭାବରେ ବିଜୟୀ ହୋଇଛନ୍ତି। ସେହିପରି ଲଳିତ ଦାସ ୭୬ ଭୋଟ ବ୍ୟବଧାନରେ ସମ୍ପାଦକ ଭାବରେ ବିଜୟୀ ହୋଇଛନ୍ତି। ସମ୍ବିତ ମହାନ୍ତି ୬୮ ଭୋଟ ବ୍ୟବଧାନରେ ଯୁଗ୍ମ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱର କ୍ଲବର ପରବର୍ତ୍ତୀ ସଭାପତି କିଏ ହେବେ ତାହା ଉପରେ ସମସ୍ତଙ୍କ ନଜର ଥିଲା। ହେଭିୱେଟ ଅସୀତ ତ୍ରିପାଠୀ ତୃତୀୟ ଥର ନିର୍ବାଚନ ଲଢୁଥିଲେ। ପୂର୍ବରୁ ୨ ଥର ଭୁବନେଶ୍ୱର କ୍ଲବ ସଭାପତି ରହିଥିବା ବେଳେ ଏଥର ଜିତିଲେ ହ୍ୟାଟ୍ରିକ କରିଥାନ୍ତେ। ଅନ୍ୟପଟେ ଅବସର ପରେ ➪ପୃଷ୍ଠା-୬



**କାନ ଡେରିଆ**

ବବି ଦାସ ଏବେ କୋରେଇ
ଫେରିଲେ
ବନ୍ଧୁ ପରିଜନ ପାଇଁ
ଯାଜପୁର ଛାଡ଼ି ବଡ଼ ଭୁଲ
କଲେ
ତେଣୁ ସେ ହାରିଲେ ଯାଇ
ପାଣ୍ଡୁକୁ ଭଲ ଲାଗଇ...
କ୍ଷମତା ବଳୟ ବବିଙ୍କ ନଥିଲା
ଏବେ ସେ ବୁଝିଲେ ଭାଇ ।

■ ଦେବାଶିଷ

# ଛାତ୍ର ସଂସଦ ନିର୍ବାଚନ ନେଇ ବିଜେଡି ନିରବ

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ବହୁ ପ୍ରତୀକ୍ଷିତ ଛାତ୍ର ସଂସଦ ନିର୍ବାଚନ ଚଳିତ ବର୍ଷ ନ ହେବା ଜଳ ଜଳ ଦିଶୁଥିଲେ ମଧ୍ୟ ମୁଖ୍ୟ ବିରୋଧୀଦଳ ବିଜେଡି ଏ ସଂକ୍ରାନ୍ତରେ ଅହେତୁକ ନିରବତା ଅବଲମ୍ବନ କରିଛି। ଏପରିକି ବହୁ ଆଡମ୍ବରରେ ନିଯୁକ୍ତ ହୋଇଥିବା ବିଜେଡିର ଛାତ୍ର ମୁଖିଆ ବି ଏ ନେଇ ପାଟି ଖୋଲୁନାହାନ୍ତି। ଅନ୍ୟତମ ଦଳ କଂଗ୍ରେସ ଏହି ପ୍ରସଙ୍ଗରେ ଏକ ପ୍ରକାର ଗୁମୁରି କାନ୍ଦୁଥିବା ଦେଖିବାକୁ ମିଳୁଛି।

- ପାଟି ଖୋଲୁନାହାନ୍ତି ନୂଆ ମୁଖିଆ
- ଗୁମୁରି କାନ୍ଦୁଛି କଂଗ୍ରେସ

କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ ନିଶ୍ଚିତ ହେବବୋଲି ବିଜେପି କହିଥିଲା। ଗତବର୍ଷ କ୍ଷମତାକୁ ଆସିବାପରେ ଏଥିପାଇଁ ଚାପ ପଡିବାରୁ ହାତରେ ସମୟ ନାହିଁ କହି ନିର୍ବାଚନକୁ ଟାଳି ଦିଆଯାଇଥିଲା। ତେଣୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ନିଶ୍ଚିତ ଭାବେ ହେବ ବୋଲି ଛାତ୍ରଛାତ୍ରୀମାନେ ଧରି ନେଇଥିଲେ। ସରକାରୀ ସ୍ତରରେ ମଧ୍ୟ ଏ ନେଇ ସଙ୍କେତ ଦିଆଯାଇଥିଲା। ରାଜନୈତିକ ପାଣିପାଗ ମଧ୍ୟ ନିର୍ବାଚନ ପାଇଁ ଅନୁକୂଳ ଥିଲା। ଛାତ୍ର ସଂସଦ ନିର୍ବାଚନ ସାଧାରଣତଃ ପୂଜା ଛୁଟି ପୂର୍ବରୁ ହୋଇଥାଏ। ଫଳାଫଳ ପ୍ରକାଶ ଦିନ ହିଁ ପୂଜାଛୁଟି ଘୋଷଣା କରାଯାଏ। ଚଳିତବର୍ଷ ମଧ୍ୟ ପୂଜା ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି ସମସ୍ତେ ଆଶା ବାନ୍ଧିଥିଲେ। ହେଲେ ସେଭଳି କିଛି ହେଲାନାହିଁ। ଯଦିଓ ଏ ନେଇ ସରକାରୀ ଭାବେ କିଛି ଘୋଷଣା ହୋଇନାହିଁ, କିନ୍ତୁ ପୂଜା ପୂର୍ବରୁ ନିର୍ବାଚନ କରିବାପାଇଁ ହାତରେ ଆଉ ସମୟ ନାହିଁ।



ଛାତ୍ର ସଂସଦ ନିର୍ବାଚନ ବନ୍ଦ ଏକ ପ୍ରକାର ନିଶ୍ଚିତ ହୋଇଥିବାବେଳେ ବିଜେଡି ଏ ସଂକ୍ରାନ୍ତରେ ମୁହଁ ଖୋଲୁ ନାହିଁ। ଦଳର ଛାତ୍ରସଂଘ ଏ ନେଇ ପ୍ରଶ୍ନଟିଏ ବି ଏପର୍ଯ୍ୟନ୍ତ ପଚାରିନାହିଁ। ଦଳର ଏଭଳି ଆଭିମୁଖ୍ୟ ଏବେ ଛାତ୍ରବିଜେଡି କର୍ମକର୍ତ୍ତାଙ୍କୁ ଅକଳରେ ପକାଇଛି। ସଦ୍ୟ ନିଯୁକ୍ତ ହୋଇଥିବା ଛାତ୍ର ବିଜେଡି ସଭାପତି ବି ଏ ନେଇ କୌଣସି ପ୍ରତିକ୍ରିୟା ଦେଉ ନାହାନ୍ତି। ଏଭଳି ସ୍ଥିତି ଦେଖିଲା ପରେ ଦଳର ଛାତ୍ର ସଂଗଠନ କେବଳ ହତାଶ ହୋଇନାହିଁ, ଦଳର ନେତୃତ୍ୱକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଆରମ୍ଭ କରିଛି।

ଅନ୍ୟ ପକ୍ଷରେ କଂଗ୍ରେସ ଯଦିଓ ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି କରୁଛି, ତାହା କିନ୍ତୁ ଦଳୀୟ କାର୍ଯ୍ୟାଳୟରେ ସୀମିତ ରହିଛି। ଇତି ମଧ୍ୟରେ ଦଳର ପୂର୍ବତନ ଛାତ୍ର ସଭାପତି ଜେଲ୍‌ରୁ ବାହାରିଲେଣି। ହେଲେ ଦଳର ଛାତ୍ର ସଂଗଠନର ନେତୃତ୍ୱ ଅସଜଡା ଥିବାରୁ ଦଳ ନିର୍ବାଚନକୁ ଓହ୍ଲାଇବାକୁ ଭରସି ପାରୁନଥିବା ଆଲୋଚନା ହେଉଛି। ଦଳର ଯୁବ ନେତୃତ୍ୱ ନିର୍ବାଚନ ପାଇଁ ପ୍ରସ୍ତୁତ ବୋଲି ସଙ୍କେତ ଦେଲେ ମଧ୍ୟ ଦଳୀୟ ନେତାମାନେ କୌଣସି ନିଷ୍କର୍ଷରେ ପହଞ୍ଚି ନ ପାରିବାରୁ ଦଳର ଛାତ୍ର ସଂଗଠନ ➪ପୃଷ୍ଠା-୬

# ମୋ ରାଜା ମିଟୁ

ଡଃ ନାରାୟଣ ଚନ୍ଦ୍ର ସେନାପତି



ସେଦିନ ଜାନୁଆରୀ ଛବିଶ ତାରିଖ, ସ୍କୁଲରେ ପତାକା ଉତ୍ତୋଳନ କରିବା ପାଇଁ ସଅଳ ବାହାରିପଡ଼ିଲି ମୁଁ। କରୋନାର ଭୟ ପାଖ ଛାଡି ନ ଥାଏ, ମୁହଁ ରେ ମାସ୍କ ଲଗାଇ ନିତିଦିନିଆ ସାଥି ହୁଣ୍ଡା ଗାଡ଼ିରେ ବସି ଚାଲିଲି ସ୍କୁଲ ଅଭିମୁଖେ। ମନରେ ଉଙ୍କି ମାରୁଥାଏ କେତେ କଥା, କାହିଁକି କେଜାଣି ଉଦାସିଆ ମନଟା ଭାରି ଭାରି ଲାଗୁଥାଏ। ବିନା ଛୁଆରେ ସ୍କୁଲ ଷ୍ଟାଫ ଓ କମିଟିର କେତେଜଣଙ୍କୁ ନେଇ ପତାକା ଉତ୍ତୋଳନ ପରେ ମୁଁ ଫେରି ଆସିଲି ଶୀଘ୍ର କାରଣ ମୋତେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତେଲକୋଇରେ ଅତିଥି ଭାବେ ପତାକା ଉତ୍ତୋଳନ କରିବାର ଥିଲା। ହଠାତ ଫୋନ୍ ଆସିଲା, ରିସିଭ କଲି, ସେ ଥିଲେ ଚିତ୍ତ ଭାଇ ଯେ କି ବିଦ୍ୟାମନ୍ଦିରର ସମ୍ପାଦକ, କହିଲେ ସେନାପତି ଭାଇ ଶୀଘ୍ର ଆସନ୍ତୁ, ଆପଣ ଆସିଲେ ପତାକା ଉତ୍ତୋଳନ ହେବ, ସମସ୍ତେ ପହଂଚିଲେଣି। ହଁ ଚିତ୍ତ ଭାଇ ପହଁଚୁଛି ୫ ମିନିଟରେ କହି ପୁଣି ଗାଡିର ଏକସିଲେଟର ବଢାଇଲି। ୨ ମିନିଟ ହୋଇଛି କି ନାହିଁ ପୁଣି ଫୋନ୍ ଟା ଗର୍ଜ୍ଜି ଉଠିଲା। ଭାବିଲି ବୋଧେ ତାଙ୍କ ପ୍ରଧାନ ଗୁରୁଜୀ ପୁଣି କଲ କଲେ। ଫୋନ୍ ନ ଉଠାଇ ଗାଡିର ସ୍ପିଡ଼ ବଢାଇଲି। ଫୋନ୍ ବି ମୋ ସହ ପ୍ରତିଦ୍ୱନ୍ଦ୍ୱିତା କଲା। ବାଧ ହୋଇ ଗାଡି ରଖି ଉଠାଇଲି। ସେ ଥିଲା ସାନ ଝିଅ ଆରାଧା। କହିଲା ବାପା ଶୀଘ୍ର ଆସ। ତା କଣ୍ଠସ୍ୱର ଟିକେ ଥରିଲା ପରି ଲାଗୁଥିଲା। କାନ୍ଦି କହୁଥିଲା, ଯେତେ ଶୀଘ୍ର ଆସ, ରାଜା ମିଟୁ ଦେହ ବେଶି ଖରାପ ହୋଇଯାଉଛି। ଆଉ ବିଦ୍ୟାମନ୍ଦିର ଯିବି କଣ, ପବନ ବେଗରେ ଛୁଟି ଆସିଲି ଘରକୁ। ମନେ ମନେ ଠାକୁରଙ୍କୁ ଡାକୁଥାଏ, ପ୍ରଭୁ ରାଜା ମିଟୁର କିଛି ଅଧିକ ଖରାପ ନ ହୋଇଥାଉ, କାରଣ କିଛି ଦିନ ହେଲା ଦେହ ତାର ଭଲ ନ ଥିଲା।

ଘରେ ପହଂଚି ଯାହା ଦେଖିଲି ମୋ ଆଖିକୁ ବିଶ୍ୱାସ ଆସିଲା ନାହିଁ। ରାଜା ମିଟୁ ବେକ ମୋଡି ଶୋଇଛି, ସମସ୍ତେ ତା ପାଖରେ ବସି କାନ୍ଦୁଛନ୍ତି। ଆରାଧା କହିଲା ବାପା, ରାଜା ମିଟୁ ଆଉ କିଛି ହେଉନାହିଁ, ଡାକିଲେ ବି ଶୁଣୁନାହିଁ। ମୋ ଆଖିରୁ କେଇଗୋପା ଲୁହ ଝରି ପଡିଲା। କୋହକୁ ଚାପି ତା ପାଖକୁ ଯାଇ ଡାକିଲି, ମିଟୁ...ଏ ମିଟୁ...ଉଠ ରେ। ହଠାତ ବେକ ଟେକିଲା, ଗୋଟିଏ ଆଖିରେ ମିଞ୍ଜି ମିଞ୍ଜି ଚାହିଁଲା, ମୁଁ ହାତ ପାଖକୁ ନେଲା ବେଳେ ଧୀରେ ଧୀରେ ଗୋଡ଼ ବଢାଇଲା। ଗୋଡ଼କୁ ବହୁ କଷ୍ଟରେ ମୋ ହାତ ଉପରକୁ ଉଠାଇଲା। ମଣିଷ ପରି କୁନ୍ଥାଉ ଥାଏ। ମୋ ହାତ ଉପରେ ବସାଇଲି। ତାକୁ ଡାକିଲି ମିଟୁ....ଏ ପାପା...ହୁଇସିଲ ରେ ବଜାଇଲି। ଥଣ୍ଟକୁ ହାତରେ ଘଷୁଥାଏ। ବହୁତ ଚେଷ୍ଟା କରୁଥାଏ ଉଠିବାକୁ, ହେଲେ ପାରୁ ନ ଥାଏ, ବହୁତ ଇଚ୍ଛା ତାର ବଞ୍ଚିବାକୁ ହେଲେ ମରଣ ପାଖ ଛାଡୁ ନ ଥାଏ। ଶେଷରେ ସୁ ସୁ ହୋଇ ଶେଷ ନିଃଶ୍ୱାସ ତ୍ୟାଗ କଲା। ତାକୁ ସମସ୍ତେ ଶେଷ ଛୁଆଁ ଦେଲେ, ଭୋ ଭୋ କାନ୍ଦୁଥାନ୍ତି। ମୁଁ କାନ୍ଦୁଥାଏ ଭିତରେ ହେଲେ କୋହକୁ ଚାପି ପ୍ରକାଶ କରୁ ନ ଥାଏ। କିଛି ସମୟ କାନ୍ଦର ଆସର ସତେ ଯେମିତି ଆମକୁ ସ୍ତବ୍ଧ ଚକିତ କରିଦେଲା। ମିସେସକୁ କହିଲି ଭଲ ଧୋତିଟିଏ ଦେବାକୁ। ତାକୁ ଚିରି ତଳେ ରଖିଲି, ମିଟୁକୁ ତା ଉପରେ ଶୁଆଇ ଦେଲି, ତାକୁ ଢାଙ୍କିବାକୁ ଯିବାବେଳେ ଆରାଧା ମୋ ହାତକୁ ଟାଣି କହୁଥାଏ ତାକୁ ବନ୍ଦ କରନା। ବୁଝାଇଲି, ତାକୁ ଗୋଟିଏ ଗାତ ଖୋଳି ପୋତିବା, ସେଥିରେ ଗଛ ଲଗାଇବା, ସେଠାରେ ଭଲ ଫୁଲ ଫୁଟିବ। ସେ ଫୁଲ ଦେଖିଲେ ମିଟୁ କଥା ମନେ ପକାଇବା। ମୁଁ ତାକୁ ଗୋଟିଏ କୁଲାରେ ନେଲି, ଆରାଧା ଶାବଳ ଟେ ଆଣିଲା। ପାଖ ଗଛରୁ କହିବାରୁ ଫୁଲ ତୋଳି ଆଣିଲା।

ଗାତ ଖୋଲିଲି, ମିଟୁକୁ ଭିତରେ ପୁରାଇଲି। ଚାରିଜଣ ଯାକ କାନ୍ଦି କାନ୍ଦି ଛିଡା ହୋଇଥାଉ। ମିଟୁ ଉପରେ ଫୁଲ ପକାଇଲି। ମାଟି ଦେଲାରୁ ଦୁଇ ଭଉଣୀ ମନା କରି କାନ୍ଦୁଥାନ୍ତି। ଚାହୁଁ ଚାହୁଁ କିଛି ସମୟ ପୂର୍ବରୁ ଆମ ଘରେ ଜୀବନ୍ତ ଥିବା ମିଟୁ ସେଇ ଗାତରେ ସମାଧି ହୋଇଗଲା।

କାନ୍ଦି କାନ୍ଦି ସମସ୍ତେ ଫେରିଲୁ। ବାଥ ରୁମରେ ଜଣ ପରେ ଜଣେ ଯାଇ ଗାଧୁଆ ସାରିଲୁ। କେହି ବି କିଛି ଖାଇଲୁ ନାହିଁ। ସତେ ଯେମିତି ଆମ ମନ ତାକୁ ଖୋଜୁଥାଏ।

ବାହାରେ ଚେୟାର ଟେ ପକାଇ ବସିଲି। ପାଖ ଗଛକୁ ଚାହିଁଲି। ମନେ ପଡ଼ିଲା ଆମ ଘରେ ତା ଜନ୍ମଠୁ ଆଜିଯାଏ ସ୍ମୃତି।

ସେଦିନ ଆମେ ଥିଲୁ ପଣ୍ଡିତ ସାର ଙ୍କ ଭଡା ଘରେ। ମୁଁ ଘରେ ବସି ସାର୍ଟ ଆଇରନ କରୁଥାଏ। ଭଡା ଘର ମାଉସୀଙ୍କ ସ୍ୱର ଶୁଭିଲା ଛାତ ଉପରୁ, ଏ ଶୀତଲ ଆ, ଦେଖିବୁ ଶୁଆଟେ। ଶୀତଳ ଓ ମୁଁ ଦୁହେଁ ଦୌଡ଼ି ଗଲୁ। ଦେଖିଲୁ ଶୁଆଟେ ଉଡି ଆସି ଛାତରେ ପଡିଛି। ମାଉସୀ ତାକୁ ଧରିଲେ। କହିଲେ ଶୀତଲ ନେବୁ କି ? ମୁଁ ରାଜି ନ ଥିଲି କାହିଁକି ନା ପୂର୍ବରୁ ଯେତେ କୁକୁର, ନେଉଳ, ଶୁଆ ରଖିଛି, ସେମାନେ ମରି ଯାଇଛନ୍ତି। ଝିଅର ଜିଦ କୁ କାଟି ନ ପାରି ହଁ ମାରି ଧରି ଆଣିଲି। ଏକ ଅଣ୍ଡା କାର୍ଟୁନରେ ପୁରାଇ ଗୋଟିଏ ପାଖ କଣା କରିଦେଲି। ସଂଗେ ସଂଗେ ମାର୍କେଟ ଯାଇ କିଣି ଆଣିଲି ଗୋଟିଏ ପଞ୍ଜୁରୀ। ରହିଲା ସେ ସେଇଠି, ଚାଲିଲା ତା ସହ ଭାବ ବିନିମୟ। ତାକୁ ମୁଁ ହୁଇସିଲ ମରା ଶିଖାଇଲି, ସେ ବି ଧୀରେ ଧୀରେ ଶିଖିଦେଲା। ଶୀତଲ ମୋତେ ପାପା ପାପା ଡାକେ ସେ ବି ଡାକିଲା। ପ୍ରତିଦିନ ତା ସହ ମୋର ଘଣ୍ଟେ ସମୟ ଯାଏ। ମାର୍କେଟ ଗଲେ ବୋଇତାଳୁ ମଞ୍ଜି, ପିଜୁଳି, ସେଓ....ଏଇମିତି ସବୁ ଜିନିଷ ଖୋଜି ଆଣେ। ଲୋକେ କୁହନ୍ତି ସାର ଶୁଆ ପାଇଁ ଆଜି ନେବେନି କି ?ମକା ସିଜନ ରେ ଆମ ଘରେ ମକା ଗଦା।

କୋଭିଡ ସମୟ ପ୍ରଥମେ ଶୁଣାଗଲା ପଶୁ ପକ୍ଷୀ ଦ୍ୱାରା କରୋନା ହେଉଛି। ମୁଁ ଘରେ କହିଲି ମୁଁ ତାକୁ ଅଲଗା ରୁମ ରେ ରଖିବି କିନ୍ତୁ ଉଡାଇ ଦେବି ନାହିଁ। ସେଇ କୋଭିଡ, ଲକ ଡାଉନ ରେ ମୋର ସମ୍ପୂର୍ଣ୍ଣ ଘରେ ରହିବାରେ ତା ସହ ଭାବ ବଢିଗଲା। ଅନନ୍ୟା ରେ ଚାଲିଲା କବିତା ପେଣ୍ଟା ଲେଖା, ମୁଁ ସପ ପକାଇ ତଳେ ବସି ଲେଖେ, ପାଖରେ ଥାଏ ମିଟୁ। ମୁଁ ପେନ ଓଠ ପାଖରେ ଦେଇ କଣ ଭାବୁଥିଲା ବେଳେ ସେ ମୋ ପେନ ଟାଣିନିଏ। ବେଳେବେଳେ ତା ଥଂଟରେ ପେନ ମୋ ହାତରେ ଆଉ ପାଖ। ଦୁହେଁ ଟଣା ଟଣି ହେଉ, ଘରେ ସମସ୍ତେ ଦେଖି ହସନ୍ତି। ମୋ ମୁଣ୍ଡରେ ବସି ଖୁମ୍ପେ, ମୋତେ ନିଦ ଆସିଯାଏ। ମୋ କାନ୍ଧରେ ବସି ମୋ କାନକୁ ଖୁମ୍ପେ। ମୁଁ ଶୋଇପଡିଲେ ମୋ ପିଠିକୁ ଆଉଜି ସେ ଶୁଏ।

ଅନନ୍ୟା ଅଡିଓ ଆସର ସହ ତାର ସମ୍ପର୍କ। ମୁଁ ଅଡିଓ କଲାବେଳେ ସେ ବି ଶବ୍ଦ କରି ପାପା...ଏ ପାପା ଡାକେ। ଯେବେ ଗାଁ କୁ ଯାଉ ତା ବ୍ୟବସ୍ଥା କରି ଯାଉ। ଜଣଙ୍କ ଘରେ ରଖି ତାର ବ୍ୟବସ୍ଥା କରି ଯାଇଥାଏ। ଏମିତିକି ପ୍ରତିଦିନ ଭିଡିଓ କଲରେ ତାକୁ ଦେଖୁ। ସମୟ ଅତିକ୍ରାନ୍ତ ହୋଇଯାଇଛି। ତା ପଞ୍ଜୁରି ଦାନ କରିଦିଆଯାଇଛି। ରାସ୍ତାରେ ଗଲାବେଳେ ତା ସମାଧି ଉପରେ ଲଗାଯାଇଥିବା ମନ୍ଦାର ଫୁଲ ଭିତରେ ସତେ ଯେମିତି ତା ଏ ପାପା ଡାକ ଶୁଭୁଛି। ଯେଉଁଠି ଶୁଆ ଦେଖିଲେ ମୁଁ ଆଖି ବୁଲେଇ ଚାଲିଯାଉଛି କାହିଁକି ନା ମୁଁ ଚାହୁଁଛି ମୁଁ କେମିତି ସେ ଅଭୁଲା ଅତୀତକୁ ଭୁଲିଯାଏ। ହେଲେ କଲମ ଧରିଲେ କବିତା ଲେଖିଲେ କି ଅଡିଓ କଲାବେଳେ ଝିଅ ଜନ୍ମଦିନ ପାଳିଲାବେଳେ ସେ ପୁଣି ସ୍ମୃତି ଫରୁଆରୁ ବାହାରି କହୁଛି ଏ ପାପା.... ତୁମ ହାତକୁ ଯେଉଁ ଖୁମ୍ପି ଥିଲି ସେ ଦାଗ ଗଲାଣି ନା ? ମୁଁ ମୋ ହାତର ତା ଖୁମ୍ପା ବିଣ୍ଡି ଦେଖି ଦୀର୍ଘ ନିଃଶ୍ୱାସଟେ ମାରି ରହିଯାଏ।

ଜମ୍ବରା, କେନ୍ଦୁଝର





# ଭାଗ୍ୟ

ଡଃ ତାନଶ୍ରୀ ପାଣିଗ୍ରାହୀ



ଏ ଜୀବନ କେତେବେଳେ ହସକୁରୀ ନଈ ତ କେତେବେଳେ ଫଟା ମାଟିର କ୍ଷେତ... ଫାଟର ଅଙ୍କା ବଙ୍କା ଗାରରେ ଲେଖା ହୋଇଥାଏ ଭାଗ୍ୟର ଗୋପନ ଇତିହାସ... ଯେମିତି ଘଟିଲା ଶ୍ୱେତାର ଜୀବନରେ...ବନ୍ଦିତା ଓ ବିଜୟ ସାମନ୍ତରାୟଙ୍କ ଅଲିଅଳି ଏକମାତ୍ର କନ୍ୟା ଶ୍ୱେତା ସାମନ୍ତରାୟ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ପ୍ରଥମ ଶ୍ରେଣୀ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲା ସେ.. ଜୀବନରେ ଜଣେ ଆଇଏଏସ ଭାବେ ପ୍ରତିଷ୍ଠା ଅର୍ଜନ କରିବ ବାପା ମାଆଙ୍କର ସ୍ୱପ୍ନ ଥିଲା। ତାପରେ ସେ ଆଇ. ଏ. ଏସ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ମଧ୍ୟ ହୋଇଥିଲା। ଅପେକ୍ଷା କରିଥିଲା କେବେ ସେ ଚାକିରୀରେ ଜଏନ କରିବ। ଏହାପରେ

ବନ୍ଦିତା ଓ ବିଜୟଙ୍କର ଜୀବନ ପାଇଁ ଓହ୍ଲେଇ ଆସିଥିଲା ଦୁର୍ଭାଗ୍ୟର ଅମାବାସ୍ୟା... ଏକ ସଡ଼କ ଦୁର୍ଘଟଣାରେ ସେମାନଙ୍କର ଜୀବନଚକ୍ର ଓଲଟପାଲଟ ହୋଇଗଲା...ଗୋଟିଏ ମୁହୂର୍ତ୍ତରେ ସ୍ୱାମୀ, ସ୍ତ୍ରୀ ଦୁହିଁଙ୍କର ମୃତ୍ୟୁ ହୋଇଥିଲା... ବଞ୍ଚିଯାଇଥିଲା ଶ୍ୱେତା... ହେଲେ ଶ୍ୱେତା ସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲା...ବଡ଼ ବଡ଼ ଡାକ୍ତରମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା...

ଶ୍ୱେତାର ଚଳନ ଶକ୍ତି ଆଉ ଫେରିଲା ନାହିଁ... ବାପା ମାଆ ଉଭୟଙ୍କୁ ହରାଇଲା ପରେ ନିଜର ଅକର୍ମଣ୍ୟ ଶରୀରକୁ ନେଇ ସେ ବହୁତ ଭାଙ୍ଗି ପଡ଼ିଲା... ତଥାପି ବାପା ମାଆଙ୍କ ଆଶାକୁ ପୂରଣ କରିବା ପାଇଁ ସେ ଘରେ ଏକ ଆଇ. ଏ.ଏସ କୋଚିଂ ସେଣ୍ଟର ଖୋଲିଲା...କ୍ଷ ହୁଇଲ ଚେୟାରରେ ବସି ସେ ପିଲାମାନଙ୍କୁ ଆଇ. ଏ ଏସ କୋଚିଂଦେଲା... ଜୀବନରେ କିଛି ହରେଇ ଥିଲେ ବି... ସେ ବାପା ମାଆଙ୍କ ସ୍ୱପ୍ନକୁ ପୁରା କରିବାକୁ ଚେଷ୍ଟା କରିଥିଲା। ସତରେ ସ୍ୱପ୍ନଟା କେବେ ଜୀବନ ନୁହେଁ... ଜୀବନ ବି ସ୍ୱପ୍ନ ନୁହେଁ...ଜୀବନର ଶେଷ ଉତ୍ତର ହିଁ ଭାଗ୍ୟ।

ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବାଲିଆଞ୍ଚବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫

# ଜୀବନର ଚଲାପଥେ

ସୀମା କାନୁନଗୋ





ଜୀବନ ପଥ ରେ ଚାଲୁ ଚାଲୁ ଅନେକ ଝଡ ଝଞ୍ଜା ର ସମ୍ମୁଖୀନ ହେବା କୁ ପଡ଼ିଥାଏ। ଯିଏ ଧୈର୍ଯ୍ୟର ସହିତ ସବୁ ବିପଦ କୁ ପାର କରି ଆଗେଇ ଚାଲେ ସେ ସଫଳ ବ୍ୟକ୍ତି ରୂପେ ସମାଜ ରେ ପରିଗଣିତ ହୁଏ। ଜୀବନ ପଥ ରେ ଏମିତି ଚାଲୁ ଚାଲୁ କେତେ ନିକଟ ସଂପର୍କୀୟଙ୍କୁ ଛାଡି ଆସିବାକୁ ପଡେ ତ ପୁଣି କେତେବେଳେ ନୂତନ ସଂପର୍କ ମାନ ଗଢି ହେଇଯାଏ। ବେଳେ ବେଳେ ପଥ ମଧ୍ୟ ରେ ବାଟବଣା ହେବାର ସମ୍ଭାବନା ଥାଏ। ଜୀବନ ପଥ ରେ ଚାଲୁ ଚାଲୁ ଆଜି ଶାନ୍ତନୁ ବାବୁ ପରିଣତ ବୟସ ରେ ଉପନୀତ। ଦୁନିଆ ଆଖି ରେ ଆଜି ସେ ଜଣେ ସଫଳ ବ୍ୟକ୍ତିତ୍ୱ। କିନ୍ତୁ ଏହି ସଫଳତା ପାଇବା ପାଇଁ ସେ ହରେଇଛନ୍ତି ଅନେକ ପ୍ରିୟଜନ ଙ୍କୁ। ଅବଶ୍ୟ ଜୀବନ ପଥ ରେ ଅନେକ ନୂତନ ସଂପର୍କ ସୃଷ୍ଟି ହେଇଛି, କିନ୍ତୁ ସେସବୁ ବ୍ୟବସାୟିକ ସଂପର୍କ, ସ୍ୱାର୍ଥ ର ସଂପର୍କ। ପଇସା ଉପାର୍ଜନ ଥିଲା ସେସବୁ ସଂପର୍କ ର ମୂଳଉତ୍ସ। ଧନ, ସଂପତ୍ତି, ଘର ଦ୍ୱାର, ନିଜସ୍ୱ କମ୍ପାନୀ, ଆଜି କ'ଣ ନାହିଁ ତାଙ୍କ ପାଖରେ। କିନ୍ତୁ ସେ ଅବିବାହିତ। ନିଜ ର ଦୁଃଖ ସୁଖ କୁ ବାଣ୍ଟିବା ପାଇଁ ସାଥି ଟିଏ ନାହିଁ ତାଙ୍କ ପାଖରେ। ଏତେବଡ ଜୀବନ କାଟିବା ପାଇଁ ଜୀବନ ସାଥୀ ର ଯେ ଆବଶ୍ୟକତା ରହିଛି, ତାହା ଏଇ ପରିଣତ ବୟସ ରେ ହୃଦେ ହୃଦେ ଅନୁଭବ କରୁଛନ୍ତି ଶାନ୍ତନୁ ବାବୁ। କିନ୍ତୁ ଏବ ଆଉ କରିବେ କ'ଣ...ବିବାହ ବୟସ ତ ଚାଲିଯାଇଛି। ପିଲାଟି ବେଳ ରୁ ପିତୃହରା ହୋଇ ମାତାଙ୍କ ତତ୍ତ୍ୱାବଧାନ ରେ ଜୀବନ ଅତିବାହିତ କରିଥିଲେ। ଉତ୍ତମ ଛାତ୍ର ହେଇଥିବା କାରଣ ରୁ ଭାରତ ସରକାରଙ୍କ ଠାରୁ ବୃତ୍ତି ପାଇ ମ୍ୟାନେଜମେଣ୍ଟ କରିବାକୁ ଆମେରିକା ଯାଇଥିଲେ। ସେଠାରୁ ଡିଗ୍ରୀ ନେଇ ଆସିବା ପରେ ଜୀବନ ଯେମିତି ତାଙ୍କର ବଦଳିଗଲା। ସେ ଦେଶ ର ଚାକଚକ୍ୟ ଭିତରେ ହଜିଗଲେ ସେ। ଟଙ୍କା ରୋଜଗାର ର ମୋହ ତାଙ୍କୁ ଏମିତି ଗ୍ରାସ କଲା ଯେ, ସବୁ ସଂପର୍କ କୁ ସେ ଭୁଲିଗଲେ। ବୃଦ୍ଧା ମାତା ବୋହୂ ଆଣି ନାତି ନାତୁଣୀ ଦେଖିବାର ସ୍ୱପ୍ନ କୁ ସେ ଧୂଳିସାତ କରିଦେଲେ। ମାତାଙ୍କ ଦୁଃଖ, କୋହ ତାଙ୍କୁ ଦେଖାଯାଇ ନଥିଲା। ରୋଗ ଦୁଃଖ ରେ ତାଙ୍କ ଜୀବନ ଚାଲିଯାଇଥିଲା। ସେତେବେଳେ ଆମେରିକା ରେ ଥାଇ ପୁଣେ ଟଙ୍କା ପଠେଇ ଦେଇଥିଲେ ଦାଦା, ଖୁଡୀ ଙ୍କ ପାଖ କୁ। ଏଗାର ଦିନ ଆସି କୁଣିଆ ପରି ଚାଲି ଯାଇଥିଲେ ସେ। ଶାନ୍ତନୁ ବାବୁଙ୍କ ଏପରି ବ୍ୟବହାର ରେ ସବୁ ନିକଟ ସଂପର୍କୀୟ ମାନେ ଦୂରେଇ ଗଲେ। ଟଙ୍କା ରୋଜଗାର ର ମୋହ ଏମିତି ଥିଲା ଯେ ଶାନ୍ତନୁ ବାବୁ ଏ ସଂପର୍କ ର ମୋହ କୁ ବୁଝିପାରିନଥିଲେ। ଟଙ୍କା ଉପାର୍ଜନ ମେସିନ ପାଲଟି ଯାଇଥିଲେ ସେ। ଟଙ୍କା ବଳ ରେ ସବୁକିଛି ପାଇପାରିବେ ବୋଲି ତାଙ୍କର ଧାରଣା ହେଯାଇଥିଲା। କିନ୍ତୁ ଆଜି ସେ ଏକାକୀ ନିଜ ଜୀବନ ର ସମୀକ୍ଷା କରୁଥିଲେ। କେତେ ହରେଇଛନ୍ତି ଆଉ କେତେ ପାଇଛନ୍ତି... ।ଟଙ୍କା ସବୁକିଛି ନୁହଁ, ସେ ଏଇ ଜୀବନ ର ସାୟାହ୍ନ ରେ ବୁଝି ପାରିଛନ୍ତି। ଜୀବନ ର ଚଲାପଥ ରେ ସାଥୀ ଟିଏ ଥିଲେ ବାଟ ଚାଲିବାକୁ ସହଜ ହୁଏ, ମନ ଟିକୁ ବୁଝିପାରୁଥିବା ସାଥି ଟିଏ ଲୋଡା ହୁଏ ଜୀବନ ରେ। କିନ୍ତୁ ଶାନ୍ତନୁ ବାବୁ ପଇସା ଥାଇ ମଧ୍ୟ ବେସାହାରା। ସବୁ ନିକଟ ସଂପର୍କୀୟ ମାନଙ୍କ ପାଖରୁ ନିଜେ ଦୂରେଇ ଯାଇଛନ୍ତି ଜୀବନ ପଥ ରେ ଚାଲୁ ଚାଲୁ... ଭାବି ଭାବି ଲୁହ ଦୁଇଧାର ଗଡ଼ି ଆସିଲା ତାଙ୍କର ଚିବୁକ ଦେଇ।

ଆଇନଜୀବୀ, ଭୁବନେଶ୍ୱର

# ନିତି ଭାଙ୍ଗେ.. ନିତି ଗଢ଼େ

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ



କିଛି ଦିନ ତଳେ ଓଡ଼ିଶାର ଜଣେ ସୁବକ୍ତା ଆମ ମହାବିଦ୍ୟାଳୟର ଏକ ବକ୍ତୃତାମାଳାରେ 'ସ୍ୱପ୍ନ ଦେଖିବା ଜରୁରୀ' ଶୀର୍ଷକ ଏକ ସୁନ୍ଦର ବକ୍ତବ୍ୟ ରଖିଥିଲେ। ଜୀବନରେ ସ୍ୱପ୍ନ ଦେଖିବା ନିଶ୍ଚୟ ଜରୁରୀ। ସ୍ୱପ୍ନ ନାହିଁ ତ ଆକାଂକ୍ଷା ନାହିଁ। ଜୀବନର ଉଦ୍ଦେଶ୍ୟ ବି ନାହିଁ। ନିସନ୍ଦେହ, ସେ ଅନେକ ସକରାତ୍ମକ ବାସ୍ତବତା ଆଡ଼କୁ ପିଲାମାନଙ୍କ ଧାନ ଆକର୍ଷଣ କରିଥିଲେ। ମାତ୍ର ମୋର ମନରେ ଆଉ ଏକ କ୍ଷୋଭ ଜାତ ହେଉଥିଲା। ସେଇ ସ୍ୱପ୍ନ ମାନଙ୍କ ବିଷୟରେ, ଯାହାକୁ ଆମେ ବଞ୍ଚିବାର ପ୍ରେରଣା ଭାବରେ ତ ନେଉ ହେଲେ କେବେ ପୂରଣ କାଟି ପାରୁନା। ମୁଁ କୌଣସି ଅବାସ୍ତବ କିମ୍ବା ଅସମ୍ଭବ ସ୍ୱପ୍ନ କଥା କହୁନାହିଁ। ମୁଁ ସେଇ ସ୍ୱପ୍ନମାନଙ୍କ ବିଷୟରେ କହୁଚି ଯାହାକୁ ଆମ ସମାଜ, ପରିବାର ଓ ନିଜର ଲୋକମାନେ ହିଁ ଭାଙ୍ଗି ଦିଅନ୍ତି। ଆସନ୍ତୁ ପ୍ରଥମେ ସ୍ୱପ୍ନର ପ୍ରକାର ଭେଦ ବିଷୟରେ ଜାଣିବା।

ସ୍ୱପ୍ନ ମୁଖ୍ୟତଃ ତିନି ପ୍ରକାର। ନିଦରେ ଆସୁଥିବା ସ୍ୱପ୍ନ, ଦିବାସ୍ୱପ୍ନ ବା କଳ୍ପନା ଓ ଆଶା ବା ଆକାଂକ୍ଷା।ମିଶର ଏବଂ ଗ୍ରୀସ୍ ଭଳି ଅନେକ ପ୍ରାଚୀନ ସମାଜରେ, ସ୍ୱପ୍ନ ଦେଖିବା ଏକ ଅଲୌକିକ ଯୋଗାଯୋଗ କିମ୍ବା ଦିବ୍ୟ ହସ୍ତକ୍ଷେପର ଏକ ମାଧମ ଭାବରେ ବିବେଚନା କରାଯାଉଥିଲା, ଯାହାର ବାର୍ତ୍ତା ଏହି ସମ୍ବନ୍ଧିତ ଆଧାତ୍ମିକ ଶକ୍ତି ଥିବା ଲୋକଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇପାରିବ। ଆଧୁନିକ ଯୁଗରେ, ମନସ୍ତତ୍ତ୍ୱ ଏବଂ ସ୍ନାୟୁଜୀବ ବିଜ୍ଞାନର ବିଭିନ୍ନ ବ୍ୟାଖ୍ୟାକାର ସ୍ୱପ୍ନର ଅର୍ଥ ଏବଂ ଉଦ୍ଦେଶ୍ୟ ବିଷୟରେ ତତ୍ତ୍ୱ ପ୍ରଦାନ କରିଛନ୍ତି। 'ଦି ଇଣ୍ଟରପ୍ରିଟେସନ୍ ଅଫ୍ ଡ୍ରିମ୍ସ' ପୁସ୍ତକରେ ରେ, ପ୍ରସିଦ୍ଧ ମନସ୍ତତ୍ତ୍ୱବିତ୍ ସିଗମଣ୍ଡ ଫ୍ରଏଡ୍ ଯୁକ୍ତି ଦେଇଥିଲେ ଯେ ସମସ୍ତ ସ୍ୱପ୍ନର ବିଷୟବସ୍ତୁ ହେଉଛି ଛଦ୍ମବେଶୀ ଇଚ୍ଛା-ପୂର୍ତ୍ତି।

ଫ୍ରଏଡ୍ଙ୍କ ଅନୁସାରେ, ସ୍ୱପ୍ନର ସଂରଚନା ପ୍ରାୟତଃ ପୂର୍ବ ଦିନର ଘଟଣାବଳିର ପୁନରାବୃତ୍ତି, ଯାହାକୁ ସେ 'ଦିନର ଅବଶିଷ୍ଟାଂଶ' ବୋଲି କହିଥିଲେ। ତାଙ୍କ ବିଶ୍ଳେଷଣ ଅନୁସାରେ ସ୍ୱପ୍ନର ତଥାକଥିତ 'ପ୍ରକାଶିତ ବିଷୟବସ୍ତୁ' ପ୍ରକୃତରେ ଅବଚେତନରେ ଥିବା 'ସୁପ୍ତ ଇଚ୍ଛା'ର ପରିପ୍ରକାଶ। ସ୍ୱପ୍ନର ପ୍ରକୃତ ଅର୍ଥ ବୁଝିବାକୁ ଆମେ ଚେଷ୍ଟା କରୁନା ବା ବୁଝିବାକୁ ଅକ୍ଷମ ହେଉ। ପରବର୍ତ୍ତୀ ସମୟରେ ସେ ଏହାକୁ ଇଚ୍ଛା, ଅହଙ୍କାର, ଚେତନା ଆଦି ସହ ସଂଯୋଗ କରିଥଲେ ମାତ୍ର, ପ୍ରକୃତ ପକ୍ଷରେ ସ୍ୱପ୍ନର ବ୍ୟାଖ୍ୟା କରିବା ଏତେ ସହଜ ନୁହେଁ। ଅନେକ ସମୟରେ କିଛି ସ୍ୱପ୍ନାଂଶ ଆମକୁ ଚମତ୍କୃତ କରିଥାଏ, ଯାହା ବିଷୟରେ ଆମେ କେବେ ଚିନ୍ତା କରି ନ ଥାଆନ୍ତି। ଗୁଡ଼ିଏ ଖଣ୍ଡିତ ଦୃଶ୍ୟ ଅବଚେତନରେ ଏକ ପୂର୍ଣ୍ଣାଙ୍ଗ କାହାଣୀର ରୂପ ନିଏ ଯାହାକୁ କହିଲା ବେଳେ ଆମେ ଆଖିଦେଖା ଘଟଣା ପରି ବର୍ଣ୍ଣନା କରି ଥାଉ। ଅନେକ ସମୟରେ କୌଣସି ଅଜଣା ଜାଗା, ବ୍ୟକ୍ତି ବା ଘଟଣାର ପୁନରାବୃତ୍ତି ହେବା ପରି ଲାଗେ, ଯାହାକୁ ଆମେ ଦେଜା - ଭୁ ବୋଲି କହିଥାଉ। ମାତ୍ର ଏସବୁ ସ୍ୱପ୍ନରେ ଦେଖିଥିବା ପୂର୍ବାଭାସ ମାତ୍ର।




ନିଜର କୌଣସି ଅବାସ୍ତବ ଅଭିଳାଷକୁ ପୂରଣ କରିବା ପାଇଁ ବେଳେବେଳେ ମଣିଷ ଦିବାସ୍ୱପ୍ନ ଦେଖୁଥାଏ। ସମ୍ପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ, ସ୍ୱପ୍ନକୁ ପୂରଣ ହେଉଥିବାର ସେ ଦେଖେ। ଯେପରି ନିଜ ମନପସନ୍ଦ ଜୀବନସାଥି ସହ ଅନ୍ତରଙ୍ଗ ମୁହୂର୍ତ୍ତ, ବିବାହ, ବିଦେଶ ଯାତ୍ରା, ଯୋଗ୍ୟତା ନଥାଇ ଅର୍ଥ ବା ପ୍ରତିପତ୍ତି ଲାଭ, ଅଜଣା ଅଲୌକିକ ଘଟଣା ଇତ୍ୟାଦିର ସ୍ୱପ୍ନାନ୍ତର। ଏହା ସମୟେ ସମୟେ ଅପରାଧ କୁ ମଧ ଜନ୍ମ ଦିଏ। ଦୁଷ୍କର୍ମ, ହତ୍ୟା, ଆତ୍ମହତ୍ୟା ଇତ୍ୟାଦିର ଏହା ଉତ୍ ପ୍ରେରକ। ଆଧୁନିକ ମଣିଷର ଏହି ଅବାସ୍ତବ ସ୍ୱପ୍ନର ତାଲିକା ଖୁବ୍ ଲମ୍ବା। ଏହା ସାମୟିକ ଭାବରେ ପରିତୃପ୍ତି ଦିଏ ମାତ୍ର ପରବର୍ତ୍ତୀ ସମୟରେ ନିଜର ଅସ୍ତିତ୍ୱ ହରାଏ।

ଜୀବନରେ ଯାହା ଦେଖିବା ଜରୁରୀ ତାହା ହେଉଛି କ୍ଷମତା ଅନୁଯାୟୀ ଲକ୍ଷ୍ୟ ସାଧନ। ଏଥିପାଇଁ ପିଲାବେଳୁ ଅଭିଭାବକଙ୍କଠାରୁ ଦିଗ୍ ଦର୍ଶନ ଆବଶ୍ୟକ। ଶିକ୍ଷକମାନଙ୍କ ପ୍ରେରଣା, ସାମାଜିକ ସ୍ୱୀକୃତି ଗୋଟିଏ ଅସମ୍ଭବ ମନେ ହେଉଥିବା ସ୍ୱପ୍ନକୁ ମଧ ସାକାର କରି ଦେଖାଇଥାଏ। ମୋର ଶ୍ରେଣୀରେ ମୁଁ ସବୁବେଳେ ସ୍ୱପ୍ନଭରା ଚିକ୍ ଚିକ ଆଖି ମାନଙ୍କୁ ଖୋଜେ। କିଛି କରି ଦେଖାଇବାର ଝୁଙ୍କ୍ ତାଙ୍କ ଭିତରେ ଥାଏ। ଦୁଃଖର କଥା, ବୈଷୟିକ ଜ୍ଞାନ, ସାମାଜିକ ଓ ପାରିବାରିକ ପରିସ୍ଥିତିରେ ପରିବର୍ତ୍ତନ ଆସିବା ସତ୍ତ୍ୱେ ସ୍ୱପ୍ନ ଦେଖାଳୀ ମାନଙ୍କର ଅବକ୍ଷୟ ଘଟି ଚାଲିଛି। ଆମେ ଶ୍ରେଣୀରେ ନାରୀବାଦ ପଢ଼ାଉ, ମାତ୍ର ଝିଅ ମାନେ ଗୋଟିଏ ଅସ୍ମିତା ର ସ୍ୱପ୍ନ ଦେଖନ୍ତି ନାହିଁ। ସ୍ୱପ୍ନ ଭାଙ୍ଗିଯିବାର ଭୟରେ ସେମାନେ ନିଜର ଦୃଷ୍ଟିକୁ ମଧ ସୀମିତ କରି ଦିଅନ୍ତି। ସ୍ୱପ୍ନ ଦେଖନ୍ତି କେବଳ ବିବାହର ଯାହାର ସକଳ ରୋମାଞ୍ଚ ମାସ କେଇଟାରେ ତୁଟି ଯାଏ। ଅଧିକାଂଶ ଲୋକ ଜାଣନ୍ତି ନାହିଁ ଯେ ଜୀବନର ଲକ୍ଷ୍ୟ କଣ, ସ୍ୱପ୍ନ କଣ ଓ ବାସ୍ତବତା କଣ। ଚାକିରୀ ପାଇବା, ବିବାହ କରିବା କେବଳ ମାତ୍ର ଆବଶ୍ୟକତା। ଜୀବନର ସ୍ୱପ୍ନ ନୁହେଁ। ସ୍ୱପ୍ନ ତ ଏପରି ହେବା ଉଚିତ୍ ଯାହା ବିବେକ ଦ୍ୱାରା ଅନୁଦିତ ଓ ହୃଦୟ ଦ୍ୱାରା ଗୃହୀତ ହେଉଥିବ। ଲକ୍ଷ୍ୟ ପୂରଣ କରୁ କରୁ ଯଦି ଜୀବନରୁ ଶାନ୍ତି ଚାଲିଯାଏ ତେବେ ସେ ସ୍ୱପ୍ନ କେଉଁ କାମର? ଥରେ ଜଣେ ବୟସ୍କ ଲେଖିକାଙ୍କୁ ପଚାରିଥିଲି ତାଙ୍କ ଆଜୀବନ ଅବିବାହିତା ରହିବାର କାରଣ। ସେ କହିଥିଲେ ଯେ ପରିବାରର ସମସ୍ତଙ୍କ ସ୍ୱପ୍ନ ପୂରଣ କରୁ କରୁ ସେ ନିଜସ୍ୱ ସ୍ୱପ୍ନଟି ଭୁଲି ଯାଇଛନ୍ତି। ତେବେ, ମନରେ କଣ ଅତୃପ୍ତି ଆସୁନଥିବ? ନିଜକୁ ସନ୍ତୁଷ୍ଟ କରି ନ ପାରିବାର ଅତୃପ୍ତି? ନିତି କଣ ସେ ଗୋଟେ ସ୍ୱପ୍ନ ଦେଖୁ ନଥିବ? ସେ ସ୍ୱପ୍ନଟି ତୁଟିଗଲେ ଆଉ ଥରେ ସ୍ୱପ୍ନଟିଏ ବୁଣୁ ନଥିବ? ସ୍ୱପ୍ନ ତ ବାଲିଘର ପରି। ନିତି ଗଢା ହୁଏ। ପୁଣି ଭାଙ୍ଗେ। ପୁଣି ଗଢା ହୁଏ। ତେବେ ସ୍ୱପ୍ନ ଦେଖିବାକୁ ଏତେ ଡର କାହିଁକି? ସ୍ୱପ୍ନ ତ ସଭିଏଁ ଦେଖନ୍ତି। ମାତ୍ର ପୂରଣ କରିବାର ତାକତ କେବଳ କିଛି ଜଣଙ୍କ ପାଖରେ ହିଁ ଥାଏ। ସେହି ମାନେ ହିଁ ହୋଇ ପାରନ୍ତି ବିଶ୍ୱ ବିଜୟୀ। ବର୍ତ୍ତମାନ ଏକ ନୂତନ ଟ୍ରେଣ୍ଡ ଚାଲିଛି। କୃତ୍ରିମ ବୁଦ୍ଧିମତ୍ତା ସମସ୍ତଙ୍କୁ ଶାଢ଼ି ପିନ୍ଧାଇବାରେ ବ୍ୟସ୍ତ। ସାଧାରଣ ଭାରତୀୟ ନାରୀ କଣ ଶାଢ଼ୀ ପିନ୍ଧି ଶିଖି ନାହିଁ? ତେବେ, ଟ୍ରେଣ୍ଡ ରେ ରହିବାର ମୋହ ଏକ ସେଲିବ୍ରିଟୀ ହେବାର ମୋହ ସୃଷ୍ଟି କରେ ଓ ଏହି ମହସ୍ରୋତରେ ସଭିଏଁ ଭାସି ଯାଆନ୍ତି। ଆଗତ ଭବିଷ୍ୟତ କଥା ପାଶୋରି ପକାଇବା ମଧ ଅଦୂରଦର୍ଶିତା ର ଏକ ପରିଚୟ। ସ୍ୱପ୍ନ ଦେଖିବା ଓ ତା ପାଇଁ ତ୍ୟାଗ କରିବା ହିଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଣିଦିଏ। ମୋର ଜନୈକ ଛାତ୍ର ପ୍ରଥମ ବର୍ଷରେ ପ୍ରଶାସନିକ ଅଧିକାରୀ ହେବାର ସ୍ୱପ୍ନ ଦେଖୁଥିବା ବେଳେ ଦ୍ୱିତୀୟ ବର୍ଷରେ ଘର ଲୋକେ ପାଠ ଛଡ଼ାଇ ଦେଇ ଘରେ ବସାଇବା ଏକ ସ୍ୱପ୍ନର ହତ୍ୟା ନୁହେଁ କି? ଗୋଟିଏ ସ୍ୱପ୍ନ ମରିଗଲେ ଗୋଟିଏ ଜୀବନ ମରିଯାଏ। ନିଜର ମୃତ ଶରୀରକୁ କେବଳ ନିଜେ ବୋହି ଚାଲିଥାଏ ମଣିଷ। ଜୀବନ ସରିଯିବ ପୂର୍ବରୁ ନିଜ ପାଇଁ କିଛି କ୍ଷଣ ଜୀଇ ଗଲେ କ୍ଷତି କଣ?: ଏଇ ସ୍ୱପ୍ନ ମାନେ ଯଦି ବାଲିଘର ହୁଅନ୍ତି, ତେବେ ଆମେ ସବୁ ଜଣେ ଜଣେ ଯାଯାବର। କେବଳ ନିଜର କ୍ଷମତାକୁ ଚିହ୍ନିବା ଚାହି।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪



ପବିତ୍ର ମହାଳୟା ଅବସରରେ ବିନ୍ଦୁସାଗର କୂଳରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କୁ ପିଣ୍ଡଦାନ କରୁଛନ୍ତି।

### ଏମ୍ସ ଭୁବନେଶ୍ୱରରେ ୧୩ଶ ବାର୍ଷିକ ଉତ୍ସବ

# ବର୍ଷକରେ ୧୧ ଲକ୍ଷ ପାଇଛନ୍ତି ଚିକିତ୍ସା ସେବା

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଆଜି ତ୍ରୟୋଦଶ ବାର୍ଷିକ ଉତ୍ସବକୁ ପ୍ରତିବଦ୍ଧତା ଏବଂ ଉତ୍ସାହର ସହିତ ପାଳନ କରିଛି। ଉଲ୍ଲେଖନୀୟ ସ୍ୱାସ୍ଥ୍ୟସେବା ସଫଳତା, ଡିଜିଟାଲ୍ ନବସୃଜନ ଏବଂ ଶିକ୍ଷାଗତ ଉତ୍କର୍ଷତାର ଏହି ବର୍ଷରେ ନବସୃଜନ ଏବଂ ଗବେଷଣାକୁ ଗୁରୁତ୍ୱାରୋପ କରାଯାଇଛି। କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱରର ପ୍ରଥମ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବ ଭାରତରେ ଚିକିତ୍ସା ସେବାକୁ ରୂପାନ୍ତରିତ କରିବାରେ ଏମ୍ସର ଅବଦାନକୁ ପ୍ରଶଂସା



କରିଥିଲେ। ସେହିପରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏମ୍ସ ଭୁବନେଶ୍ୱରର ପ୍ରଗତି ପଛରେ ସାମୂହିକ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସ ପକ୍ଷରୁ ସାମଗ୍ରିକ ରୋଗୀ ସେବା ଉପରେ ଧ୍ୟାନ ଦେଇ ଜଟିଳ, ଜୀବନ ରକ୍ଷାକାରୀ ଅସ୍ତ୍ରୋପଚାର କରାଯାଉଛି। ଖୁବ୍‌ଶୀଘ୍ର ଏମ୍ସ ଭୁବନେଶ୍ୱରରେ ଯକୃତ ପ୍ରତିରୋପଣ, ସ୍କିନ୍ ବ୍ୟାଙ୍କ ସହିତ ଅନ୍ୟାନ୍ୟ ଏକାଧିକ ରୋଗୀ କଲ୍ୟାଣକାରୀ ସୁବିଧା ପ୍ରତିଷ୍ଠା ହେବ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏମ୍ସରେ ଗତ ଏକ ବର୍ଷରେ ୧୧ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ସେହିପରି ଆଭା (ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ) ପଞ୍ଜୀକରଣ ମାଧ୍ୟମରେ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଯୋଡ଼ାଯାଇଛି। ୨୦୨୫ ଶିକ୍ଷାବର୍ଷ ପାଇଁ ଏମ୍ସକୁ ଏନ୍‌ଆଇଆରଏଫରେ ୧୪ତମ ସ୍ଥାନ ମିଳିଛି ଯାହାକି ସମଗ୍ର ପୂର୍ବ ଭାରତରେ ଶ୍ରେଷ୍ଠ। ୨୦୨୧ରେ ଏମ୍ସକୁ ୩୧ତମ ସ୍ଥାନ ମିଳିଥିଲା। ଏଥିସହିତ ମର୍ଯ୍ୟାଦାଜନକ ଇଣ୍ଡିଆ ଟୁଡେ ସର୍ଭେରେ ମଧ୍ୟ ଦେଶରେ ଏହି ପ୍ରତିଷ୍ଠାନ ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜର ମାନ୍ୟତା ପାଇଛି। ଡିନ୍ (ଏକାଡେମିକ୍ସ) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ଭାରପ୍ରାପ୍ତ ମେଡିକାଲ୍ ଅଧୀକ୍ଷକ ଡ. ଅଶୋକ କୁମାର ଜେନା, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂ, ଡିଡିଏ ଅଭିଜିତ ସରକାର ଉପସ୍ଥିତ ଥିଲେ।

## ବିଜେବି ଫ୍ରେଣ୍ଡ୍ସ ପକ୍ଷରୁ ଗାନ୍ଧି ଦର୍ଶନ ଉପରେ ପ୍ରତିଯୋଗିତା

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ଆଜି ବିଜେବି କଲେଜ ପୁରାତନ ଛାତ୍ରଛାତ୍ରୀ ସଂଗଠନ 'ବିଜେବି ଫ୍ରେଣ୍ଡ୍ସ' ପକ୍ଷରୁ ମହାତ୍ମା ଗାନ୍ଧିଙ୍କ ଜୀବନୀ ଓ ଦର୍ଶନ ଉପରେ ଏକ ଆନ୍ତଃ ମହାବିଦ୍ୟାଳୟ ବକ୍ତୃତା, ରଚନା ଓ କୁଇଜ୍ ପ୍ରତିଯୋଗିତା ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ପ୍ରାୟ ୩୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଓଡ଼ିଆ ବିଭାଗରେ ବିଜେବି ମହାବିଦ୍ୟାଳୟର ଦୁର୍ଗାପ୍ରସାଦ ସାହୁ ପ୍ରଥମ, ପ୍ରାଣନାଥ ମହାବିଦ୍ୟାଳୟର ମଧୁସ୍ମିତା ସେନା ଓ ରାଜଧାନୀ ମହାବିଦ୍ୟାଳୟର ଆଲିଶା ସେନାପତି ଯୁଗ୍ମ ଦ୍ୱିତୀୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଦେବାଶିଷ ବାରିକ ଓ ସୋନାଲି ଚମ୍ପତି ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଇଂରାଜୀ ବିଭାଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ମାନସୀ ପଣ୍ଡା ପ୍ରଥମ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ଣ୍ଣମାସୀ ଶତପଥୀ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମୀକ୍ଷା ଚୌଧୁରୀ ତଥା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଞ୍ଚଲ ପଣ୍ଡା ଓ ଡିଏଭି ସ୍କୁଲ ଅଫ ମ୍ୟାନେଜମେଣ୍ଟର ଆଦିଶ୍ୟା ମହାପାତ୍ର ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୁଇଜ୍ ପ୍ରତିଯୋଗିତାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଶୁଭମ୍ ନାୟକ ଓ ରୁଦ୍ର ଚୌଧୁରୀ ପ୍ରଥମ, କିଟ୍ ବିଶ୍ୱବିଦ୍ୟାଳୟର ଆଶିଷ ମହାପାତ୍ର ଓ ସୌମ୍ୟଦୀପ୍ ମହାପାତ୍ର ଦ୍ୱିତୀୟ ଏବଂ ମନୀଷା ରାଣୀ ପାଣ୍ଡେ ଓ ତୃପ୍ତିକା ରାଣୀ ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆହୁରି ରଚନା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କ ନାମଲେଖା ମୂଲ୍ୟାଙ୍କନ ପରେ ଘୋଷଣା କରାଯିବ। ଏହି ପ୍ରତିଯୋଗିତାକୁ ବିଜେବି ଫ୍ରେଣ୍ଡ୍ସର ସଦସ୍ୟ ନମିତା ପଟ୍ଟନାୟକ, ପ୍ରଦ୍ୟୋତ କୁମାର ନାୟକ, ଭୁବନାନନ୍ଦ ପଣ୍ଡା, ବିଭାବରୀ ବଳ, ସମ୍ପ୍ରିତି ପଣ୍ଡା ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଗାନ୍ଧି ଜୟନ୍ତୀ ଅବସରରେ ବିଜେବି କଲେଜରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ନଗଦ ଅର୍ଥ ସହ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ସଭାପତି ଦେବାଶିଷ ପଟ୍ଟନାୟକ ଓ ସମ୍ପାଦକ ସତ୍ୟବ୍ରତ ଧୂପାଳ ସୂଚନା ଦେଇଛନ୍ତି।

● ଭୋଟ ଚୋରି ଅଭିଯୋଗ ପ୍ରସଙ୍ଗ

## କଂଗ୍ରେସର ସ୍ୱାକ୍ଷର କାର୍ଯ୍ୟକ୍ରମ ଆରମ୍ଭ



**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ଦେଶର ବିଭିନ୍ନ ରାଜ୍ୟରେ ଭୋଟ୍ ଚୋରି ମାଧ୍ୟମରେ ନିର୍ବାଚନ କମିଶନ୍ କେନ୍ଦ୍ରରେ କ୍ଷମତାସୀନ ବିଜେପିକୁ ସହଯୋଗ କରୁଥିବା ନେଇ ଦୀର୍ଘ ଦିନ ହେଲା କଂଗ୍ରେସର ବରିଷ୍ଠ ନେତା ରାହୁଲ୍ ଗାନ୍ଧି ଅଭିଯୋଗ କରିଆସିଛନ୍ତି। ଏନେଇ ରାହୁଲ୍ 'ଭୋଟ୍ ଚୋର ଗାଦି ଛାଡ଼' ନାରା ଦେଇଆସୁଥିବା ବେଳେ ଏହାକୁ ରାଜ୍ୟର କୋଣଅନୁକୋଣରେ ପହଞ୍ଚାଇବା ସକାଶେ ଆଜି ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ବିଭାଗ ପକ୍ଷରୁ କଂଗ୍ରେସ ଭବନଠାରେ ଦସ୍ତଖତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଦାସ ଭୋଟର ତାଲିକାରେ ଅନିୟମିତତା କରି କେନ୍ଦ୍ରରେ ମୋଦି ସରକାର ଓ ରାଜ୍ୟରେ ମୋହନ ସରକାର କ୍ଷମତାକୁ ଆସିଥିବା କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦେଶ ତଥା ରାଜ୍ୟରେ ଏକ ନିର୍ବାଚିତ ସରକାର ନୁହେଁ, ବରଂ ଏକ ଭୋଟ ଲୁଣ୍ଠନକାରୀ ସରକାର କ୍ଷମତାରେ ରହିଥିବା କହିଛନ୍ତି। ସେହିପରି ଏହି ପ୍ରସଙ୍ଗରେ ଆଗାମୀ ଦିନରେ ରାଜ୍ୟର ୧୧ଟି ଜନବହୁଳ ସହରରେ ଏକକାଳୀନ ସାମ୍ବାଦିକ ସମ୍ମିଳନୀ ଆୟୋଜନ ନେଇ ମଧ୍ୟ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

■ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା

# ଓଏସ୍‌ଟିଜିଟି ସଂଘ ଆନ୍ଦୋଳନ ପ୍ରତ୍ୟାହୃତ

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ଆଜି ବିଧାନସଭା ସମ୍ମୁଖରେ ବିଭିନ୍ନ ଦାବି ନେଇ ଓଡ଼ିଶା ମାଧ୍ୟମିକ ପ୍ରଶିକ୍ଷିତ (ସ୍ନାତକ) ଶିକ୍ଷକ ସଂଘ (ଓଏସ୍‌ଟିଜିଟି) ପକ୍ଷରୁ ଆନ୍ଦୋଳନ ହୋଇଥିଲା। ତେବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସହ ସଂଘର ଏକ ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ରାଜ୍ୟର ବିଭିନ୍ନ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଟ୍ରେଣ୍ଡ ଗ୍ରାଜୁଏଟ ଶିକ୍ଷକ ଭାବେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ଭାଗ୍ୟ ଭବିଷ୍ୟତ, ସେମାନଙ୍କର ଏକମାତ୍ର ନ୍ୟାୟୋଚିତ କ୍ୟାଡର ପୁନର୍ଗଠନ ଦାବି ପ୍ରତି ଉଦାସୀନ ରହି ଅବହେଳା ପ୍ରଦର୍ଶନ କରିଆସୁଥିଲେ। ତେଣୁ ଏହାର ପ୍ରତିବାଦରେ ଆଜି ସ୍ଥାନୀୟ ମହାତ୍ମା ଗାନ୍ଧି ମାର୍ଗରେ ହଜାର ହଜାର ସଂଖ୍ୟାରେ ଶିକ୍ଷକଶିକ୍ଷୟିତ୍ରୀ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ୩୨ ବର୍ଷ ଧରି ଏକ ତ୍ରୁଟିପୂର୍ଣ୍ଣ ଓ ଦୂରଦୃଷ୍ଟିହୀନ ନୀତି ଯୋଗୁଁ ମାଧ୍ୟମିକ ସ୍କୁଲ୍ ଟ୍ରେନ୍ଡ ଗ୍ରାଜୁଏଟ କଳା ଓ ବିଜ୍ଞାନ ଶିକ୍ଷକ ଶୋଷିତ ହୋଇଆସୁଛନ୍ତି। ରାଜ୍ୟ ସରକାର ବିଭିନ୍ନ ବିଭାଗର ଶତାଧିକ କ୍ୟାଡର ପୁନର୍ଗଠନ କରିଥିଲେ ହେଁ ମାଧ୍ୟମିକ ଟ୍ରେନ୍ଡ ଗ୍ରାଜୁଏଟ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କେବଳ ଗୋଟିଏ ପଦୋନ୍ନତି ଅଥବା ଆଉ ଗୋଟିଏ ବର୍ଦ୍ଧିତ ଦରମାରେ ସୀମାବଦ୍ଧ ରଖି ଅବସର ଦେଇଆସୁଛନ୍ତି। ତେଣୁ ଆସନ୍ତା ଦୁଇ ମାସ ମଧ୍ୟରେ ସଂଘ ପ୍ରଦତ୍ତ କ୍ୟାଡର ପୁନର୍ଗଠନ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ଟ୍ରେଣ୍ଡ ଗ୍ରାଜୁଏଟ (କଳା ଓ ବିଜ୍ଞାନ) ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସର୍ବନିମ୍ନ ୪ରୁ ୫ଟି ପଦୋନ୍ନତି ଦିଆନଗଲେ ରାଜ୍ୟର ହଜାର ହଜାର ଟ୍ରେନ୍ଡ ଗ୍ରାଜୁଏଟ ଶିକ୍ଷକଶିକ୍ଷୟିତ୍ରୀ ଚରମ ନିଷ୍ପତ୍ତି ନେବେ ବୋଲି ସଂଘର ରାଜ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି, ବିଜୟ ମଲ୍ଲ, ମନୋଜ ଜେନା, ଦେବାଶିଷ ଜେନା, ଅନ୍ତର୍ଯ୍ୟାମୀ ବେହେରା, କୃଷ୍ଣଚନ୍ଦ୍ର ଜେନା, ବିପିନ ସାହୁ, ସଞ୍ଜୟ ସାହୁ, ଗଣେଶ୍ୱର ଷଡ଼ଙ୍ଗୀ, ଅଂଶୁମାନ ଚମ୍ପତିରାୟ, ସାଇ ପ୍ରୀତମ ସେନାପତି, ନମିତା ବିଷୋଇ, ସ୍ମୃତିରଞ୍ଜନ ପାଣି, ପ୍ରଳୟ ଭୂୟାଁ ପ୍ରମୁଖ ଚେତାବନୀ ଦେଇଥିଲେ। ତେବେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ସଂଘର ୮ଜଣିଆ ପ୍ରତିନିଧି ଦଳ ଆଲୋଚନା କରିବା ସମୟରେ କ୍ୟାଡର ପୁନର୍ଗଠନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ତୁରନ୍ତ ଦାବି ପୂରଣ କରିବା ସକାଶେ ଦାବି ହୋଇଥିଲା। ଏଥିପ୍ରତି ଦୃଷ୍ଟି ଦେବା ସକାଶେ ମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ସଂଘର ପ୍ରତିନିଧିମଣ୍ଡଳୀ ଆନ୍ଦୋଳନକୁ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଥିଲେ।

### ଭାରତ ପୋଲ୍‌ଟ୍ରି ଏକ୍ସପୋ ଉଦ୍‌ଯାପିତ

# ସଫଳ ଚାଷୀ ଓ ଉଦ୍ୟୋଗୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** ସ୍ଥାନୀୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ତିନିଦିନିଆ ଭାରତ ପୋଲ୍ଟ୍ରି ଏକ୍ସପୋ ଆଜି ଉଦ୍‌ଯାପିତ ହୋଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ଆୟୋଜିତ ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର କୁକୁଡା ଚାଷୀ, କୁକୁଡା ଚାଷ ସହ ଜଡିତ ସଂସ୍ଥା ଅଂଶଗ୍ରହଣ କରିଥିଲେ। ବିଶେଷକରି କୁକୁଡା ଖାଦ୍ୟ, ଔଷଧ, କୁକୁଡା ଫାର୍ମ ପାଇଁ ସାଜସରଞ୍ଜାମ ପ୍ରସ୍ତୁତ କରୁଥିବା ଶିଳ୍ପସଂସ୍ଥା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ଏଜି ରାଓଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବା ସହ ପିପିଲି ଅଞ୍ଚଳର ସଫଳ କୁକୁଡା





ଚାଷୀ ନାରାୟଣ ସ୍ୱାଇଁ ଓ ଅନ୍ୟମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏଥିସହ ଏକ୍ସପୋରେ ଯୋଗଦେଇଥିବା ଉଦ୍ୟୋଗୀମାନଙ୍କୁ ମଧ୍ୟ କୁକୁଡା ଚାଷୀ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ମିଳନୀରେ ପୋଏଲ୍ଟ୍ରି ସଂଘ, ଲେୟାର ସଂଘ, ବ୍ରଏଲର ସଂଘ ଏବଂ କୁକୁଡା ଚାଷୀ ସଂଘ ଡକ୍ଟର ଏଚଏମ ଦାଶ ତାଙ୍କ ଅଭିଭାଷଣରେ ପ୍ରଶଂସା କରିବା ସହ ଏହି ସମ୍ମିଳନୀ ରାଜ୍ୟର କୁକୁଡା ଚାଷୀ ଓ ଉଦ୍ୟୋଗୀଙ୍କ ପାଇଁ ସହାୟକ ହେବ ବୋଲି କହିଛନ୍ତି। ଏଥିସହ ଆଗାମୀ ଦିନରେ ଏପରି ସମ୍ମିଳନୀ ଆୟୋଜନ ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

## ମଝି ସମୁଦ୍ରରେ ହେଲା ବଜ୍ରପାତ, ବାପା ମୃତ, ପୁଅ ନିଖୋଜ



**ମହାକାଳପଡ଼ା, ୨୧ା୯ (ସଂଚାର ବ୍ୟୁରୋ) :** ସମୁଦ୍ରରେ ମାଛ ଧରୁଥିବା ବେଳେ ବଜ୍ରପାତ ଘଟି ବାପା ମୃତ ଓ ପୁଅ ନିଖୋଜ। ଏମିତି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ତନ୍ତିଆପାଳ ଗାଁରେ। ସମୁଦ୍ରରେ ବାପା ପୁଅ ମିଶି ଛୋଟ ଡ଼ଙ୍ଗୀ ସାହାଯ୍ୟରେ ଧରୁଥିଲେ ମାଛ। ହଠାତ ପାଗରେ ପରିବର୍ତ୍ତନ ଦେଖାଗଲା। ଚାହୁଁ ଚାହୁଁ ନିମିଷକେ ମଧ୍ୟରେ ଆକାଶରେ କଳା ହାଣ୍ଡିଆ ମେଘ ଘୋଟିଆସିଲା। ବିଜୁଳି ଘଡ଼ ଘଡିରେ କମ୍ପିଲା ଅଞ୍ଚଳ। ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନର ବେଗ ସମୁଦ୍ରରେ ବଢ଼ିବାକୁ ଲାଗିଲା। ଆଉ ହଠାତ କେହି କିଛି ବୁଝିବା ପୂର୍ବରୁ ଡ଼ଙ୍ଗା ଉପରେ ପଡିଲା ବଜ୍ରପାତ। ଘଟଣାସ୍ଥଳରେ ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅ ନିଖୋଜ ହୋଇ ଯାଇଛି। ସୂଚନାନୁଯାୟୀ, ଗାଁର ବିଜୟ ପରିଡା ନିଜର ୧୭ ବର୍ଷ ପୁଅ ମାନସକୁ ସବୁଦିନ ଭଳି ସାଙ୍ଗରେ ନେଇ ଗଭୀର ସମୁଦ୍ରରେ ମାଛମାରନ୍ତି। ଗତକାଲି ସମୁଦ୍ରରେ ମାଛ ମାରୁଥିବା ବେଳେ ବଜ୍ରପାତରେ ଟଳିପଡିଲେ ବାପା-ପୁଅ । ଖବର ପାଇଁ ସ୍ଥାନୀୟ ବନ ବିଭାଗ ଓ ପୋଲିସର ମିଳିତ ସହଯୋଗରେ ଡ଼ଙ୍ଗା ସହ ମୃତ ବିଜୟ ପରିଡାର ପାର୍ଥିବ ଶରୀରକୁ ଉଦ୍ଧାର କରିଥିବାବେଳେ ପୁଅ ମାନସ ନିଖୋଜ ଥିବା ଜଣାଯାଇଛି। ଏ ଦୁଃଖଦ ଖବର ଶୁଣି ପରିବାର ଓ ଗାଁ ରେ ଶୋକର ଛାୟା ଖେଳିଯାଇଛି।

## ପିକ୍‌ଅପ୍ ଭ୍ୟାନ ସହ ୫୨୮ କେଜି ଗଞ୍ଜେଇ ଜବତ



**କନ୍ଧମାଳ, ୨୧ା୯ (ସଂଚାର ବ୍ୟୁରୋ) :** କାଳରାକୋଠାରୁ ଡୁମାଲପାଲି ରାସ୍ତାରେ କନ୍ଧମାଳି ପୁଲିସ ପାଟ୍ରୋଲିଂ ବେଳେ ୫୨୮ କେଜି ଗଞ୍ଜେଇ ସହ ପିକଅପ ଗାଡି ଜବତ କରିଛି। ତେବେ ପୁଲିସକୁ ଦେଖି ଗଞ୍ଜେଇ ବେପାରୀମାନେ ଫେରାର ହୋଇଯାଇଥିଲେ। ମିଳିଥିବା ସୂଚନାନୁସାରେ, କନ୍ଧମାଳ ପୁଲିସର ଏକ ଟିମ୍ କାଳରାକୋଠାରୁ ଡୁମାଲପାଲି ରାସ୍ତାରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଡୁମାଲପାଲି ପେଟ୍ରୋଲ ପମ୍ପ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ଗାଡ଼ିରେ ଥିବା ବେପାରୀମାନେ ପୁଲିସକୁ ଦେଖି ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ପରେ ପୁଲିସ୍‌ର ପାଟ୍ରୋଲିଂ ଟିମ୍ ଉକ୍ତ ପିକଅପ ଭ୍ୟାନ୍ ସହ ସେଥିରେ ଥିବା ଗଞ୍ଜେଇକୁ ଜବତ କରିଥିଲା। କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବା ପରେ ଉକ୍ତ ଭ୍ୟାନ୍‌ରୁ ମୋଟ ୫୨୮ କେଜି ଜବତ କରାଯାଇଥିବା ଜଣାପଡିଥିଲା। ଖୁବ୍ ଶୀଘ୍ର ଫେରାର୍ ହୋଇଯାଇଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କନ୍ଧମାଳ ଥାନାଧିକାରୀ ରଞ୍ଜିତ କୁମାର ମୁନି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## କ୍ୟାନ୍ସର ପୀଡ଼ିତ ଡାକ୍ତରଙ୍କ ରୋଗୀସେବା ନିଶା



**ଭୁବନେଶ୍ୱର,୨୧ା୯(ସଂଚାର ବ୍ୟୁରୋ):** କୁହାଯାଏ ଡାକ୍ତରମାନେ ହେଉଛନ୍ତି ଭଗବାନଙ୍କ ପ୍ରତିରୂପ। ଏକଥାକୁ ଅକ୍ଷରେ ଅକ୍ଷରେ ପ୍ରମାଣିତ କରିଛନ୍ତି ଜଣେ ଅବସରପ୍ରାପ୍ତ ଡାକ୍ତର ଭରତ ଚନ୍ଦ୍ର ଭୂୟାଁ। ନିଜେ କ୍ୟାନସର ରୋଗରେ ପୀଡିତ ହୋଇ ବି ରୋଗୀ ସେବା କରୁଛନ୍ତି। ଏହା ଅବିଶ୍ୱାସନୀୟ ଲାଗୁଥିଲେ ବି ସତ। ସରକାରୀ ଚାକିରୀରୁ ୬୨ ବଷୟ ବୟସରେ ଅବସର ନେଇଛନ୍ତି ଡାକ୍ତର ଭରତ ଚନ୍ଦ୍ର ଭୂୟାଁ। ସେ ଏବେ ନିଜେ ଗୁରୁତର ପାକସ୍ଥଳୀ କ୍ୟାନସରରେ ପୀଡିତ। କିନ୍ତୁ ପାଖାପାଖି ୧୭ ବର୍ଷ ହେଲା ନିରବଚ୍ଛିନ୍ନ ଭାବେ ସେ ରୋଗୀସେବା କରିଆସୁଛନ୍ତି। ସେ ପୂର୍ବରୁ କ୍ୟାପିଟାଲ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଭାଗର ମୁଖ୍ୟ ଥିଲେ। ନିଜ ଚାକିରି ଜୀବନଠାରୁ ଆରମ୍ଭ କରି ହଜାର ହଜାର ରୋଗୀଙ୍କୁ ଚିକିତ୍ସା କରିଥିବା ଡାକ୍ତର ଭୂୟାଁ କେବେ ଭାବିନଥିଲେ ଯେ ସେ ବି ଦିନେ ପାକସ୍ଥଳୀ କ୍ୟାନସର ରୋଗରେ ପୀଡିତ ହେବେ। ଏ ପ୍ରକାର ରୋଗରୁ ବଞ୍ଚିବାର ସମ୍ଭାବନା କ୍ଷୀଣ ବୋଲି ଭାବି ସେ ମାନସିକ ସ୍ତରରେ କେବେ ଭାଙ୍ଗି ପଡିନଥିଲେ। ତାଙ୍କ ରୋଗ ସମ୍ପର୍କରେ ସେ ଜାଣିବା ପରେ ମଧ୍ୟ ବମ୍ବେ ଯାଇ ଗତ ମାର୍ଚ୍ଚ ମାସରେ ଜଣେ ଅଭିଜ୍ଞ ସର୍ଜନଙ୍କ ପାଖରେ ତାଙ୍କ ପାକସ୍ଥଳୀରେ ସଫଳ ଅସ୍ତ୍ରୋପଚାର କରି ଭୁବନେଶ୍ୱର ଫେରିଥିଲେ। ଘରେ ମାତ୍ର ୧୫ ଦିନର ବିଶ୍ରାମ ପରଠାରୁ ପ୍ରସୂତି ମହିଳା ରୋଗୀମାନେ ତାଙ୍କର ସଫଳ ଚିକିତ୍ସା, ଅଳ୍ପ ଖର୍ଚ୍ଚରେ ଭଲ ବ୍ୟବହାର ପାଇଁ ତାଙ୍କ ପିଛା ଛାଡି ନାହାଁନ୍ତି। ଯାହାଫଳରେ ଏବେ ବି ସେ ୭୭ ବର୍ଷ ବୟସରେ ତାଙ୍କ ନିଜ କ୍ଲିନିକରେ ପ୍ରତିଦିନ ଶତାଧିକ ରୋଗୀଙ୍କ ଚିକିତ୍ସା କରୁଛନ୍ତି ଏବଂ ରୋଗୀଙ୍କ ଆଶୀର୍ବାଦ ସାଉଁଟୁଛନ୍ତି। ଏନେଇ ଡାକ୍ତର ଭୂୟାଁ କହନ୍ତି ଯେ ରୋଗୀମାନଙ୍କୁ ଅଳ୍ପ ଖର୍ଚ୍ଚରେ ଉତ୍ତମ ଚିକିତ୍ସା ଯୋଗାଇଦେବା ତାଙ୍କ ପ୍ରତି ଆଶୀର୍ବାଦ ହୋଇଛି। ସେହି ଆଶୀର୍ବାଦ ଓ ରୋଗୀସେବା ତାଙ୍କୁ ତାଙ୍କର ଅସୁସ୍ଥତାକୁ ମଧ୍ୟ ଭୁଲାଇ ଦେଇଛି। ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ରୋଗୀ ସେବାରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଛନ୍ତି। ଭଗବାନ ଯେତେଦିନ ତାଙ୍କୁ ସୁସ୍ଥ ରଖିଥିବେ ସେ ଏହିଭଳି ରୋଗୀସେବା ଜାରି ରଖିବେ ବୋଲି ଡାକ୍ତର ଭୂୟାଁ କହିଛନ୍ତି। ସେ କେନ୍ଦ୍ରାପଡାଠାରୁ ଆରମ୍ଭ କରି ଦଶପଲ୍ଲା, ଭୁବନେଶ୍ୱର, ବ୍ରହ୍ମପୁର ଓ ବାଲେଶ୍ୱର ଭଳି ସ୍ଥାନରେ ନିଯୁକ୍ତି ପାଇଥିବା ବେଳେ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ସରକାରୀ ସ୍ତରରେ ସେ ବହୁ ଥର ସମ୍ମାନିତ ହୋଇଛନ୍ତି। ନିଜେ ରୋଗୀ ହୋଇ ମଧ୍ୟ ରୋଗୀ ସେବା ତାଙ୍କୁ ପରମ ଆଶ୍ୱସ୍ତି ଦେଉଛି ଓ ଏହା ଅନ୍ୟ ଡାକ୍ତରଙ୍କ ପାଇଁ ବି ପ୍ରେରଣା ସଦୃଶ ହୋଇଛି।

## ସଡ଼କ ଦୁର୍ଘଟଣାରେ ୩ ଗୁରୁତର

**ନୀଳଗିରି,୨୧ା୯(ସଂଚାର ବ୍ୟୁରୋ):** ସ୍ଥାନୀୟ ଓଲଡଙ୍ଗ ଛକ ନିକଟରେ ଆଜି ଅପରାହ୍ନ ୫ଟା ସମୟରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ନୀଳଗିରି ଏନଏସି ଅଧୀନସ୍ଥ ୯ ନମ୍ବର ୱାର୍ଡ ସିମୁଳିଆ ଗ୍ରାମର ନରସିଂହ ବାରିକଙ୍କ ପୁଅ ରବୀନ୍ଦ୍ର (୩୬) ଘରୁ ସାଇକେଲରେ ନୀଳଗିରି ଆସୁଥିବା ସମୟରେ ଶେରଗଡ଼ ପଟୁ ଆସୁଥିବା ଏକ ବାଇକ୍ ଆରୋହୀ ଦ୍ରୁତ ଗତିରେ ଆସି ତାଙ୍କୁ ଓଲଡଙ୍ଗ ଛକ ନିକଟରେ ଧକ୍କା ଦେଇଥିଲା। ଫଳରେ ରବୀନ୍ଦ୍ରଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କ ସାଇକେଲଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ସେହିପରି ବାଲେଶ୍ୱର ଅଞ୍ଚଳର ଶକ୍ତି ସ୍ୱାଇଁ ଗୁରୁତର ଭାବେ ଆହତ ହୋଇଥିବା ବେଳେ ସରୋଜ ବେହେରା ମଧ୍ୟ ଆହତ ହୋଇଛନ୍ତି। ଏନେଇ ଖବର ପାଇ ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଉଭୟ ବାଇକ୍ ଓ ସାଇକେଲ୍‌କୁ ଜବତ କରିଥିବା ଜଣାପଡ଼ିଛି। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରବୀନ୍ଦ୍ର ଓ ସରୋଜଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

# ୨୯ରୁ ରାଜଧାନୀରେ ତିନିଦିନିଆ 'ଜଶନ-ଏ-ଡାଣ୍ଡିଆ'

**ଭୁବନେଶ୍ୱର,୨୦ା୯(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ନବରାତ୍ର ଆରମ୍ଭ ହେଉଥିବା ବେଳେ ଦୁର୍ଗାପୂଜାକୁ ଅଧିକ ମନୋରଞ୍ଜନଭରା କରିବା ସକାଶେ ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ସହଯୋଗରେ ଫାଲ୍‌କନ୍ ଆଇ ଏଣ୍ଟରଟେନ୍‌ମେଣ୍ଟ୍ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଆସନ୍ତା ୨୯ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନଠାରେ ଏକ ବଡ଼ ଧରଣର ଡାଣ୍ଡିଆ ମହୋତ୍ସବ ଅନୁଷ୍ଠିତ ହେବ। ଏହାର ନାମ ରହିଛି 'ଜଶନ୍-ଏ-ଡାଣ୍ଡିଆ' ଓ ଏହା ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସହ ସୋସିଆଲ୍ ମିଡିଆର ପରିଚିତ ହାସ୍ୟ କଳାକାର ଗୁଲୁଆ ଏବଂ ମୁକ୍ତିଲାଭ ଅପେକ୍ଷାରେ ଥିବା ଓଡ଼ିଆ ଚଳଚ୍ଚିତ୍ର 'ଚାର୍‌ଧାମ୍'ର ମୁଖ୍ୟ କଳାକାର ଅର୍ଦ୍ଧେନ୍ଦୁ ଓ ଏଲିନାଙ୍କ ସମେତ ପୂରା ଟିମ୍। ଏହାଛଡ଼ା କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ହେଉଛନ୍ତି ଓଲିଉଡ୍‌ର ଟ୍ରେଣ୍ଡିଂ ସିଙ୍ଗର ଓ ସଙ୍ଗୀତ ନିର୍ଦ୍ଦେଶକ ଅର୍ଜୁନ୍ ଅନୁପ୍। ଆହୁରି ଏହି କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଗାମୀ ଦିନରେ ଆଉ କିଛି ସର୍ପରାଇଜ୍ କରିବା ଭଳି ସୂଚନା ମଧ୍ୟ ସୋସିଆଲ୍ ମିଡିଆ ପେଜ୍ 'ଜଶନ୍-ଏ-ଡାଣ୍ଡିଆ'ରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାଣ୍ଡ ଆରତି ଓ ଢୋଲ ସହ ଚମକଭରା ଏସ୍‌ଇଏକ୍ସ ଓ ସ୍ୱାଦିଷ୍ଟ ଫୁଡ୍ ଷ୍ଟଲ୍ ମଧ୍ୟ ସ୍ଥାନ ପାଇବ। ଏହି ଉତ୍ସବରେ ଉତ୍ସାହପ୍ରଦ ଡିଜେ ପରିବେଷଣ କରିବେ ଶୋର୍ ବ୍ୟାଣ୍ଡ, ଡିଜେ ପାର୍ଥୋ, ଡିଜେ ଋଷି, ଡିଜେ ଷ୍ଟ୍ରିଙ୍ଗ୍ ଓ ଦେଶୀ ସ୍କ୍ୱାଡ୍। ସେହପରି କାର୍ଯ୍ୟକ୍ରମର ପରିଚାଳନା କରିବେ ଆଙ୍କର ତନ୍‌ଭୀ ଓ ସାର୍ଥକ। ଏହି ସାମ୍ବାଦିକ ସମ୍ମିଳନୀରେ ଡ. ଚିନ୍ମୟ ନନ୍ଦ ବଡ଼ଜେନା, ହିମାଂଶୁ ରଞ୍ଜନଙ୍କ ସମେତ ବହୁ ନୂତନ କଳାକାର ଓ ସଭ୍ୟ ଉପସ୍ଥିତ ଥିଲେ।



ଯୋଗଦେବେ ଅନୁଭବ, ଗୁଲୁଆ ଓ 'ଚାର୍‌ଧାମ୍' କଳାକାର

# ଶ୍ରୀମନ୍ଦିର ପ୍ରଶାସନରେ ୪ ଶହରୁ ଊର୍ଦ୍ଧ୍ୱ ପଦବୀ ଖାଲି

**ଭୁବନେଶ୍ୱର,୨୧ା୯:** ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନରେ ୪ଶହରୁ ଅଧିକ ପଦବୀ ଖାଲି ପଡିଛି। ଶ୍ରୀମନ୍ଦିର ପ୍ରଶାସନ ପାଇଁ ମୋଟ୍ ୬୫୫ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ଏଥିରେ ମାତ୍ର ୨୦୮ ଜଣ କାର୍ଯ୍ୟରତ ଅଛନ୍ତି। ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।



କେବଳ ଶ୍ରୀମନ୍ଦିର ପ୍ରଶାସନ ନୁହେଁ, ଖୋଦ୍ ଆଇନ୍ ବିଭାଗରେ ମଧ୍ୟ ଗୁରୁତର କର୍ମଚାରୀ ସଙ୍କଟ। ବିଭାଗ ପାଇଁ ଥିବା ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିଛି। ପ୍ରଥମଶ୍ରେଣୀ ପାହ୍ୟାରେ ୩୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରେ ସବୁଠାରୁ କମ୍ ମାତ୍ର ୬ଟି ଖାଲି ଅଛି। ତେବେ ଦ୍ୱିତୀୟଶ୍ରେଣୀ ପାହ୍ୟାରେ ୭୦ଟି ପଦବୀ ମଧ୍ୟରୁ ୩୭ଟି ଖାଲି ପଡିଥିବାବେଳେ ତୃତୀୟଶ୍ରେଣୀ ପାହ୍ୟାରେ ୪୩ଟି ପଦବୀରୁ ୨୪ଟି ଖାଲି ପଡିଛି। ଚତୁର୍ଥଶ୍ରେଣୀ ପାହ୍ୟାରେ କର୍ମଚାରୀ ନାହାନ୍ତି କହିଲେ ଚଳେ। ଏହି ପାହ୍ୟାରେ ୨୨ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ କାର୍ଯ୍ୟକରୁଛନ୍ତି ମାତ୍ର ୩ ଜଣ।

ମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି ଯେ, ବିଭାଗ ଅଧୀନରେ ଥିବା ବିଭିନ୍ନ ଦପ୍ତର ଓ ସଂସ୍ଥାରେ ଏକାଧିକ ପଦବୀ ଖାଲି ପଡିଛି। ଓଡିଶା ମାନ ଅଧିକାର ଆୟୋଗରେ ୨୯ଟି ପଦବୀ ଖାଲି। ଏହି ସଂସ୍ଥା ପାଇଁ ୬୯ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଠାରେ ୪୦ଜଣ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଆଇନ୍ ବିଭାଗ ଅଧୀନରେ ଥିବା ହିନ୍ଦୁ ଦେବତ୍ତୋର ବିଭାଗରେ ୧୮୯ ପଦବୀ ମଧ୍ୟରୁ ୧୨୭ଟି ଖାଲି ପଡିଛି। ଚଳିତ ମାସ ୧୫ ତାରିଖରେ ୩୫ ଜଣ କର୍ମଚାରୀଙ୍କୁ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଦିଆଯିବା ପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ବର୍ତ୍ତମାନ ଏହି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା ୮୨କୁ ବୃଦ୍ଧି ପାଇଛି।

ଓଡିଶା ରାଜ୍ୟ ଆଇନ୍ ସେବା ଆୟୋଗ ପ୍ରାଧିକରଣଙ୍କ ଦପ୍ତରରେ ମଧ୍ୟ ପଦବୀ ଖାଲି। ଏଠାରେ ୩୩ଟି ମଂଜୁରୀପ୍ରାପ୍ତ ପଦବୀ ଥିବାବେଳେ ସେଥିରୁ ୧୪ଟି ଖାଲି ପଡିଛି। ମହିଧିବକ୍ତାଙ୍କ କାର୍ଯ୍ୟାଳୟରେ ଶହେରୁ ଅଧିକ ପଦବୀରେ କର୍ମଚାରୀ ନାହାନ୍ତି। ଏହି କାର୍ଯ୍ୟାଳୟ ପାଇଁ ୨୮୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଠାରେ ୧୦୫ ପଦବୀ ଖାଲି ପଡିଛି। ତେବେ ଖାଲି ପଡିଥିବା ପଦବୀଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବାଲାଗି ସରକାରଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସଞ୍ଚୟର ନୂତନ ଯୁଗ




ଆଜି ଭାରତରେ ଏକ ଐତିହାସିକ ମୁହୂର୍ତ୍ତ ଆସିବାରେ ଅଛି। କାଲି, ୨୨ ସେପ୍ଟେମ୍ବର ୨୦୨୫ରୁ, ନୂତନ ଜିଏସ୍‌ଟି (ଗୁଡସ୍ ଆଣ୍ଡ ସର୍ଭିସେସ୍ ଟ୍ୟାକ୍ସ) ସଂସ୍କାରଗୁଡ଼ିକ କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂବାଦ ମାଧମରେ ଏହାକୁ 'ଜିଏସ୍‌ଟି ବଚତ୍ ଉତ୍ସବ' ନାମରେ ଘୋଷଣା କରାଯାଇଛି। ଏହା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ବରଂ ଦେଶର ଅର୍ଥନୀତିରେ ଏକ ନୂତନ ଅଧ୍ୟାୟର ଆରମ୍ଭ। ନବରାତ୍ରିର ପ୍ରଥମ ଦିନରୁ ଆରମ୍ଭ ହେଉଥିବା ଏହି ଉତ୍ସବ ୧୦୦ ଦିନ ଧରି ଚାଲିବ ଏବଂ ସାଧାରଣ ଲୋକଙ୍କୁ ସମ୍ପଦ ସଞ୍ଚୟର ସୁଯୋଗ ପ୍ରଦାନ କରିବ।

ଜିଏସ୍‌ଟି ୨.୦ର ଏହି ସଂସ୍କାରଗୁଡ଼ିକ ଭାରତର ଅର୍ଥତନ୍ତ୍ରକୁ ନୂତନ ଉତ୍କର୍ଷ ଦେବ। ୨୦୧୭ରେ ଜିଏସ୍‌ଟିର ସୂଚନା ପରେ ଏହା ପ୍ରଥମ ବଡ଼ ପରିବର୍ତ୍ତନ। ପୂର୍ବରୁ ୫, ୧୨, ୧୮ ଏବଂ ୨୮ ପ୍ରତିଶତର ବହୁଳ ଦରକ୍ଷେତ୍ର ପରିବର୍ତ୍ତେ ୫% ଏବଂ ୧୮%ର ଦୁଇଟି ମୂଳ ଦର ରହିବ, ଯାହା ସୌଖିନ ସାମଗ୍ରୀ ପାଇଁ ଉଚ୍ଚ ଦର ରହିବ। ଏହା ଦ୍ୱାରା ଏସି, ଟିଭି, ଡିଶ୍ୱାସର୍ ଭଳି ସାମଗ୍ରୀରେ ୨୮%ରୁ ୧୮%ରେ ଘଟଣା ହେବ। ଇ-କମର୍ସ ପ୍ଲାଟଫର୍ମଗୁଡ଼ିକ ଯଥା ଅମାଜନ୍, ଫ୍ଲିପକାର୍ଟ୍ ଏବଂ ରିଲାୟନ୍ସ ରିଟେଲ୍ ଏହି ସଞ୍ଚୟକୁ ସିଧାସଳଖ ଗ୍ରାହକଙ୍କ ବିଲ୍‌ରେ ପ୍ରତିଫଳିତ କରିବେ, ଯାହା ସ୍ୱଚ୍ଛତା ଏବଂ ବିଶ୍ୱାସ ବଢ଼ାଇବ। ପ୍ରଧାନମନ୍ତ୍ରୀଙ୍କ କଥାରେ, 'ଆପଣଙ୍କର ସଞ୍ଚୟ ବଢ଼ିବ, ଆପଣ ଆପଣଙ୍କର ପ୍ରିୟ ସାମଗ୍ରୀ ସହଜରେ କିଣିପାରିବେ।' ଏହା ଗରିବ, ମଧବିତ୍ତୀୟ, କୃଷକ, ବ୍ୟବସାୟୀ ଏବଂ ଉଦ୍ୟୋଗୀଙ୍କ ପାଇଁ ସୁଖର ସୁବର୍ଣ୍ଣ ସୁଯୋଗ।

ଓଡ଼ିଶା ପରି ରାଜ୍ୟରେ ଏହାର ପ୍ରଭାବ ଅଧିକ ହେବ। ଆମର ରାଜ୍ୟରେ କୃଷିଭିତ୍ତିକ ଅର୍ଥନୀତି ଥାଇ ଏବଂ ଛୋଟ ବ୍ୟବସାୟୀମାନେ ଅଧିକ ଅଛନ୍ତି, ଏହି ସଂସ୍କାର ସ୍ଥାନୀୟ ବଜାରକୁ ଜୀବନ୍ତ କରିବ। ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପର୍ଯ୍ୟଟନ୍ କ୍ଷେତ୍ରରେ କମ୍ ଟ୍ୟାକ୍ସ ଦ୍ୱାରା ନିର୍ମାଣକାରୀମାନେ ଅଧିକ ଲାଭ ପାଇବେ। ଗ୍ରାମାଞ୍ଚଳରେ କୃଷକମାନେ ତେଲ, ସାର, ବିହନ ଭଳି ଆବଶ୍ୟକୀୟ ସାମଗ୍ରୀରେ ସଞ୍ଚୟ କରି ତାଙ୍କର ଆୟ ବଢ଼ାଇପାରିବେ। ମହିଳାମାନଙ୍କୁ ସ୍ୱାଧୀନତା ଦେବାରେ ଏହା ସାହାଯ୍ୟ କରିବ, କାରଣ କମ୍ ମୂଲ୍ୟରେ ଘରୋଇ ସାମଗ୍ରୀ କିଣିବା ସହଜ ହେବ। ଏହା ଆତ୍ମନିର୍ଭର ଭାରତର ସ୍ୱପ୍ନକୁ ସାକାର କରିବ, ଯେଉଁଥିରୁ ଦେଶର ବିକାଶରେ ପ୍ରତ୍ୟେକ ରାଜ୍ୟ ସମାନ ଅଂଶଗ୍ରହଣକାରୀ ହେବ।

ତଥାପି, ଏହି ଉତ୍ସବର ସଫଳତା ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛି ସରକାର, ବ୍ୟବସାୟୀ ଏବଂ ଗ୍ରାହକଙ୍କ ସମନ୍ୱୟରେ। ସରକାରଙ୍କୁ ନିଶ୍ଚିତ କରିବାକୁ ହେବ ଯେ ସଞ୍ଚୟ ସତରେ ପହଞ୍ଚୁଛି ଏବଂ କୌଣସି ମଧବର୍ତ୍ତୀଙ୍କ ଦ୍ୱାରା ଲପତାୟୀ ନୁହେଁ। ବ୍ୟବସାୟୀମାନେ ନୂତନ ଦରକୁ ସଠିକ୍ ଭାବେ ପ୍ରଯୁକ୍ତ କରି ଗ୍ରାହକଙ୍କୁ ସ୍ୱଚ୍ଛତା ଦେବା ଉଚିତ୍। ଏହା ଦ୍ୱାରା ଅର୍ଥନୈତିକ ଗତିବିଧି ବଢ଼ିବ, ନିବେଶ ଆକର୍ଷିତ ହେବ ଏବଂ ସର୍ବସମାବେଶୀ ବିକାଶ ସମ୍ଭବ ହେବ।

ଜିଏସ୍‌ଟି ବଚତ୍ ଉତ୍ସବ କେବଳ ଏକ ଟ୍ୟାକ୍ସ ସଂସ୍କାର ନୁହେଁ, ବରଂ ଦେଶବାସୀଙ୍କ ଜୀବନରେ ସୁଖ ଏବଂ ସମୃଦ୍ଧିର ଉତ୍ସବ। ଓଡ଼ିଶାର ଲୋକମାନେ ଏହାକୁ ଗ୍ରହଣ କରି ନୂତନ ଅର୍ଥନୈତିକ ଯାତ୍ରାରେ ଅଂଶଗ୍ରହଣ କରନ୍ତୁ। ଏହା ଆମର ରାଜ୍ୟକୁ ଅଧିକ ଶକ୍ତିଶାଳୀ କରିବ ଏବଂ ଆତ୍ମନିର୍ଭର ଓଡ଼ିଶାର ସ୍ୱପ୍ନକୁ ପୂରଣ କରିବ।

# ତନ୍ତ୍ରଦେବୀ ବରାହୀଙ୍କ ଶାରଦୀୟ ପାର୍ବଣ ପୂଜା



**ସନ୍ତୋଷ କୁମାର ଦାଶ**

ପ୍ରାଚୀ ଉପତ୍ୟକା ରେ ରହିଥିବା ପ୍ରସିଦ୍ଧ ପ୍ରାଚୀନ ମନ୍ଦିର ମାନଙ୍କ ମଧ୍ୟରୁ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ର ଚଉରାଶି ଗ୍ରାମରେ ଥିବା ବରାହୀ ମନ୍ଦିର ଅନ୍ୟତମ।ଐତିହାସିକ କେଦାରନାଥ ମହାପାତ୍ର, ଶ୍ୟାମ ସୁନ୍ଦର ତ୍ରିପାଠୀ, ଡ଼.କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପତ୍ନତତ୍ତ୍ୱ ବିଭାଗ ର ପୂର୍ବତନ ଅଧକ୍ଷ ଡ଼. ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଙ୍କ ମତରେ ପ୍ରାଚୀ ଉପତ୍ୟକା ର ବରାହୀ ମନ୍ଦିର ଟି ୯ମ ଶତାବ୍ଦୀ ର କୀର୍ତ୍ତି ହୋଇଥିବାବେଳେ ଏହା ସେ ସମୟ ରେ ତନ୍ତ୍ର ସାଧନା ଓ ତନ୍ତ୍ର ଶିକ୍ଷା ପ୍ରଦାନ ର ମୁଖ୍ୟ ସ୍ଥଳୀ ଥିଲା। ସେ ସମୟ ରେ ମା ବରାହୀ ଙ୍କୁ ପଞ୍ଚମକାର ( ମତ୍ସ୍ୟ, ମଦ, ମୁଦ୍ରା,ମୈଥୁନ ଓ ମାଂସ )ରେ ପୂଜା କରା ଯାଉଥିବା ବେଳେ ଏଠାରେ ଅଷ୍ଟ କାମକଳା ଯଥା, ବଶୀକରଣ, ସମ୍ମୋହନ, ଆକର୍ଷଣ, ଯୋନି ଅଭିଷେକ, ପୁନଃଶ୍ଚରଣ,ରଜ ପାନ, ପ୍ରସ୍ଥାୟ, ନିବୃତ୍ତି ଆଦି ଶିକ୍ଷା ପ୍ରଦାନ କରା ଯାଉଥିଲା। ଏଥିପାଇଁ ମନ୍ଦିର ଦେହ ରେ ୬୪ କାମ କଳା ର ଚିତ୍ର ଅଙ୍କା ଯାଇଛି।ମନ୍ଦିର ର ଆକୃତି ଏକ ଡମ୍ବରୁ ପରି ଓ ଏହା



ଖାକ୍ରା ବା ଗଉରୀଚଉରା ଶୈଳୀ ରାମୁଖଶାଳା ର ଆକୃତି ଦେଶୀ ଢଙ୍ଗା ପରିମନ୍ଦିର ଟି ସୂକ୍ଷ୍ମ କାରୁକାର୍ଯ୍ୟ ରେ ପରିପୂର୍ଣ୍ଣ। ମନ୍ଦିର ଟି କଳା ମୁଗୁନି ପଥର ର ପୀଠ ଉପରେ କ୍ଲୋରାଇଟ ପଥର ରେ ନିର୍ମିତ ହୋଇଛି। ମନ୍ଦିର ର ପଶ୍ଚିମ ପାଶ୍ୱ କାନ୍ଥ ରେ ପାଶ୍ୱ ଦେବତା ଭାବେ ସୂର୍ଯ୍ୟ ନାରାୟଣ ପୂଜା ପାଉଥିବା ଦେଖିବାକୁ ମିଳେ। ତ୍ରୟୋଦଶ ଶତାବ୍ଦୀ ରେ କୋଣାର୍କ ଠାରେ ସୂର୍ଯ୍ୟ ମନ୍ଦିର ନିର୍ମାଣ ସମୟ ରେ ଏହି ମନ୍ଦିର ଠାରେ କିଛି ଶିଳ୍ପୀ ( ବଢ଼େଇ) ଅବସ୍ଥାନ କରି କୋଣାର୍କ ମନ୍ଦିର ପାଇଁ ପଥର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ କରୁଥିଲେ। ସେହି ପଥର ଗୁଡ଼ିକୁ ପ୍ରାଚୀ ନଦୀ ବକ୍ଷ ରେ ଭେଳା ସାହାଯ୍ୟ ରେ କୋଣାର୍କ କୁ ନିଆ ଯାଉଥିଲା ବୋଲି ଗବେଷକ ମାନେ କୁହନ୍ତି। ବଢ଼େଇ ମାନେ ଏଠାରେ ଦିର୍ଘ କାଳ ଅବସ୍ଥାନ କରି ଥିବାରୁ ସ୍ଥାନୀୟ ଅଞ୍ଚଳ ରେ ଏହି ମନ୍ଦିର କୁ ବଢ଼େଇ ଦେଉଳ କୁହା ଯାଇଥାଏ ବୋଲି ଗବେଷକ ଓ ଲେଖକ ଲକ୍ଷ୍ମୀଧର ସାହୁ ତାଙ୍କ ଦ୍ୱାରା ରଚିତ ବିଭିନ୍ନ ଐତିହାସିକ ପୁସ୍ତକ ରେ ପ୍ରକାଶ କରିଛନ୍ତି।ମା ବରାହୀ ଙ୍କ ମୂର୍ତ୍ତୀ ର ଉଚ୍ଚତା ପ୍ରାୟ ୪ଫୁଟ ହୋଇ ଥିବାବେଳେ ମସୃଣ କଳା ମୁଗୁନି ପଥର ରେ ନିର୍ମିତ ହୋଇଛି। ମା ଙ୍କ ଶରୀର ର ରଙ୍ଗ କଳା ଓ ଶକ୍ତାମୂର୍ତ୍ତୀ ଟି ଜୀବନ୍ତ ଓ ଭୟଙ୍କର ଦେଖାଯାଏ। ମା ଙ୍କ ମୁହଁ ଟି ବରାହ ପରି ହୋଇ ଥିବାବେଳେ କାନ ରେ ରିଂ ପିନ୍ଧିଛନ୍ତି।ବେକରେ ଏକ ଲମ୍ବା ହାର ଉନ୍ମୁକ୍ତ ସ୍ତନ ଯୁଗଳ ପର୍ଯ୍ୟନ୍ତ ଲମ୍ବି ଯାଇଛି।ମା ଙ୍କ କପାଳ ରେ ତୃତୀୟ ନୟନ ଥିବାବେଳେ ନାଭି ସ୍ଥାନ ରେ ଏକ ବିରାଟ ଗର୍ତ୍ତ ଦେଖାଯାଏ।ଗ୍ରାମବାସୀ ପ୍ରଭାତ କୁମାର ଦାଶ କୁହନ୍ତି ଯେ, ସେ ସମୟରେ ଆଲୋକ ର ବ୍ୟବସ୍ଥା ନ ଥିଲା।ବରାହୀ ମନ୍ଦିର ର ଗର୍ଭ ଗୃହ ସମ୍ପୂର୍ଣ୍ଣ ଅନ୍ଧକାର। ମା ଙ୍କ ନାଭି ସ୍ଥାନ ରେ ଏକ ବୃହତ ହୀରା ଖଞ୍ଜା ଯାଇଥିଲା।ସେହି ହୀରା ଦ୍ୱାରା।ମନ୍ଦିର ର ଅନ୍ଧକାର ଗର୍ଭ ଗୃହ ଆଲୋକିତ ହୋଇ ପାରୁଥିଲା। ଉକ୍ତ ହୀରା ଟିକୁ ପର୍ତ୍ତୁଗୀଜ ଦସ୍ୟୁ ମାନେ ଲୁଟ କରି ନେଇ ଯାଇଥିବା ଲୋକକଥା ରହିଛି। ମା ବରାହୀ ବୌଦ୍ଧ ମହାଯାନୀ ତାନ୍ତ୍ରିକ ମାନଙ୍କ ର ଆରାଧ ଦେବୀ ଥିଲେ ବୋଲି ଐତିହାସିକ ଓ ଗବେଷକ ମାନେ ମତ ପ୍ରକାଶ କରିଛନ୍ତି। ଏବେ ଆଉ ସେ ସମୟ ନାହିଁ। ଗ୍ରାମବାସୀ ମାନେ ତାଙ୍କୁ ହିନ୍ଦୁ ଧର୍ମ ର ଦେବୀ ଭାବେ ଗ୍ରହଣ କରି ପୁଜାର୍ଚ୍ଚନା କରି ଆସୁଛନ୍ତି। ପ୍ରତି ଦେବୀ ପୀଠ ପରି ଏଠାରେ ଶାରଦୀୟ ପାର୍ବଣ ପୂଜା ଧୁମ୍ ଧାମରେ ପାଳିତ ହୋଇଥାଏ। ମା ଙ୍କ ପୂଜକ ବିଜୟ ପାଣି କୁହନ୍ତି ଯେ, ଆଶ୍ୱିନ ମୂଳାଷ୍ଟମୀ ଠାରୁ ଦଶହରା/ ବିଜୟା ଦଶମୀ ପର୍ଯ୍ୟନ୍ତ ପ୍ରତିଦିନ ମା ଙ୍କୁ ଶୁଦ୍ଧ ସ୍ନାନ ପରେ ନବବସ୍ତ୍ର ପିନ୍ଧା ଯାଇଥାଏ। ସକାଳେ ବାଲ ଭୋଗ ସହିତ ଫଳ ମୂଳ, ମଧ୍ୟାହ୍ନ ରେ ଅନ୍ନ ଭୋଗ ସହିତ ଆମିଷ, ସଂଧ୍ୟାରେ ପୁନଃ ଫଳମୂଳ ଭୋଗ ଲାଗି କରା ଯାଇଥାଏ। ମା ଙ୍କ ପୂଜକ ତ୍ରିଲୋଚନ ପାଣି କୁହନ୍ତି ଯେ, ମହାଷ୍ଟମୀ ରାତି ରେ ମାଙ୍କ ସମ୍ମୁଖରେ ପୁରୋହିତ ଙ୍କ ଦ୍ୱାରା ଯଜ୍ଞ କରାଯାଇ ୧୦୮ ବେଲ ପତ୍ର ଅଗ୍ନି ରେ ଆହୁତି ପ୍ରଦାନ କରା ଯାଇଥାଏ। ଯାହା ଆଉ କେଉଁଠି ଦେଖିବାକୁ ମିଳେ ନାହିଁ। ଗ୍ରାମବାସୀ ମାନେ ପାଳି ରେ ମା ଙ୍କ ପାଇଁ ପୂଜା ସାମଗ୍ରୀ, ବସ୍ତ୍ର, ଭୋଗ ଯୋଗାଇ ଦେବା ସହିତ ପ୍ରତିଦିନ ଆମିଷ ଭୋଗ ଲାଗି କରିଥାନ୍ତି। ଦଶହରା ଦିନ ସମୂହ ଗ୍ରାମବାସୀ ଙ୍କ ପକ୍ଷରୁ ମା ଙ୍କୁ ପଣା ଭୋଗ ଅର୍ପଣ କରା ଯାଇଥାଏ। ଶେଷ ହୁଏ ତନ୍ତ୍ର ଦେବୀ ମା ବରାହୀ ଙ୍କ ଶାରଦୀୟ ପାର୍ବଣ ପୂଜା। ମନ୍ଦିର ଓ ମା ବରାହୀ ଙ୍କ ମୂର୍ତ୍ତୀ ଟି ଅତ୍ୟନ୍ତ ସୁନ୍ଦର ଓ ସୂକ୍ଷ୍ମ କାରୁ କାର୍ଯ୍ୟ ପୂର୍ଣ୍ଣ ହୋଇଥିବାରୁ ଏହାକୁ ଦେଖିବାକୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ବର୍ଷ ସାରା ଏଠାରେ ଯାତ୍ରୀ ମାନଙ୍କ ଭିଡ଼ ଲାଗିଥାଏ। ଭୁବନେଶ୍ୱର - ଅସ୍ତରଙ୍ଗ ମୁଖ୍ୟ ରାସ୍ତା ର ଅମରେଶ୍ୱର ବଜାର ଠାରୁ ଉତ୍ତର ଦିଗକୁ ଲମ୍ବି ଯାଇଥିବା ପିଚୁ ରାସ୍ତା ରେ ପ୍ରାୟ ୩ କିମି ଗଲେ ମା ବରାହୀ ଙ୍କ ମନ୍ଦିର ପଡ଼େ।

**ତୁଳସୀପୁର। ପୁରୀ, ମୋବାଇଲ୍: ୯୪୩୯୩୬୧୮୮**

# ଶକ୍ତି ଉପାସନାର ପର୍ବ ହେଉଛି ଦୁର୍ଗାପୂଜା



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଦୁର୍ଗା ପୂଜା ଶକ୍ତି ଉପାସନାର ପର୍ବ। ଏହା ବିଭିନ୍ନ କୁଳାଚାର ମତେ ଷୋଳଦିନ, ନବଦିନ, ତ୍ରିଦିନ ଧରି ପାଳିତ ହୁଏ। ମୁଖ୍ୟତ ଶରତ ଋତୁର ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦଠାରୁ ନବମୀ ବିଶେଷଭାବେ ଦେବୀଙ୍କ ପୂଜନର ପ୍ରକୃଷ୍ଟ ସମୟ ହୋଇଥିଲେ ହେଁ ଚୈତ୍ର ଶୁକ୍ଳ ପକ୍ଷ ମଧ ବାସନ୍ତୀ ନବରାତ୍ର ରୂପେ ପରିଚିତ। ଦେବୀ ପୁରାଣ ଓ କାଳିକା ପୁରାଣରେ ଦୁର୍ଗାପୂଜାକୁ ଶାରଦୀୟ ପାର୍ବଣ କୁହାଯାଉଥିବା ବେଳେ ମାର୍କଣ୍ଡେୟ ପୁରାଣରେ ବାର୍ଷିକୀ ଶାରଦ ପୂଜନ କୁହାଯାଏ। ଦେବୀ ଦୁର୍ଗା ଦୁଃଖନାଶିନୀ। ନବରାତ୍ରୀରେ ଦୁର୍ଗାଙ୍କୁ ଶ୍ରଦ୍ଧାର ସହ ପୂଜା କଲେ ଉପାସକ ନବଶକ୍ତି ପ୍ରାପ୍ତ ହେଇଥାନ୍ତି। ଶାରଦୀୟ ନବରାତ୍ରୀ କାଳରେ ବ୍ରହ୍ମାଣ୍ଡର ସମସ୍ତ ଗ୍ରହ ସକ୍ରିୟ ଥିବାରୁ ଶକ୍ତି ଉପାସକଙ୍କର କୈଣସି ଅନିଷ୍ଟ ହୁଏନାହିଁ। ଦୁର୍ଗା ଶବ୍ଦର ବିବିଧ ବିଶ୍ଳେଷଣ କରାଯାଇଛି।ସେଥିରୁ ଗୋଟିଏ ହେଉଛି ଦ୍+ଉ+ର୍+ଗ୍+ଆ। 'ଦ'ର ଅର୍ଥ ଦୈତ୍ୟ ବିନାଶ ପାଇଁଯିଏ ଉଦ୍ଦିଷ୍ଟ, ଉ-ସମସ୍ତ ବାଧାଦାୟକ ଶକ୍ତି ଦୂର କରିବାରେ ଯିଏ ସମର୍ଥ, ର- ସମସ୍ତ ରୋଗର ଯିଏ ବିନାଶକାରୀ, ଗ-ସକଳ ପାପର ଯିଏ କ୍ଷୟକାରୀ, ଆ-ସମସ୍ତ ଭୟର ଯେ ହରଣକାରୀ। ଅନ୍ୟ ଏକ ଶବ୍ଦିକ ବିଶ୍ଳେଷଣ ହେଉଛି ଦୁର୍ଗ+ଆ।ଦୁର୍ଗର ଅର୍ଥ ବିପଦ ବା ଦୁର୍ଗତି, ଆ ଅର୍ଥ ନଷ୍ଟ କରିବା। ମହିଷାସୁରମର୍ଦ୍ଦିନୀ ମା' ଦୁର୍ଗାଙ୍କର ବିଜୟ ଗାଥାର ନିଦର୍ଶନ ଦେବୀ ଭାଗବତ, ମାର୍କଣ୍ଡେୟ ପୁରାଣ ଆଦିରେ ବର୍ଣିତ। ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ। ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶିର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ।ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ।

ଦୁର୍ଗାଙ୍କର ଏହି ନବଶକ୍ତି ଜାଗ୍ରତ କରିବା ପାଇଁ ନବାର୍ଣ୍ଣ ବା ନବାକ୍ଷରୀ ମନ୍ତ୍ର ଜପ କରିବା ପାଇଁ ପରାମର୍ଶ ଦିଆଯାଇଛି। ନବର ଅର୍ଥ ନଅ।ଅର୍ଣର ଅର୍ଥ ଅକ୍ଷର।ନବାର୍ଣ୍ଣ ମନ୍ତ୍ରଟି ହେଉଛି - ଐଂ ହ୍ଲୀଂ କ୍ଲୀଂ ଚାମୁଣ୍ଡାୟୈ ବିଚ୍ଚେ। ଏହି ମନ୍ତ୍ରର ପ୍ରତ୍ୟେକ ଅକ୍ଷର ଦୁର୍ଗାଙ୍କ ଗୋଟିଏ ଗୋଟିଏ ଶକ୍ତିର ପରିଚାୟକ। ଦୁର୍ଗାଙ୍କର ୧୦୮ଟି ନାମ ଅଛି।ସେଗୁଡିକ ହେଲା: ସତୀ,ସାଧ୍ୱୀ, ଭବପ୍ରିତା, ଭବାନୀ, ଭବମୋଚନୀ, ଆର୍ଯ୍ୟା, ଦୁର୍ଗେ, ଜୟା, ଆଧା, ଅଭୟା, ମାୟା, ତ୍ରିନେତ୍ରା, ଶୂଳଧାରିଣୀ, ପିନାକଧାରିଣୀ, ଚିତ୍ରା, ଚନ୍ଦ୍ରଘଣ୍ଟା, ମହାତପା, ବୁଦ୍ଧି, ଅହଙ୍କାରା, ଚିତ୍ତରୁପା, ଚିତା, ସର୍ବମନ୍ତ୍ରମୟୀ, ସତ୍ତା, ସତ୍ୟାନନ୍ଦସ୍ୱରୁପିଣୀ, ଅନନ୍ତା, ଭାବିନୀ, ଭବ୍ୟା, ଅଭୟା, ସଦାଗତୀ, ସାମ୍ଭବୀ, ଦେବମାତା, ଚିନ୍ତା, ରତ୍ନପ୍ରିୟା, ସର୍ବବିଦ୍ୟା, ଦକ୍ଷକନ୍ୟା, ଦକ୍ଷଯଜ୍ଞବିନାସିନୀ, ଅପର୍ଣ୍ଣା, ଅନେକବର୍ଣ୍ଣା, ପାଟଳା, ପାଟଳାବତୀ, ପଟାମ୍ବରପରିଧାନା, କଳମଞ୍ଜୀରୀରଞ୍ଜିନୀ, ଅମୟା, ବିକ୍ରମା, କ୍ରୂରା, ସୁନ୍ଦରୀ, ସୁରସୁନ୍ଦରୀ, ବନଦୁର୍ଗା, ମାତଙ୍ଗୀ, ମାତଙ୍ଗମୁନିପୂଜିତା, ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, କୌମାରୀ, ବୈଷ୍ଣବୀ, ଚାମୁଣ୍ଡା, ବାରାହୀ, ଲକ୍ଷ୍ମୀ, ପୁରୁଷାକୃତି, ବିମଳା, ଉତ୍କର୍ଷିଣୀ, ଜ୍ଞାନା, କ୍ରିୟା, ନିତ୍ୟା, ବୁଦ୍ଧିଦା, ବହୁଳା, ବହୁଳାପ୍ରେମା, ସର୍ବବାହନବାହାନା, ନିଶୁମ୍ଭଶୁମ୍ଭହନନୀ, ମହିଷାସୁର ମର୍ଦ୍ଦିନୀ, ମଧୁକୈଟଭହନ୍ତ୍ରୀ, ଚଣ୍ଡମୁଣ୍ଡବିନାଶିନୀ, ସର୍ବସୁର ବିନାଶା, ସର୍ବଦାନବଘାତିନୀ, ସର୍ବଶାସ୍ତ୍ରମୟୀ, ସତ୍ୟା, ସର୍ବଶସ୍ତ୍ରଧାରିଣୀ, ଅନେକ ଶସ୍ତ୍ରହସ୍ତା, ଅନେକାସ୍ତ୍ରଧାରିଣୀ, କୁମାରୀ, ଏକକନ୍ୟା, କୈଶୋରୀ, ଯୁବତୀ, ଯତିଃ, ଅପ୍ରୌଢା, ପ୍ରୌଢା, ବୃଦ୍ଧମାତା, ବଳପ୍ରଦା, ମହୋଦରୀ, ମୁକ୍ତକେଶୀ, ଘୋରରୂପା, ମହାବଳା, ଅଗ୍ନିଜ୍ୱାଳା, ରୌଦ୍ରମୁଖୀ, କାଳରାତ୍ରିଃ, ତପସ୍ୱିନୀ, ନାରାୟଣୀ, ଭଦ୍ରକାଳୀ, ବିଷ୍ଣୁମାୟା, ଜଳୋଦରୀ, ଶିବଦୂତୀ, କରାଳୀ, ପରମେଶ୍ୱରୀ, କାତ୍ୟାୟନୀ, ସାବିତ୍ରୀ, ପ୍ରତ୍ୟକ୍ଷା ଓ ବ୍ରହ୍ମାବାଦିନୀ। ଦୁର୍ଗାଙ୍କର ବିଦ୍ୟାରୂପୀ ଦଶଶକ୍ତି ନିରୂପଣ କରାଯାଇଛି ଆଗମ ଶାସ୍ତ୍ରରେ। ସେହି ଦଶ ମହାବିଦ୍ୟା ହେଉଛନ୍ତି - କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ,ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଏବଂ କମଳା। ଏହାମଧରେ କାଳୀ, ତାରା, ଛିନ୍ନମସ୍ତା, ଧୂମାବତୀ ଉଗ୍ରା, ତଥା ବଗଳା, ଭୈରବୀ ସୌମ୍ୟୋଗ୍ର ମହାବିଦ୍ୟା ଏବଂ ଷୋଡ଼ଶୀ, ଭୁବନେଶ୍ୱରୀ, କମଳା, ମାତଙ୍ଗୀ ସୌମ୍ୟ ମହାବିଦ୍ୟା ରୂପେ ପରିଚିତା। ସୌମ୍ୟ ମହାବିଦ୍ୟାଙ୍କୁ ଶ୍ରୀସୁନ୍ଦରୀ କୁଳରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଉଗ୍ର, ସୌମ୍ୟୋଗ୍ର ମହବିଦ୍ୟାଙ୍କୁ କାଳୀ କୁଳରେ ଅନ୍ତର୍ଭୁକ୍ତ କରାହୋଇଛି। ଶ୍ରୀସୁନ୍ଦରୀ ଦେବୀମାନଙ୍କ ଆରଧନା ଗୃହ ମଧରେ ହେଉଥିଲାବେଳେ କାଳୀକୁଳ ଦେବୀମାନଙ୍କ ଉପାସନା ଶ୍ମଶାନ, ବଣ, ନଦୀତଟ ଆଦି ନିର୍ଜନ ସ୍ଥାନରେ ହୋଇଥାଏ, ତଥା ସୌମ୍ୟୋଗ୍ର ବିଦ୍ୟା ଉଭୟ ସ୍ଥାନରେ ଉପାସିତା ହୁଅନ୍ତି।

ତେବେ ପୂରଣ ବର୍ଣ୍ଣିତ କଥାକୁ ଯଦି ଆମେ ବିଚାରକୁ ନେବା ତେବେ ଚୈତ୍ର ବଂଶରେ ସୁରଥ ନାମକ ଜଣେ ରାଜା ପୃଥିବୀକୁ ଶାସନ କରୁଥିଲେ।ସେ ତାଙ୍କ ପ୍ରଜାଙ୍କୁ ପୁତ୍ରତୁଲ୍ୟ ପାଳନ କରୁଥିବା ସମୟରେ ବିଧ୍ୱଂସ ନାମକ ଜଣେ ରାଜା ତାଙ୍କ ସହିତ ଶତ୍ରୁତା କଲେ।ରାଜା ସୁରଥଙ୍କ ସହିତ ତାଙ୍କର ଯୁଦ୍ଧ ହେଲା।ଶତ୍ରୁମାନଙ୍କ ସଂଖ୍ୟା କମ୍ ଥିଲେ ମଧ ରାଜା ସୁରଥ ଦୁର୍ଭାଗ୍ୟବଶତଃ ଶତ୍ରୁଙ୍କଠାରୁ ପରାସ୍ତ ହେଲେ।କୌଶଳକ୍ରମେ ରାଜା ସୁରଥ ଶତ୍ରୁଙ୍କ କବଳରୁ ଖସି ଆସି ରାଜଧାନୀରେ ଦେଖିଲେ ଯେ, ଆତ୍ମୀୟମାନେ କୋଷାଗାର ଏବଂ ସୈନ୍ୟବାହିନୀକୁ ନଷ୍ଟ କରୁଛନ୍ତି।ଏହିପରିଭାବେ ରାଜ୍ୟ ନଷ୍ଟ ହୋଇଯିବାରୁ, ରାଜା ସୁରଥ ଉପାୟଶୂନ୍ୟ ହୋଇ ଅଶ୍ୱ ଚଢ଼ି ଜଙ୍ଗଲକୁ ପଳାଇଗଲେ।ଲକ୍ଷ୍ୟହୀନ ଭାବେ ଜଙ୍ଗଲରେ ଘୂରିବୁଲୁଥିବା ସମୟରେ ମେଧାଋଷିଙ୍କ ଆଶ୍ରମରେ ଆଶ୍ରୟ ନେଲେ।କିଛିଦିନ ରହିବା ପରେ, ଆଶ୍ରମ ନିକଟରେ ବୁଲୁଥିବା ସମାଧି ନାମକ ବୈଶ୍ୟକୁ ଭେଟିଲେ।ତାଙ୍କର ଆଗମନର କାରଣ ଥିଲା, ସେ ଜଣେ ଅତ୍ୟନ୍ତ ଧନଶାଳୀ ବୈଶ୍ୟ।ଧନରତ୍ନରେ ଲୋଭ କରି ପତ୍ନୀ ଓ ପୁତ୍ରମାନେ ତାଙ୍କୁ ଗୃହରୁ ବିତାଡିତ କରିଦେଲେ।ଆତ୍ମୀୟସ୍ୱଜନ କେହି ମଧ ଏପରି ଅବସ୍ଥାରେ ସାହାଯ୍ୟ କଲେନାହିଁ।ଅଗତ୍ୟା, ଜଙ୍ଗଲକୁ ପଳାଇ ଆସିଲେ।ରାଜା ସୁରଥ ବୈଶ୍ୟ ସମାଧିଙ୍କ ପ୍ରତି ହୋଇଥିବା ଅନ୍ୟାୟରେ ସମଦୁଃଖୀ ତାଙ୍କୁ ମେଧାଋଷିଙ୍କ ଆଶ୍ରମକୁ ନେଇ ଗଲେ।ଦେବୀଙ୍କ ମାହାତ୍ମ୍ୟ ମହର୍ଷି ମେଧାଙ୍କଠାରୁ ଶୁଣିଲା ପରେ ରାଜା ସୁରଥ ଓ ବୈଶ୍ୟ ସମାଧି ଦେବୀଙ୍କ କୃପାଲାଭ କରିବା ନିମିତ୍ତ ମନ ବଳାଇଲେ।ଗଙ୍ଗାନଦୀ କୂଳରେ ଦେବୀଙ୍କର ମୃଣ୍ମୟୀ ମୂର୍ତ୍ତି ତିଆରି କରି ଧୂପ,ଦୀପ, ଗନ୍ଧ, ପୁଷ୍ପ ଦେଇ ଅତ୍ୟନ୍ତ ନିଷ୍ଠାର ସହିତ ଆରାଧନା କଲେ।ସେ ଦୁହେଁ ଉପବାସ ରହି କେବେ କେବେ ସ୍ୱଳ୍ପାହାର ଗ୍ରହଣ କରି ମାଆଙ୍କ ପୂଜା କରୁଥିଲେ।ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ନିଜ ଦେହର ରକ୍ତକୁ ଅର୍ପଣ କରିବାକୁ ପଛାଉନଥିଲେ।ଏହିପରି ଭାବେ ତିନିବର୍ଷ ଅତିବାହିତ ହୋଇଯିବା ପରେ ଦେବୀ ସେଦୁହିଁଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଇପ୍‌ସିତ ବର ପ୍ରଦାନ କଲେ। ଇତିହାସରୁ ଯାହା ଜଣାଯାଏ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତକରେ ରଚିତ 'ମାର୍କଣ୍ଡେୟ ପୁରାଣ' ଅନୁସାରେ ରାଜା ସୁରଥ ପ୍ରଥମେ ଉତ୍କଳରେ ଦୁର୍ଗାପୂଜା ଆରମ୍ଭ କରିଥିଲେ।ରାଜା ସୁରଥ ହେଉଛନ୍ତି ଚେଦିବଂଶର ମହାମେଘବାହନ ଐରଖାରବେଳଙ୍କ ବଂଶଧର।ଖାରବେଳ ଏହି ପୁରାଣ ପ୍ରସିଦ୍ଧ ସୁରଥ ରାଜାଙ୍କର ପଞ୍ଚମ ସୋପାନ ବା ପଞ୍ଚମ ବଂଶାନୁକ୍ରମେ ସମୁଚୀନ ମନେହୁଏ।ଖାରବେଳଙ୍କ ପୂର୍ବଜ ସୁରଥ ହେଉଛନ୍ତି ଚେଦି।ଚେତି ଚୈତ୍ୟବଂଶର ଜନୈକ କୌଣସି ରାଜାଙ୍କ ସହ ଯୁଦ୍ଧରେ ପରାସ୍ତ ହୋଇ ବନରେ ଆତ୍ମଗୋପନ କଲେ।ସେଠାରେ ନିଜ ସ୍ତ୍ରୀ ଓ ପୁତ୍ରଦ୍ୱାରା ପରିତ୍ୟକ୍ତ ସମାଧି ନାମକ ଜନୈକ ନିର୍ଦ୍ଧନ ସାଧବଙ୍କ ସହିତ ସାକ୍ଷାତ ହେଲା।ଉଭୟ ମେଧସ୍ ଋଷିଙ୍କ ଆଶ୍ରମରେ ଆଶ୍ରୟ ନେଇ ତାଙ୍କର ପରାମର୍ଶକ୍ରମେ ଶରତ ଋତୁରେ ନଦୀତଟରେ ଦେବୀ ଦୁର୍ଗାଙ୍କର ମୃଣ୍ମୟୀ ପ୍ରତିମା ନିର୍ମାଣ ପୂର୍ବକ ପୁଷ୍ପଧୂପ ନୈବେଦ୍ୟ ସମର୍ପଣ କରି ଶ୍ରୀଶ୍ରୀ ଦେବୀସୂକ୍ତରେ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କଲେ।ପରବର୍ତ୍ତୀ ସମୟରେ ଏହା ଧରାପୃଷ୍ଠରେ ସର୍ବବିଦିତ ହେଲା।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଜର୍ଜ ତିର୍କୀଙ୍କ ବିୟୋଗ ଓଡ଼ିଶାର ରାଜନୈତିକ ଦୃଶ୍ୟପଟ ପାଇଁ ପ୍ରକୃତରେ ଏକ ଅପୂରଣୀୟ କ୍ଷତି। ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ବିଧାୟକ ଭାବରେ, ସେ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ ଛାପ ଛାଡିଯାଇଛନ୍ତି। ଆଦିବାସୀ ଅଧିକାର, ଶ୍ରମିକ କଲ୍ୟାଣ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ତାଙ୍କର ଉତ୍ସର୍ଗୀକୃତତା ଅନେକଙ୍କୁ ପ୍ରେରଣା ଦେଇଛି। ତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ତାଙ୍କ ସହକର୍ମୀ, ବନ୍ଧୁ ଏବଂ ସେ ଯେଉଁମାନଙ୍କର ସେବା କରିଥିଲେ ସେମାନେ ଗଭୀର ଭାବରେ ଅନୁଭବ କରିବେ। ଶ୍ରଦ୍ଧାଞ୍ଜଳି ଏବଂ ସମବେଦନା - ସହକର୍ମୀ ଏବଂ ନେତା : ରାଜନେତା, ସାମାଜିକ କର୍ମୀ ଏବଂ ସମ୍ପ୍ରଦାୟ ନେତାଙ୍କ ସମେତ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି, ଓଡ଼ିଶାର ରାଜନୀତି ଏବଂ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ୱୀକାର କରିଛନ୍ତି। ସମ୍ପ୍ରଦାୟ : ବିଶେଷକରି ଆଦିବାସୀ ସମ୍ପ୍ରଦାୟ ଜଣେ ଚାମ୍ପିଅନକୁ ହରାଇଛି ଯିଏ ସେମାନଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଅକ୍ଳାନ୍ତ ଲଢିଥିଲେ। ତାଙ୍କର ଐତିହ୍ୟ ଭବିଷ୍ୟତ ପିଢିର ନେତା ଏବଂ କର୍ମୀଙ୍କୁ ପ୍ରେରଣା ଯୋଗାଇବ। ଐତିହ୍ୟ ବଞ୍ଚି ରହିଛି - ରୋହିତ ଜୋସେଫ ତିର୍କୀ : ଜର୍ଜ ତିର୍କୀଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ଜର୍ଜ ତିର୍କୀଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ବୀରମିତ୍ରପୁରର ବିଜେଡି ବିଧାୟକ ଭାବରେ ତାଙ୍କର ତାଙ୍କ ପିତାଙ୍କ ଐତିହ୍ୟକୁ ଆଗକୁ ବହନ କରୁଛନ୍ତି। ସେ ତାଙ୍କ ପିତାଙ୍କ କାର୍ଯ୍ୟ ଜାରି ରଖିବା ଏବଂ ଆଦିବାସୀ କଲ୍ୟାଣ ଏବଂ ସମ୍ପ୍ରଦାୟ ବିକାଶ ପାଇଁ ତାଙ୍କ ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରତିବଦ୍ଧ। ସମ୍ପ୍ରଦାୟ ସଶକ୍ତିକରଣ : ସମ୍ପ୍ରଦାୟ ସଶକ୍ତିକରଣ ଏବଂ ଆଦିବାସୀ ଅଧିକାର ପାଇଁ ଜର୍ଜ ତିର୍କୀଙ୍କ ଅବଦାନ ଅନ୍ୟମାନଙ୍କୁ ସମାନ କାରଣ ପାଇଁ କାମ କରିବାକୁ ପ୍ରେରଣା ଏବଂ ପ୍ରେରଣା ଯୋଗାଇବ। ତାଙ୍କର ଐତିହ୍ୟ ସମର୍ପିତ ନେତୃତ୍ୱ ଏବଂ ସମ୍ପ୍ରଦାୟ ସେବାର ଗୁରୁତ୍ୱକୁ ସ୍ମରଣ କରାଇଥାଏ। ଜର୍ଜ ତିର୍କୀଙ୍କ ପରଲୋକ ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି, କିନ୍ତୁ ତାଙ୍କ ସ୍ପର୍ଶ କରିଥିବା ଅଗଣିତ ଜୀବନ ଏବଂ ତାଙ୍କ ନେତୃତ୍ୱ ନେଇଥିବା ଆନ୍ଦୋଳନ ମାଧମରେ ତାଙ୍କର ଐତିହ୍ୟ ଅପରିବର୍ତ୍ତନୀୟ ରହିବ। ଜର୍ଜ ତିର୍କୀ ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ଓଡ଼ିଶା ବିଧାୟକ ଥିଲେ ଯିଏ ରାଜ୍ୟ ରାଜନୀତିରେ ଏକ ଅମିଟ ଛାପ ଛାଡିଥିଲେ। ତାଙ୍କର ରାଜନୈତିକ କ୍ୟାରିଅର ତିନି ଦଶନ୍ଧି ଧରି ବ୍ୟାପିଥିଲା, ଏହି ସମୟ ମଧରେ ସେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ରାଜନୈତିକ ଯାତ୍ରାର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି। ନିର୍ବାଚନୀ ବିଜୟ - ତିର୍କୀ ୧୯୯୫ ଏବଂ ୨୦୦୦ ମସିହାରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଝୌଗଗ) ଟିକେଟରେ, ୨୦୦୯ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଏବଂ ୨୦୧୪ ମସିହାରେ ସମତା କ୍ରାନ୍ତି ଦଳ ଟିକେଟରେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ଦଳୀୟ ସମ୍ପର୍କ - ସେ ଝାଡଖଣ୍ଡ, ସମତା ଦଳ ଟିକେଟରେ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲେ। ଦଳୀୟ ସମ୍ପର୍କ-ସେ ଝାଡଖଣ୍ଡ ସମତା କ୍ରାନ୍ତି ଦଳ ଏବଂ ଭାରତୀୟ ଜାତୀୟ କଂଗ୍ରେସ ସମେତ ବିଭିନ୍ନ ଦଳ ସହିତ ଜଡିତ ଥିଲେ। ୨୦୦୨ ମସିହାରେ ସେ ବିଜୁ ଜନତା ଦଳ(ଈଔଡ) ରେ ଯୋଗ ଦେଇଥିଲେ କିନ୍ତୁ ୨୦୦୬ ମସିହାରେ ଇସ୍ତଫା ଦେଇଥିଲେ। ନେତୃତ୍ୱ ଭୂମିକା - ତିର୍କୀ ଝାଡଖଣ୍ଡ ସୁନ୍ଦରଗଡ଼ ସମ୍ବଲପୁର ଜିଲ୍ଲା କମିଟିର ସମ୍ପାଦକ, ଝାଡଖଣ୍ଡ ଓଡ଼ିଶା ରାଜ୍ୟର ସାଧାରଣ ସମ୍ପାଦକ ଏବଂ ଝାଡଖଣ୍ଡ କେନ୍ଦ୍ରୀୟ କମିଟିର ସମ୍ପାଦକ ଭଳି ଗୁରୁତ୍ୱପୁର୍ଣ୍ଣ ପଦବୀରେ ରହିଥିଲେ। ଓକିଲ - ସେ ଆଦିବାସୀ ଅଧିକାର, ବିଶେଷ କରି ଭୂମି ଏବଂ ଜୀବିକା ନିର୍ବାହ ପ୍ରସଙ୍ଗ ପାଇଁ ଜଣେ ପ୍ରଚଣ୍ଡ ପ୍ରବକ୍ତା ଥିଲେ ତିର୍କୀ ଆଦିବାସୀ ଜନସଂଖ୍ୟାର ସ୍ୱାର୍ଥ ରକ୍ଷା ପାଇଁ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିଲେ ଏବଂ ଶୋଷଣ ବିରୁଦ୍ଧରେ ଲଢିଥିଲେ। ଉପ୍ତତି - ତାଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ବୀରମିତ୍ରପୁରର ବିଜେଡି ବିଧାୟକ ଭାବରେ ତାଙ୍କର ଐତିହ୍ୟକୁ ଜାରି ରଖିଛନ୍ତି। ଜର୍ଜ ତିର୍କୀଙ୍କ ପରଲୋକ ଓଡ଼ିଶାରେ ଆଦିବାସୀ ରାନୀତିରେ ଏକ ଯୁଗର ଅନ୍ତ ଘଟାଇଛି, ନେତୃତ୍ୱ ଏବଂ ସମ୍ପ୍ରଦାୟ ସଶକ୍ତିକରଣର ଏକ ଐତିହ୍ୟ ଛାଡିଯାଇଛି। ଓଡ଼ିଶାର ରାଜନୀତି ଏବଂ ସମାଜ ପଇଁ ଜର୍ଜ ତିର୍କୀଙ୍କ ଅବଦାନ ବହୁମୁଖୀ ଏବଂ ସୁଦୂର ପ୍ରସାରୀ। ତାଙ୍କ ଅବଦାନର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି। ଆଦିବାସୀ ଅଧିକାର ଓକିଲାତି - ତିର୍କୀ ଉପେକ୍ଷିତ ଗୋଷ୍ଠୀ ପାଇଁ ଏକ ଶକ୍ତିଶାଳୀ ସ୍ୱର ଥିଲେ, ଆଦିବାସୀ ସମ୍ପ୍ରଦାୟର ଅଧିକାର ଏବଂ କଲ୍ୟାଣ ପାଇଁ ଅକ୍ଳାନ୍ତ ଲଢିଥିଲେ। ସେ ଆଦିବାସୀ ଜନସଂଖ୍ୟାର ସ୍ୱାର୍ଥ ରକ୍ଷା ପାଇଁ କାର୍ଯ୍ୟ କରିଥିଲେ ଏବଂ ଶୋଷଣ ବିରୁଦ୍ଧରେ ଲଢିଥିଲେ। ନେତୃତ୍ୱ ଏବଂ ସମ୍ପ୍ରଦାୟ ସଶକ୍ତିକରଣ : ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ବିଧାୟକ ଭାବରେ, ତିର୍କୀ ଦଳିତଙ୍କ ପାଇଁ ଜଣେ ଚାମ୍ପିଆନ ଭାବରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ନେତୃତ୍ୱ ଏମଂ ସମ୍ପ୍ରଦାୟ ସଶକ୍ତିକରଣ ପ୍ରୟାସ ଓଡ଼ିଶାର ଆଦିବାସୀ ରାଜନୀତି ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇଛି। ରାଜନୈତିକ କ୍ୟାରିଅର : ୧୯୯୫, ୨୦୦୦, ୨୦୦୯ ଏବଂ ୨୦୧୪ରେ ତିର୍କୀଙ୍କ ନିର୍ବାଚନୀ ବିଜୟ ଭୋଟରଙ୍କ ସହ ସଂଯୋଗ ସ୍ଥାପନ ଏବଂ ସେମାନଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରିବାର ତାଙ୍କର କ୍ଷମତାକୁ ପ୍ରଦର୍ଶନ କରେ। ସେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଝୌଗଗ) ସମତା କ୍ରାନ୍ତି ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଭିନ୍ନ ମଞ୍ଚରେ ନିର୍ବାଚନ ଲଢିଥିଲେ ଏବଂ ଜିତିଥିଲେ। ଶ୍ରମିକ ଅଧିକାର - ଜଣେ ଶ୍ରମିକ ନେତା ଭାବରେ ତିର୍କୀ ଶ୍ରମିକଙ୍କ ଅଧିକାରକୁ ସୁରକ୍ଷା ଦେବା ଏବଂ ସେମାନଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିଥିଲେ। ଶ୍ରମିକ ଅଧିକାର ପାଇଁ ତାଙ୍କର ଅବଦାନ ଓଡ଼ିଶାର ଅନେକ ଶ୍ରମିକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇଛି। ଭବିଷ୍ୟତ ନେତାଙ୍କୁ ପ୍ରେରଣାଦାୟକ : ତିର୍କୀଙ୍କ ଐତିହ୍ୟ ଭବିଷ୍ୟତର ନେତା ଏବଂ କର୍ମୀଙ୍କୁ ପ୍ରେରଣା ଦେଇ ଚାଲିଛି। ତାଙ୍କ ପୁଅ, ରୋହିତ ଜୋସେଫ ତିର୍କୀ, ବର୍ତ୍ତମାନ ବିଜେଡି ଟିକେଟରେ ବୀରମିତ୍ରପୁରରୁ ବିଧାୟକ ଭାବରେ କାର୍ଯ୍ୟ କରୁଛନ୍ତି, ତାଙ୍କ ପିତାଙ୍କ ଐତିହ୍ୟକୁ ଆଗକୁ ବଢ଼ାଉଛନ୍ତି। ସାମଗ୍ରିକ ଭାବରେ, ଓଡ଼ିଶାର ରାଜନୀତି ଏବଂ ସମାଜ ପାଇଁ ଜର୍ଜ ତିର୍କୀଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ତାଙ୍କ ଐତିହ୍ୟ ଆଗାମୀ ପିଢି ପର୍ଯ୍ୟନ୍ତ ଅନୁଭବ କରାଯିବ। ଜର୍ଜ ତିର୍କୀଙ୍କ ଚିନ୍ତାଧାରା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ଅଧିକାର ଏବଂ କଲ୍ୟାଣର ସମର୍ଥନ କରିବା ଚାରିପାଖରେ ଘୁରି ବୁଲୁଛି। ଜଣେ ପ୍ରବୀଣ ଆଦିବାସୀ ନେତା ଏବଂ ଚାରିଥର ବିଧାୟକ ଭାବରେ ଅକ୍ଳାନ୍ତ ଲଢୁଛନ୍ତି। ତାଙ୍କ ଚିନ୍ତାଧାରାର କିଛି ପ୍ରମୁଖ ଦିଗ ଏଠାରେ ଦିଆଯାଇଛି। ପ୍ରତିଷ୍ଠା ବିରୋଧୀ- କେତେକ ସମୟରେ, ତିର୍କୀ ଏକ ପ୍ରତିଷ୍ଠା ବିରୋଧୀ ମନୋଭାବ ଗ୍ରହଣ କରିଛନ୍ତି, ସରକାରଙ୍କ ନୀତି ଏବଂ କାର୍ଯ୍ୟକୁ ସମାଲୋଚନା କରିଛନ୍ତି ଯାହା ସେ ବିଶ୍ୱାସ କରନ୍ତି ଯେ ଆଦିବାସୀ ସମ୍ପ୍ରଦାୟର ସ୍ୱାର୍ଥ ପାଇଁ କ୍ଷତିକାରକ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

## ଏଚ୍-୧ ବି ଭିସାକୁ ନେଇ ସାମାନ୍ୟ ଆଶ୍ୱସ୍ତି

# କେବଳ ନୂଆ ଆବେଦନକାରୀଙ୍କ ପାଇଁ ଲାଗୁ ହେବ ନିୟମ




ୱାଶିଂଟନ, ୨୧ା୯ : ଆମେରିକା ଭିସାକୁ ନେଇ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଯେଉଁମାନେ ଆମେରିକାରେ ଅଛନ୍ତି ସେମାନଙ୍କ ପାଇଁ ନୂଆ ନିୟମ ଲାଗୁ ହେବ ନାହିଁ। ଯେଉଁମାନେ ନୂଆ ଆବେଦନକାରୀ ସେମାନଙ୍କ କ୍ଷେତ୍ରରେ କେବଳ ଏହି ନୂଆ ନିୟମ ଲାଗୁ ହେବ। ନୂଆ ଏଚ-୧ବି ଭିସା ଆବେଦନ ପାଇଁ ବାର୍ଷିକ ୯୦ ଲକ୍ଷ ଟଙ୍କା ଦେବାକୁ ହେବ। ଯେଉଁମାନଙ୍କ ପାଖରେ ଏଚ-୧ବି ଭିସା ଅଛି ଏବଂ ସେମାନେ ଆମେରିକା ବାହାରେ ଅଛନ୍ତି, ସେମାନଙ୍କ ପାଇଁ ନୂଆ ନିୟମ ଲାଗୁ ହେବ ନାହିଁ।

ସୂଚନାନୁଯାୟୀ, ସୋସିଆଲ ମିଡିଆ ଏକ୍ସ ରେ ସୂଚନା ଦେଇଛନ୍ତି ହ୍ୱାଇଟ ହାଉସ ପ୍ରେସ୍ ସଚିବ କାରୋଲିନ ଲେଭିଟ। ଭିସା ନବୀକରଣ ପାଇଁ ମଧ୍ୟ ଏହା ଲାଗୁ ହେବ ନାହିଁ। ଯେଉଁମାନେ ଭିସା ପାଇଁ ନୂଆ ଆବେଦନ କରିବେ କେବଳ ସେହିମାନଙ୍କୁ ହିଁ ୯୦ ଲକ୍ଷ ଟଙ୍କା ପଡ଼ିବ। ନୂଆ ନିୟମ ଆଜିଠାରୁ ଲାଗୁ ହେବା ଏ ନେଇ ଗତକାଲି ଏକଜିକ୍ୟୁଟିଭ ଅର୍ଡରରେ ଦସ୍ତଖତ କରିଛନ୍ତି ଟ୍ରମ୍ପ। ଏଚ-୧ବି ଭିସା ଜରିଆରେ ବିଭିନ୍ନ ଆମେରିକୀୟ କମ୍ପାନୀମାନେ ବିଦେଶୀ ବିଶେଷଜ୍ଞଙ୍କୁ ଆଣିଥାନ୍ତି। ବିଶେଷ କରି ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ବ୍ୟବହାର ହୋଇଥାଏ ଏଚ-୧ବି ଭିସା। ତେବେ ଆମେରିକା ସ୍ୱପ୍ନକୁ ଚୁରମାର କରିବା। ପ୍ରକାଶଯୋଗ୍ୟ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଅର୍ଥାତ୍ ଗତକାଲି ନୂଆ ଏଚ-୧ବି ଭିସା ଆବେଦନ ଉପରେ ୧୦୦,୦୦୦ ଡଲାର ଶୁଳ୍କ ଲାଗୁ କରିବା ପାଇଁ ଏକ ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଯାହାର ଅର୍ଥ ହେଉଛି ଭାରତୀୟମାନଙ୍କୁ ଏବେ ଭିସା ପାଇଁ ଆବେଦନ କରିବା ପାଇଁ ୮୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଏହି ପଦକ୍ଷେପ ଭାରତୀୟ ଶ୍ରମିକମାନଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିବ।

# ଏଲ୍‌ଓସିରେ ପାକ୍‌ର ଅସ୍ତ୍ରବିରତି ଉଲ୍ଲଂଘନ

## ସେନା ପୋଷ୍ଟ ଧ୍ୱଂସକଲା ଭାରତ



ଶ୍ରୀନଗର ୨୧ା୯: ସାଉଦୀ ଆରବ ସହ ରକ୍ଷା ବୁଝାମଣା ପରେ ପାକିସ୍ତାନ ଜମ୍ମୁ-କାଶ୍ମୀର ନିୟନ୍ତ୍ରଣ ରେଖା(ଏଲଓସି)ରେ ରବିବାର ସିଜଫାୟାର ଉଲ୍ଲଂଘନ କରିଛି। ପାକିସ୍ତାନୀ ସେନା ପାଖାପାଖି ୪୦ ମିନିଟ୍ ଧରି ଗୁଳି ବର୍ଷା କରିଛି। ଏହା ପରେ ଭାରତୀୟ ସେନା ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଏକ ପ୍ରମୁଖ ମନିଟରିଂ ପୋଷ୍ଟକୁ ଉଡାଇଦେଇଛି। ଭାରତର କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ପକ୍ଷରୁ ଗତିବିଧି ଥମିଯାଇଛି।

ପାକିସ୍ତାନ ରବିବାର ଏହି ଆକ୍ରମଣ ଜମ୍ମୁ-କାଶ୍ମୀରର ସେହି ସ୍ଥାନରେ କରିଛି ଯେଉଁଠି ଦୁଇ ଦେଶର ସେନା ମୁହାଁମୁହିଁ ରହିଥାନ୍ତି। ପାକିସ୍ତାନୀ ସେନା ଛୋଟ ଅସ୍ତ୍ରଶସ୍ତ୍ର ଓ ମୋର୍ଟାରରେ ଭାରତୀୟ ପୋଷ୍ଟ ଉପରକୁ ଆକ୍ରମଣ କରିଥିଲେ। ଭାରତୀୟ ସେନା ତୁରନ୍ତ ଓ ପ୍ରଭାବୀ ଢଙ୍ଗରେ ଜବାବ ଦେଇ ପାକିସ୍ତାନ ପୋଷ୍ଟକୁ ଟାର୍ଗେଟ୍ କରିଥିଲା।

ସୀମାରେ ପାକିସ୍ତାନ ସେନାର ଏପରି କାର୍ଯ୍ୟାନୁଷ୍ଠାନ ସେତେବେଳେ ହୋଇଛି ଯେତେବେଳେ ଦିନକ ପୂର୍ବରୁ ସାଉଦୀ ଆରବ ସହିତ ପ୍ରତିରକ୍ଷା ବୁଝାମଣା କରିଛି। ଏହି ବୁଝାମଣା ଅନୁସାରେ ସାଉଦୀ ଆରବ ପାକିସ୍ତାନକୁ ସୈନ୍ୟ ସହାୟତା ଓ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ବିଶେଷଜ୍ଞଙ୍କ ଅନୁସାରେ ଏହି ବୁଝାମଣା ପରେ ଭାରତକୁ ଉସକାଇବା ପାଇଁ ଓ ନିଜର ନୂଆ ସାମରିକ କ୍ଷମତା ପ୍ରଦର୍ଶନ ପାଇଁ ପାକିସ୍ତାନ ଏଭଳି ପଦକ୍ଷେପ ନେଇଛି। ଏଥିରୁ ଭାରତ-ପାକ୍ ସୀମାରେ ଏବେବି ଉତ୍ତେଜନା ଲାଗି ରହିଥିବା ପ୍ରମାଣିତ ହୋଇଛି। ତେବେ ସବୁଥର ଭଳି ଭାରତ ଏଥର ମଧ୍ୟ ନିଜ ସୀମାରେ ଉସକାଇବା ଭଳି କାର୍ଯ୍ୟର କଡ଼ା ଜବାବ ଦେବାର ନୀତି ଆପଣେଇଛି। ଭାରତୀୟ ସେନା ଯବାନମାନେ ଏହି ଚ୍ୟାଲେଞ୍ଜକୁ ସାହାସର ସହିତ ସାମ୍ନା କରିଥିବା ବେଳେ ପାକିସ୍ତାନର ବିପୁଳ କ୍ଷୟକ୍ଷତି କରିଛନ୍ତି। ଫଳରେ ପାକିସ୍ତାନ ନିଜ ଆଡୁ ଚୁପ୍ ହୋଇଯାଇଛି।

## ବିଏସ୍‌ଏଫ୍ ପାଠ୍ୟକ୍ରମରେ ଡ୍ରୋନ ତାଲିମ ଅନ୍ତର୍ଭୁକ୍ତ



ନୂଆଦିଲ୍ଲୀ, ୨୧ା୯: ରବିବାର ଦିନ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) କହିଛି ଯେ, ଅପରେସନ ସିନ୍ଦୂର ପରେ ଡ୍ରୋନ୍ ଯୁଦ୍ଧକୁ ଏହାର ତାଲିମର ଏକ ବାଧ୍ୟତାମୂଳକ ଅଂଶ କରିଛି। ବିଏସ୍‌ଏଫ୍ ଏକାଡେମୀର ନିର୍ଦ୍ଦେଶକ ଶମଶେର୍ ସିଂହ କହିଛନ୍ତି, "ଆମେ ତାଲିମ ପାଠ୍ୟକ୍ରମରେ ସଂଶୋଧନ କରିଛୁ। ଏକ ଡ୍ରୋନ୍ ସ୍କୁଲ ମଧ୍ୟ ଆରମ୍ଭ ହୋଇଛି ଯାହା ଦ୍ୱାରା ସଶସ୍ତ୍ର ବାହିନୀ ଆଧୁନିକ ଯୁଦ୍ଧ ପାଇଁ ସ୍ୱଦେଶୀ ସମାଧାନ ଉପରେ ନିର୍ଭର କରିପାରିବ,।" ପୂର୍ବରୁ ରିପୋର୍ଟ ହୋଇଥିଲା ଯେ ବିଏସ୍‌ଏଫ୍ ବର୍ଦ୍ଧିତ ଆକାଶ ବିପଦର ମୁକାବିଲା ପାଇଁ ଏହାର ପ୍ରଥମ ଡ୍ରୋନ୍ ସ୍କ୍ୱାର୍ଡନ୍ ବୃଦ୍ଧି କରୁଛି। ପିଟିଆଇ ଅନୁଯାୟୀ, ବିଭିନ୍ନ ସୂତ୍ରରୁ ନିଶ୍ଚିତ ହୋଇଛି ଯେ, ନୂଆ ଡ୍ରୋନ୍ ସ୍କ୍ୱାର୍ଡନ୍ ଜମ୍ମୁ, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜରାଟରେ ୨,୦୦୦ କିଲୋମିଟରରୁ ଅଧିକ ଭାରତ-ପାକିସ୍ତାନ ସୀମାରେ ବିସ୍ତାରିତ ବିଓପିଏସ୍‌ରେ ମୁତୟନ କରାଯିବ। ପ୍ରତ୍ୟେକ ଡ୍ରୋନ୍ ଦଳରେ ୨-୩ ଜଣ ପ୍ରଶିକ୍ଷିତ କର୍ମଚାରୀ ରହିବେ।

## କାମୁଡ଼ିଲେ ଏଣିକି କୁକୁରଙ୍କୁ ମିଳିବ ଆଜୀବନ ଜେଲ

ଲକ୍ଷ୍ନୌ, ୨୧ା୯: ଉତ୍ତର ପ୍ରଦେଶର ମହୋବାରେ ଦିନକୁ ଦିନ ବୁଲା କୁକୁର କାମୁଡ଼ା ସଂଖ୍ୟା ବୃଦ୍ଧି ପାଉଛି। ଯାହାକୁ ବନ୍ଦ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପୌରପାଳିକା ଏକ ପ୍ରାଣୀ ଜନ୍ମ ନିୟନ୍ତ୍ରଣ କେନ୍ଦ୍ର ପ୍ରତିଷ୍ଠା କରିବ ଯେଉଁଠାରେ କୁକୁରମାନଙ୍କୁ ଜୀବନବ୍ୟାପୀ ବନ୍ଦୀ କରି ରଖାଯିବ। ଜିଲ୍ଲା ହସ୍ପିଟାଲର ମଡେଲ ରେବିଜ୍ ଆଣ୍ଟି-ରେବିଜ୍ କ୍ଲିନିକ୍ ରୁ ମିଳିଥିବା ଖବର ଅନୁସାରେ କୁକୁର କାମୁଡ଼ିବା ପରେ ପ୍ରତିଦିନ ହାରାହାରି ୧୩ ଜଣ ଲୋକ ଚିକିତ୍ସା ପାଇଁ ଆସିଥିଲେ। ଗତ ମାସରେ, ୩୯୪ ଜଣଙ୍କୁ କୁକୁର କାମୁଡ଼ିଥିଲେ ଏବଂ ମୋଟ ୧୧୭୫ ଡୋଜ୍ ଦିଆଯାଇଥିଲା। ଆଲମପୁରା, ହାଭେଲି ଦ୍ୱାରଭାଜା, ଭାଟିପୁରା, ସମଦନଗର, କସୋରା, ମିଲକିପୁରା, କାଜିପୁରା, ସୁଭାଷ ଚୌକ ଏବଂ ଗାନ୍ଧୀନଗର ଭଳି ପଡ଼ୋଶୀରେ ମାମଲା ଆହୁରି ଗମ୍ଭୀର ରହିଛି। ବୁଲା କୁକୁର କାମୁଡ଼ା ଦ୍ୱାରା



ହେଉଥିବା ଏକ ମାରାତ୍ମକ ରୋଗ, ରାବିଜ୍ ବିପଦର ମଧ୍ୟ ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ। ସହରର ବଜାର ପରିସ୍ଥିତି ଏପରି ଯେ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଘରୁ ବାହାରକୁ ପଠାଇବାକୁ ଭୟଭୀତ ହେଉଛନ୍ତି। ନିକଟରେ ଏକ ନାବାଳକ ଶିଶୁ ପୁଅକୁ କୁକୁରଙ୍କ ଦଳ ଆକ୍ରମଣ କରିଥିଲା, ଯାହା ଫଳରେ ତାଙ୍କ ମୁହଁ ଏବଂ ଶରୀରରେ ଅନେକ ଆଘାତ ଲାଗିଥିଲା। କୁକୁରମାନଙ୍କ ଯୋଗୁଁ ପିଲାମାନେ ଖେଳିବା ମଧ୍ୟ କଷ୍ଟକର ହୋଇପଡିଛି ବୋଲି କହିଛନ୍ତି ସ୍ଥାନୀୟ ଲୋକେ। ଏହି ସମସ୍ୟାର ସମାଧାନ ପାଇଁ, ସରକାର କୁକୁର ଭୟର ସମାଧାନ ପାଇଁ ଏକ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁ କୁକୁର ଦୁଇଥର କାମୁଡ଼ନ୍ତି ସେମାନଙ୍କୁ ଆଜୀବନ କାରାଦଣ୍ଡ ଦିଆଯିବ। ଏହି କୁକୁରମାନଙ୍କୁ ଟ୍ରାକ୍ କରିବା ପାଇଁ ସେମାନଙ୍କ ଉପରେ ଏକ ସ୍ୱତନ୍ତ୍ର ଚିପ୍ ଲଗାଯିବ। ଯଦି ସେହି କୁକୁର ପୁଣି କାହାକୁ କାମୁଡ଼େ, ତେବେ ତାକୁ ଚିହ୍ନଟ କରି ଆଜୀବନ ଜେଲଦଣ୍ଡ ଦିଆଯିବ।

## (ଅଭିନେତ୍ରୀ ଜ୍ୟାକଲିନଙ୍କ ମନିଲଣ୍ଡରିଂ ମାମଲା)

# ଦିଲ୍ଲୀ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ



ମୁମ୍ବାଇ ୨୧ା୯; ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଜଡିତ ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ଆଶ୍ୱସ୍ତି ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଜ୍ୟାକଲିନ୍ ଦିଲ୍ଲୀ ହାଇକୋର୍ଟର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଅଗଷ୍ଟିନ୍ ଜର୍ଜ ମାସିହଙ୍କ ଖଣ୍ଡପୀଠ ସୋମବାର, ସେପ୍ଟେମ୍ବର ୨୨ ତାରିଖରେ ଜ୍ୟାକଲିନଙ୍କର ଆବେଦନର ଶୁଣାଣି କରିବେ।

୩ ଜୁଲାଇରେ, ଦିଲ୍ଲୀ ହାଇକୋର୍ଟ ୨୦୦ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ସୁକେଶ ଚନ୍ଦ୍ରଶେଖରଙ୍କ ବିରୋଧରେ ଦାୟର କରାଯାଇଥିବା ଏଫଆଇଆରକୁ ରଦ୍ଦ କରିବା ପାଇଁ ଏକ ଆବେଦନକୁ ଖାରଜ କରିଦେଇଥିଲେ। ଜ୍ୟାକଲିନ୍ ଆବେଦନକୁ ଖାରଜ କରି ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ ଅଭିଯୁକ୍ତ ପ୍ରକୃତରେ ଅପରାଧ କରିଛନ୍ତି କି ନାହିଁ ତାହା ନିର୍ଣ୍ଣୟ କେବଳ ଟ୍ରାଏଲ୍ କୋର୍ଟ କରିପାରିବେ। ଏହି ସମୟରେ ଜ୍ୟାକଲିନ୍ ଦିଲ୍ଲୀ ହାଇକୋର୍ଟରେ କହିଛନ୍ତି ଯେ ତାଙ୍କ ବିରୁଦ୍ଧରେ ସମସ୍ତ ଅଭିଯୋଗ ମିଥ୍ୟା ଏବଂ ସୁକେଶ ଚନ୍ଦ୍ରଶେଖରଙ୍କ ଅପରାଧିକ ଇତିହାସ ବିଷୟରେ ତାଙ୍କର କୌଣସି ଜ୍ଞାନ ନାହିଁ।

ଦିଲ୍ଲୀ ହାଇକୋର୍ଟରେ ଦାୟର କରିଥିବା ଆବେଦନରେ, ଜ୍ୟାକଲିନ କେବଳ ଇଡିର ମାମଲା ଖାରଜ କରିବାକୁ ଅନୁରୋଧ କରିନଥିଲେ ବରଂ ଚାର୍ଜସିଟ୍ ଗ୍ରହଣ କରିବା ପାଇଁ ନିମ୍ନ ଅଦାଲତର ନିର୍ଦ୍ଦେଶକୁ ମଧ ଚ୍ୟାଲେଞ୍ଜ କରିଥିଲେ। ଜ୍ୟାକଲିନ ତାଙ୍କ ଏବଂ ସୁକେଶଙ୍କ ବିରୁଦ୍ଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଯେଉଁ ଏଫଆଇଆର ତଦନ୍ତ କରୁଛି ତାହାକୁ ରଦ୍ଦ କରିବାକୁ ଅନୁରୋଧ କରିଛନ୍ତି। ସେ ଯୁକ୍ତିରେ ଦେଇଛନ୍ତି ଯେ ଏଫଆଇଆର ତଥ୍ୟ ସତ୍ୟ ଉପରେ ଆଧାରିତ ନୁହେଁ।

## ଭୂମିକମ୍ପ ଝଟକାରେ ଦୋହଲିଲା ବାଂଲାଦେଶ

### ମିଆଁମାରରେ ଏହି ଭୂକମ୍ପର ତୀବ୍ରତା ଥିଲା ୭.୭

ବାଂଲାଦେଶ, ୨୧ା୯: ଭାରତର ପଡୋଶୀ ଦେଶ ବାଂଲାଦେଶରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଭୂମିକମ୍ପର ତୀବ୍ରତା ୪.୦ ରହିଛି। ତେବେ ମିଆଁମାରରେ ୭.୭ ତୀବ୍ରତା ଭୂମିକମ୍ପ ଆସିବା ପରେ ଢାକା ଏବଂ ଚଟଗାଁ ସହିତ ବାଂଲାଦେଶର ବିଭିନ୍ନ ସ୍ଥାନରେ ଝଟକା ଅନୁଭୂତ ହୋଇଛି । ତେବେ ଏଯାଏଁ କୌଣସି କ୍ଷୟକ୍ଷତି ସୂଚନା ଆସିନାହିଁ ।

ଆଜି ଅପରାହ୍ନ ୧୨.୨୫ରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଯାହାର କେନ୍ଦ୍ର ବାଂଲାଦେଶ ସୀମା ପାଖରେ ମିଆଁମାର ମାଣ୍ଡଲେରେ ରହିଥିଲା। ଢାକାଠାରୁ ଭୂକମ୍ପର କେନ୍ଦ୍ର ଦର ୫୯୭ କିମି ବୋଲି କୁହାଯାଇଛି । ୟୁଏସ୍‌ଜିଏସ୍ ଅନୁସାରେ ଭୂକମ୍ପର କେନ୍ଦ୍ରସ୍ଥଳ ମିଆଁମାରର ସାଗାଇଂ ଠାରୁ ୧୬ କିମି ଦୂର ଉତ୍ତର-ପଶ୍ଚିମରେ ୧୦ କିମି ଦୂର ଗଭୀରତା ଜଣାପଡିଛି । ଫଳରେ ବାଂଲାଦେଶର ବିଭିନ୍ନ ସ୍ଥାନର ଝଟକା ଅନୁଭୂତ ହୋଇଛି । ବାଂଲାଦେଶରେ ୪.୦ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପରେ କ୍ଷୟକ୍ଷତି ନେଇ କିଛି ସୂଚନା ମିଳିନାହିଁ ।

# ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀଙ୍କ 'ଏକ୍ସ' ଆକାଉଣ୍ଟ ହ୍ୟାକ୍

## ଲାଗିଥିଲା ପାକିସ୍ତାନ ଏବଂ ତୁର୍କୀର ପତାକା ଫଟୋ



ମୁମ୍ବାଇ, ୨୧ା୯: ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଏକ୍ସ ଆକାଉଣ୍ଟ ହ୍ୟାକ ହୋଇଯାଇଥିଲା। ହ୍ୟାକର୍ସ ତାଙ୍କ ଆକାଉଣ୍ଟରେ ପାକିସ୍ତାନ ଏବଂ ତୁର୍କୀର ପତାକାର ଫଟୋ ଏବଂ ଉଭୟ ଦେଶର ଲାଇଭ-ଷ୍ଟ୍ରିମିଂ ଫଟୋ ପୋଷ୍ଟ କରିଥିଲେ। ହ୍ୟାକିଂ ପରେ, ଅଧିକାରୀମାନେ ତୁରନ୍ତ ସାଇବର କ୍ରାଇମ୍ ପୋଲିସକୁ ସୂଚିତ କରିଥିଲେ ଏବଂ ଏକ୍ସ ଆକାଉଣ୍ଟକୁ ରିକଭରି କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ଭାରତ-ପାକିସ୍ତାନ ଏସିଆ କପର ଦ୍ୱିତୀୟ ମ୍ୟାଚ ପାଇଁ ପ୍ରସ୍ତୁତି ହେଉଥିବା ବେଳେ ଏଭଳି କାଣ୍ଡ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ , ଉପମୁଖ୍ୟମନ୍ତ୍ରୀଙ୍କ ଏକ୍ସ ହ୍ୟାଣ୍ଡେଲର ତଦାରଖ କରୁଥିବା ଟିମ ତୁରନ୍ତ ହସ୍ତକ୍ଷେପ କରିଥିଲେ। ପ୍ରାୟ ୩୦ ରୁ ୪୫ ମିନିଟ୍ ମଧରେ ଆକାଉଣ୍ଟଟି ରିକଭରି କରାଯାଇଥିଲା। ଏପରି ଘଟଣା ସରକାରୀ ଅଧିକାରୀ ଏବଂ ଜନସାଧାରଣ ଉଭୟଙ୍କ ଡିଜିଟାଲ୍ ସୁରକ୍ଷା ଉପରେ ପ୍ରଶ୍ନ ଉଠାଇଥାଏ। ଏହା ପ୍ରଥମ ଥର ନୁହେଁ ଯେତେବେଳେ କୌଣସି ସରକାରୀ ଏକ୍ସ ଆକାଉଣ୍ଟ ହ୍ୟାକ୍ ହୋଇଛି। କିଛିଦିନ ତଳେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଏକ୍ସ ଆକାଉଣ୍ଟ ହ୍ୟାକ୍ ହେବାର ରିପୋର୍ଟ ଆସିଥିଲା, ଯେଉଁଠାରେ ଅଜବ ପୋଷ୍ଟ ସେୟାର କରାଯାଇଥିଲା। ଏହି ଘଟଣା ଏଲୋନ ମସ୍କଙ୍କ ଦ୍ୱାରା ପରିଚାଳିତ ଏକ୍ସର ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଅଧିକାରୀ ଏବଂ ବିଶେଷଜ୍ଞମାନେ କହିଛନ୍ତି ଯେ, ସରକାରୀ ଏବଂ ରାଜନୈତିକ ଆକାଉଣ୍ଟଗୁଡ଼ିକର ତଦାରଖ ଏବଂ ସୁରକ୍ଷା ବୃଦ୍ଧି କରିବା ଜରୁରୀ।

# ପୁଣି ଆଫଗାନିସ୍ତାନରେ ପଶିବ ଆମେରିକା ସେନା

ୱାଶିଂଟନ, ୨୧ା୯: ଆଫଗାନିସ୍ତାରେ ପୁଣି ପଶିବ ଆମେରିକା ସେନା। ଆଫଗାନିସ୍ତାନକୁ ବଗରାମ ଏୟାରବେସ୍ ମାଗିଲା ଆମେରିକା। ଟ୍ରମ୍ପ କହିଛନ୍ତି ଯେ, ବଗରାମ ଏୟାର ବେସ୍ ପୁଣି ଥରେ ଫେରି ପାଇବାକୁ ଚାହୁଁଛି ୱାଶିଂଟନ୍। ଖୁବ ଶୀଘ୍ର ଆମେରିକାକୁ ଏହା ମିଳିବା ଆବଶ୍ୟକ। ଯଦି ସେମାନେ ତୁରନ୍ତ ନଦିଅନ୍ତି, ତେବେ ପରିଣାମ ଭୋଗିବାକୁ ହେବ। ପରିଣାମ ଖରାପ ହେବ ବୋଲି ଚେତାବନୀ ଶୁଣାଇଛନ୍ତି ଟ୍ରମ୍ପ। ଆଫଗାନିସ୍ତାନର ରାଜଧାନୀ କାବୁଲ ଠାରୁ ୬୪ କିଲୋମିଟର ଦୂରରେ ଅବସ୍ଥିତ ବଗରାମ ଏୟାରବେସ୍। ଦୁଇ ଦଶନ୍ଧି ଧରି ବଗରାମ ଏୟାରବେସ୍ ଆମେରିକା ସେନାର ମୁଖ୍ୟ ଘାଟି ଥିଲା। ୨୦୨୧ରେ ଆମେରିକା ଫୋର୍ସ ଆଫଗାନିସ୍ତାନ ଛାଡ଼ିବା ପରେ ଏହାକୁ ପୁନଃ ଦଖଲ କରିଥିଲା ତାଲିବାନ। ତେବେ ଆଫଗାନିସ୍ତାନରେ ପୁଣି ଥରେ ଆମେରିକା ସେନାର ଉପସ୍ଥିତିକୁ ତାଲିବାନ ଚାହୁଁ ନାହିଁ। ଫଳରେ ଏବେ ବିବାଦ ଉଗ୍ରରୂପ ନେବାର ଆଶଙ୍କା ଦେଖାଦେଇଛି।



ଏୟାରବେସ୍ ଫେରାଇବାକୁ ଟ୍ରମ୍ପ ଦେଲେ ଚେତାବନୀ

## ଆମେରିକାକୁ ଇଞ୍ଚେ ଜମି ଦେବୁନି : ତାଲିବାନ

କାବୁଲ,୨୧ା୯ : ଆଫଗାନିସ୍ତାନରେ ଥିବା ବାଗ୍ରାମ ଏୟାର ବେସ୍ ଫେରାଇବା ପାଇଁ ପୂର୍ବତନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ତାଲିବାନ ପ୍ରତ୍ୟାଖ୍ୟାନ କରିଛି। ତାଲିବାନ ସଶସ୍ତ୍ର ବାହିନୀ ମୁଖ୍ୟ ଫସିହୁଦ୍ଦିନ ଫିତରତ କାବୁଲରେ କହିଛନ୍ତି, "ଆଫଗାନିସ୍ତାନ ଏବେ ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ କୌଣସି ବିଦେଶୀ ଶକ୍ତି ଉପରେ ନିର୍ଭରଶୀଳ ନୁହେଁ। ଆମେ କୌଣସି ଗୁଣ୍ଡା କିମ୍ବା ଆକ୍ରମଣକାରୀଙ୍କୁ ଭୟ କରୁନାହୁଁ। ଆଫଗାନିସ୍ତାନ ଭୂଖଣ୍ଡର ଏକ ଇଞ୍ଚ ମଧ୍ୟ ନେଇ କୌଣସି ସାଲିସ କରାଯିବ ନାହିଁ।" ତାଲିବାନ କହିଛି ଯେ, ଏହା ଅସମ୍ଭବ ଏବଂ ଯଦି ବଳପ୍ରୟୋଗ ବ୍ୟବହାର କରାଯାଏ, ତେବେ ସେମାନେ କଡ଼ା ଜବାବ ଦେବେ। ଏହା ପୂର୍ବରୁ, ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଚେତାବନୀ ଦେଇଥିଲେ ଯେ ଯଦି ଆଫଗାନିସ୍ତାନ ବାଗ୍ରାମ ଏୟାର ବେସ୍ ଫେରାଇ ନଦିଏ, ତେବେ ଭଲ ହେବନି।

### ■ ଜାତିସଂଘରେ ତାଇୱାନ ସମର୍ଥନରେ ୯ ଦେଶ

## ଚୀନର ଚାପ ବିରୋଧରେ ଉଠିଲା ସ୍ୱର

ନୂଆଦିଲ୍ଲୀ,୨୧ା୯ : ଜାତିସଂଘରେ ତାଇୱାନର ଅଧିକାରକୁ ୯ଟି ଦେଶ ଖୋଲାଖୋଲି ସମର୍ଥନ ଜଣାଇଛନ୍ତି। ଏହି ସବୁ ଦେଶରେ ୟୁଏନ୍‌କୁ ଅନୁରୋଧ କରିଛନ୍ତି ଯେ, ସେମାନେ ନିଜର ନିରପେକ୍ଷତା ଜାରି ରଖନ୍ତୁ ଏବଂ ଚୀନର ରାଜନୈତିକ ଚାପକୁ ଅଣଦେଖା କରି ତାଇୱାନକୁ ବିଭିନ୍ନ କାର୍ଯ୍ୟକଳାପରେ ସାମିଲ କରିବାକୁ ଅନୁମତି ଦେଉ। ଏହି ଅପିଲ ଜାତିସଂଘର ମହାସଚିବ ଏଣ୍ଟୋନିୟୋ ଗୁଟେରେସଙ୍କୁ ଏକ ସଂଯୁକ୍ତ ପତ୍ର ମାଧ୍ୟମରେ ପଠାଯାଇଛି, ଯାହା ୮୦ତମ ଜାତିସଂଘ ମହାସଭାର ବିତର୍କ ପୂର୍ବରୁ ଜାରି କରାଯାଇଛି। ତାଇପେ ଟାଇମ୍ସର ରିପୋର୍ଟ ଅନୁସାରେ, ଏହି ଚିଠିରେ ବେଲୋଜ, ଅସ୍ୱାତିନୀ, ଗ୍ୱାଟେମାଲା, ମାର୍ଶଲ ଦ୍ୱୀପ ଗ୍ରୁପ୍ , ପଲାଉ, ସେଣ୍ଟ କିଟ୍ସ ଆଣ୍ଡ ନେଭିସ, ସେଣ୍ଟ ଲୁସିଆ, ସେଣ୍ଟ ବିନ୍ସେଣ୍ଟ ଆଣ୍ଡ ଦ ଗ୍ରେନେଡାଇନ୍ସ ତଥା ତୁଭାଲୁର ରାଷ୍ଟ୍ରଦୂତ ଦସ୍ତଖତ କରିଛନ୍ତି। ରାଷ୍ଟ୍ରଦୂତମାନେ ୟୁଏନକୁ ଏହି ଭୁଲକୁ ସ୍ୱୀକାର କରିବା ଓ ଦୂର କରିବାକୁ ଦାବି କରିଛନ୍ତି , କାରଣ ଏହା କ୍ଷେତ୍ରୀୟ ସନ୍ତୁଳନ ଓ ସ୍ଥିରତାକୁ ବିପଦରେ ପକାଉଛି। ସେ ଏହା ମଧ୍ୟ କହିଛନ୍ତି ଯେ, ୟୁଏନକୁ ତାଇୱାନର ସକ୍ରିୟ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ କଡ଼ା ପଦକ୍ଷେପ ଉଠାଇବା ଉଚିତ୍, ଯାହାକି ସେ ସଂଯୁକ୍ତ ରାଷ୍ଟ୍ରର ପ୍ରଣାଳୀ ମାଧ୍ୟମରେ ବିକାଶ ଲକ୍ଷକୁ ପ୍ରାପ୍ତ କରିବାରେ ସାହାଯ୍ୟ କରି ପାରିବେ। ନ୍ୟୁୟର୍କ ସ୍ଥିତ ତାଇପେ ଆର୍ଥିକ ଏବଂ ସାଂସ୍କୃତିକ କାର୍ଯ୍ୟାଳୟ ଏହି ସହଯୋଗୀ ଦେଶର ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଛି ଏବଂ ତାଇୱାନର ସଶକ୍ତ ଭୂମିକା ପାଇଁ ସକାରାତ୍ମକ ଦେଶରେ ପଦକ୍ଷେପ ଉଠାଇବାକୁ ଜାତିସଂଘକୁ ଅପିଲ କରିଛି।

# ନଦୀକୁ ଖସିପଡ଼ିଲା କାର, ୧ ମୃତ, ୧ ନିଖୋଜ, ୨ ଆହତ



ହିମାଚଳ ପ୍ରଦେଶ, ୨୧ା୯: ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଘଟିଛି ଏକ ସଡ଼କ ଦୁର୍ଘଟଣା । ରାବି ନଦୀରେ ଖସିପଡ଼ିଛି ଏକ କାର । ଦୁର୍ଘଟଣାରେ ଜଣେ ଏମ୍‌ବିବିଏସ୍ ପ୍ରଶିକ୍ଷାର୍ଥୀଙ୍କ ଜୀବନ ଚାଲିଯାଇଛି । ଅନ୍ୟ ଜଣେ ନିଖୋଜ ଅଛନ୍ତି। ଅନ୍ୟ ଦୁଇ ଜଣ ପ୍ରଶିକ୍ଷାର୍ଥୀ ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ତଦନ୍ତ ଜାରି ରହିଛି । ଖବର ଅନୁସାରେ ଚମ୍ବା ଜିଲ୍ଲାର ଭରମୋର-ପଠାନକୋଟ ରାଜପଥର ପରେଲ ନିକଟରେ ରାତି ୨:୩୦ ସମୟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଏକ କାର ରାବି ନଦୀରେ ଖସି ପଡ଼ିଥିଲା । ଜଣେ ଏମ୍‌ବିବିଏସ୍ ପ୍ରଶିକ୍ଷାର୍ଥୀ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଜଣେ ମହିଳା ପ୍ରଶିକ୍ଷାର୍ଥୀ ଭାସି ଯାଇଥିଲେ । ଅନ୍ୟ ଦୁଇଜଣ ପ୍ରଶିକ୍ଷାର୍ଥୀ ଆହତ ହୋଇଥିଲେ । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ସ୍ଥାନୀୟ ପୋଲିସ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏବଂ ସ୍ଥାନୀୟ ବାସିନ୍ଦା ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ନିଖୋଜ ପ୍ରଶିକ୍ଷାର୍ଥୀଙ୍କୁ ଖୋଜିବା ପାଇଁ ଏକ ସନ୍ଧାନ ଅଭିଯାନ ଚାଲିଛି । ସମସ୍ତ ପ୍ରଶିକ୍ଷାର୍ଥୀ ଡାକ୍ତର ମେଡିକାଲ କଲେଜରେ ସେମାନଙ୍କର ଇଣ୍ଟର୍ନସିପ୍ କରୁଥିଲେ ବୋଲି ସୂଚନା ମିଳିଛି । ପୋଲିସ ଅଧିକ୍ଷକ ଅଭିଷେକ ଯାଦବ କହିଛନ୍ତି ଯେ କାର ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି, ଜଣେ ନିଖୋଜ ଅଛନ୍ତି ଏବଂ ଦୁଇଜଣ ଚିକିତ୍ସାଧୀନ ଅଛନ୍ତି । ଯେଉଁଠାରେ ସେମାନଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଇଛି । ସ୍ଥାନୀୟ ପ୍ରଶାସନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ରାସ୍ତାର ଅବସ୍ଥା ଏବଂ ଦୁର୍ଘଟଣାର କାରଣ ଆକଳନ କରିବା ପାଇଁ ବିଶେଷଜ୍ଞଙ୍କ ଏକ ଦଳ ଗଠନ କରିଛି । ଚମ୍ବା-ପଠାନକୋଟ ଏନଏଚରେ ପ୍ରାୟତଃ ଦୁର୍ଘଟଣା ଘଟୁଛି । ତଦନ୍ତ ଜାରି ରହିଛି ।

# ଆମେରିକା ପ୍ରତିରକ୍ଷା ବିଭାଗର ନୂଆ ନିର୍ଦ୍ଦେଶ, ଖବର କରିବା ପୂର୍ବରୁ ନେବାକୁ ହେବ ଅନୁମତି

ୱାଶିଂଟନ୍,୨୧ା୯: ଆମେରିକାର ପ୍ରତିରକ୍ଷା ବିଭାଗ ସାମ୍ବାଦିକମାନଙ୍କ ପାଇଁ ଏକ ନୂତନ ନିୟମ ପ୍ରଚଳନ କରିଛି। ଏହି ନିୟମ ଅନୁଯାୟୀ, ପେଣ୍ଟାଗର ଖବରକୁ କଭର କରିବାକୁ ଚାହୁଁଥିବା ସାମ୍ବାଦିକମାନଙ୍କୁ ପ୍ରଥମେ ବିଭାଗରୁ ଅନୁମତି ନେବାକୁ ପଡିବ। ଏହାର ଅର୍ଥ ହେଉଛି ସେମାନେ ସାମରିକ ସମ୍ପର୍କିତ ସୂଚନା ବ୍ୟବହାର କରିପାରନ୍ତି ଯିଏକି କେବଳ ପେଣ୍ଟାଗନ ଦ୍ୱାରା ପୂର୍ବରୁ ମଞ୍ଜୁରୀ ପାଇଛନ୍ତି। ନୂତନ ନିୟମ ଅପଡେଟ୍ ହୋଇଥିବା ପ୍ରେସ୍ କ୍ରେଡେନ୍ସିଆଲିଂ ପ୍ରକ୍ରିୟାର ଏକ ଅଂଶ। ଯଦି କୌଣସି ସାମ୍ବାଦିକ ବିନା ଅନୁମତିରେ କୌଣସି ସୂଚନା ଦିଅନ୍ତି, ତେବେ ସେମାନଙ୍କର ବିଶ୍ୱସନୀୟତା ହରାଇ ପାରନ୍ତି। ପେଣ୍ଟାଗନର ମୁଖପାତ୍ର ସିଆନ୍ ପାର୍ନେଲ୍ ଏକ ମେମୋ ଜାରି କରି କହିଛନ୍ତି,ପ୍ରତିରକ୍ଷା ବିଭାଗ ଉପରେ ରିପୋର୍ଟ କରିବା ପାଇଁ ସାମ୍ବାଦିକମାନଙ୍କୁ ଏକ ପ୍ରେସ୍ ପାସ୍ ପାଇବାକୁ ପଡିବ। ଏଥିପାଇଁ ୧୦ ପୃଷ୍ଠାର ଏକ ଫର୍ମ ପୂରଣ ଏବଂ ଦସ୍ତଖତ କରିବାକୁ ପଡିବ। ଫର୍ମରେ କେବଳ ଏହା ଲେଖା ହେବ ସାମ୍ବାଦିକ କେବଳ ସେହି ସୂଚନା ବ୍ୟବହାର କରିପାରିବେ, ଯାହା ପେଣ୍ଟାଗନର କୌଣସି ଅଧିକାରୀ ସାର୍ବଜନୀନ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି।

# ଚୀନ ଲଞ୍ଚ୍ କଲା ଏଚ୍-୧ବି ଭଳି ନୂଆ ଭିସା

## ଆମେରିକାର ମୁକାବିଲା

ବେଜିଂ,୨୧ା୯: ବିଦେଶୀ ଟ୍ୟାଲେଣ୍ଟକୁ ପ୍ରଲୋଭିତ କରିବାକୁ ଚୀନ ଏବେ ଏକ ବଡ଼ ପଦକ୍ଷେପ ନେଇଛି। ଚୀନ ଷ୍ଟେଟ୍ କାଉନସିଲ ଘୋଷଣା କରିଛି କି, ଦେଶରେ ଅକ୍ଟୋବର ପହିଲାରୁ 'କେ' ଭିସା ଲାଗୁ ହେବ। ଯାହାକି ଆମେରିକାର ଏଚ୍-୧ ଭିସା ଭଳି। ଏହାର ଉଦ୍ଦେଶ୍ୟ ରହିଛି କି, ବିଶେଷ କରି ଏସିଆ ଓ ଦକ୍ଷିଣ ଏସିଆର ଯୁବକଙ୍କୁ ପ୍ରଲୋଭିତ କରିବା। ଯେଉଁମାନେ ବିଜ୍ଞାନ, ଟେକ୍ନୋଲୋଜି ଓ ଇଂଜିନିୟରିଂ ଭଳି କ୍ଷେତ୍ରରେ କାମ କରୁଛନ୍ତି। ସେପଟେ ଆମେରିକାରେ ବିଦେଶୀ ପ୍ରଫେସନାଲମାନଙ୍କ ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କାରଣ ଆମେରିକା ରାଷ୍ଟ୍ରପତି



ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ଉପରେ ବାର୍ଷିକ ୧ ଲକ୍ଷ ଡଲାର ଦେୟ ଆଦାୟ କରିବାକୁ ପ୍ରସ୍ତାବ ରଖିଛନ୍ତି। ଯାହାକୁ ନେଇ ଆମେରିକାରେ ଏଚ୍-୧ବି ଭିସାରେ ରହି କାମ କରୁଥିବା ପ୍ରଫେସନାଲମାନଙ୍କ ଚିନ୍ତା ବଢ଼ିଛି। ଏଭଳି ସ୍ଥଳେ "କେ' ଭିସା ଲାଗୁ କରି ଚୀନ ସେହି ପ୍ରଫେସନାଲମାନଙ୍କ ପାଇଁ ଏକ ବିକଳ୍ପ ରାସ୍ତା ଖୋଲିଛି। ଚୀନର ଏହି ଭିସା ପାଇଁ ଆଗ୍ରହୀମାନଙ୍କୁ କୌଣସି ସମସ୍ୟାରେ ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏଥିପାଇଁ ବିଦେଶୀ ଆବେଦକମାନେ କୌଣସି ଲୋକାଲ ସ୍ପନ୍ସର କି ଚୀନ କମ୍ପାନୀର ଆବଶ୍ୟକତା ପଡ଼ିବ ନାହିଁ। ଅର୍ଥାତ କୌଣସି ବି ଯୋଗ୍ୟ ଆବେଦନକାରୀ ସିଧାସଳଖ ଏହି ଭିସା ପାଇଁ ଆବେଦନ କରିପାରିବେ। ଏହି ଭିସା ଏବେ ପ୍ରଚଳିତ ୧୨ ଭିସା ସହ ଯୋଡି ହୋଇ ୧୩ ତମ କାଟାଗୋରିରେ ରହିଛି । ଏହି ଭିସା ପାଇବାକୁ ହେଲେ ଆବେଦନକାରୀଙ୍କୁ ମୁଖ୍ୟତ ସେମାନଙ୍କ ଯୋଗ୍ୟତା ଦାଖଲ କରିବାକୁ ପଡ଼ିବ।

ଏହି ଭିସା ବିଶେଷ କରି ଯୁବ ବିଜ୍ଞାନ ଓ ଟେକ୍ନୋଲୋଜି ପ୍ରଫେସନାଲଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ବିଜ୍ଞାନ, ଟେକ୍ନୋଲୋଜି, ଇଂଜିନିୟରିଂ ଛାତ୍ର ଓ ପ୍ରଫେସନାଲଙ୍କୁ ଏଥିରେ ପ୍ରାଥମିକତା ଦିଆଯିବ। ଏଥିରେ ସର୍ତ୍ତ ରହିଛି କି, ଆବେଦନକାରୀ କୌଣସି ମାନ୍ୟତା ପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ରିସର୍ଚ୍ଚ ଇନଷ୍ଟିଚ୍ୟୁଟରୁ କୋର୍ସ ସମାପ୍ତ କରିଥିବେ। ଏହା ମାଧମରେ ଚୀନ ଆଶା କରୁଛି କି, ହଜାର ହଜାର ଟ୍ୟାଲେଣ୍ଟ ପ୍ରଫେସନାଲ ଆମେରିକାରୁ ବାହାରି ଚୀନ ମୁହାଁ ହେବେ।

■ ବେଆଇନ ବାଣ ଗୋଦାମରେ ବିସ୍ଫୋରଣ

# ଦୁଇ ମୃତ, ୯ ଗୁରୁତର




**ବୌଦ୍ଧ,୨୧।୯(ସଂଚାର ବ୍ୟୁରୋ):** ଏଠାରେ ଏକ ବେଆଇନ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ହେବା ଫଳରେ ୨ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିସହ ୯ ଜଣ ଗୁରୁତର ଭାବେ ଆହତ ହୋଇଥିବା ବେଳେ ଜଣେ ମହିଳା ନିଖୋଜ ହୋଇଥିବା ଜଣାପଡ଼ିଛି। ମୃତକଦ୍ୱୟ ଜିଆକଟାର ଭଗବାନ ବେହେରା ଓ ଲକ୍ଷ୍ମୀଧର ବେହେରା। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆକଟା-ଛତ୍ରପୁର ଗାଁ ମଧ୍ୟ ଭାଗରେ ଥିବା ଉକ୍ତ ବେଆଇନ ବାଣ ଗୋଦାମରେ ଆଜି ସକାଳେ ଏପରି ଅଘଟଣ ଘଟିଥିବା ଜଣାପଡ଼ିଛି। ଏପରିକି ବିସ୍ଫୋରଣରେ କୋଠାଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବାରୁ ଧ୍ୱଂସାବଶେଷ ତଳେ କେତେକ ଲୋକ ଚାପି ହୋଇ ରହିଥିବା ମଧ୍ୟ ସନ୍ଦେହ କରାଯାଉଛି। ଏନେଇ ଖବର ପାଇ ଓଡ୍ରାଫ, ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ବିସ୍ଫୋରଣ ଯୋଗୁ ଏକ କିମି ଦୂରରେ ଥିବା ପୁରୁଣାକଟକ ମାର୍କେଟରେ ଅନେକ ଘରଦ୍ୱାର ସହ ଏକ ଗାଡ଼ି ଶୋ'ରୁମ ସହ ଦୋକାନ ଥରିଉଠିଥିଲା। ଅନ୍ୟପକ୍ଷରେ ଉକ୍ତ ବାଣ ଗୋଦାମଟି ଗ୍ରାମ ବାହାରୁ ଆସିଥିବା ଜନୈକ ବ୍ୟକ୍ତିଙ୍କର ଓ ସେ ଏହାକୁ ଭଡ଼ାରେ ନେଇଥି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ବିସ୍ଫୋରଣର ତୀବ୍ରତା ଏତେ ଅଧିକ ଥିଲା ଯେ ଆଖପାଖ ଦୋକାନ ଓ ବାସଗୃହ ମଧ୍ୟ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରଚଣ୍ଡ ଶବ୍ଦ ହେବାରୁ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ। ମୃତାହତମାନଙ୍କୁ ନିକଟସ୍ଥ ଫୁଲବାଣୀ ଓ ବୌଦ୍ଧ ହସ୍ପିଟାଲ୍‌କୁ ପଠାଯାଇଛି। ତେବେ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବୁର୍ଲାର ଭୀମସାରକୁ ପଠାଯିବାର ସମ୍ଭାବନା ରହିଥିବା ଡାକ୍ତର କହିଛନ୍ତି।

## ଜୁଆ ଆଡ୍ଡା ଉପରେ ଚଢ଼ଉ , ୨୦ ଗିରଫ

**ବେଲଗୁଣ୍ଠା/ ଜଗନ୍ନାଥ ପ୍ରସାଦ,୨୧।୯(ସଂଚାର ବ୍ୟୁରୋ):** ପାର୍ବଣ ଋତୁର ଆଗମନରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଜୁଆଖେଳ ଆସର ଜମିଲାଣି। ଏପରି ପରିସ୍ଥିତିରେ ବେଆଇନ୍ ଜୁଆଖେଳକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ତୀକ୍ଷ୍ଣ ନଜର ରହିଛି। ଏପରି ସ୍ଥଳେ ରବିବାର ସନ୍ଧ୍ୟାରେ ପାଟ୍ରୋଲିଂ ସମୟରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ସେଠାରୁ ୧୦ ଜଣଙ୍କୁ ଗିରଫ କରିବା ସହିତ ୨୨୭୦୦ ଟଙ୍କା, ୩ଟି ବାଇକ୍, ଗୋଟିଏ ସ୍କୁଟର, ୧୦ଟି ମୋବାଇଲ, ୮ଟି ତାସ୍ ମୁଠା ଜବତ କରି ୪୬୦/୨୫ ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ରେବତୀ ଶବର କହିଛନ୍ତି। ସେହିପରି ଜଗନ୍ନାଥ ପ୍ରସାଦ ଥାନା ଅଧୀନ ନଡ଼ା ଗ୍ରାମ ନିକଟ କୁକୁଡ଼ା ଫାର୍ମରେ ରବିବାର ସନ୍ଧ୍ୟାରେ ଚାଲିଥିବା ଜୁଆ ଖେଳ ଉପରେ ଭଞ୍ଜନଗର ଥାନା ଓ ସ୍ଥାନୀୟ ଥାନା ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୧୦ଜଣଙ୍କୁ ଗିରଫ କରାଯାଇଛି । ସେଠାରୁ ୫୨୫୦୦ ଟଙ୍କା, ୧୦ ମୋବାଇଲ ଫୋନ୍ ଓ ୬ ଟି ବାଇକ୍ ଜବତ ହୋଇଛି । ଏସ୍‌ଡିଓ ଡ.ଦୀପକ କୁମାର ମିଶ୍ରଙ୍କ ନେତୃତ୍ୱରେ ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା, ସ୍ଥାନୀୟ ଥାନାଧିକାରୀ ପ୍ରମୋଦ ଲେଙ୍କାଙ୍କ ସମେତ ଏସଆଇ ଜ୍ୟୋତିରଞ୍ଜନ ସାହୁ, ଏଏସଆଇ ପ୍ରିୟରଞ୍ଜନ ମିଶ୍ର ଏବଂ ଅନ୍ୟାନ୍ୟ କର୍ମଚାରୀ କୁକୁଡାଫାର୍ମରେ ଘେରି ଥିଲେ।

● ଏନ୍‌ଏଚ୍ ୪୯ରେ ଭୟାବହ ଦୁର୍ଘଟଣା

## କୋଇଲା ଟ୍ରକ୍ ଧକ୍କାରେ ଟ୍ରେଲର ଚାଳକ ମୃତ

**ଝାରସୁଗୁଡ଼ା,୨୧।୯(ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ୪୯ ରେ ଝାରସୁଗୁଡ଼ା ଜିଲ୍ଲାର ରେଙ୍ଗାଲି ଥାନା ଅଧୀନ କନକତୋରା ଛକ ନିକଟରେ ଆଜି ସନ୍ଧ୍ୟାବେଳେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଓଡି ୨୩ ପି ୭୯୧୮ ନମ୍ବର ଟ୍ରେଲର ଗାଡ଼ିଟି ସନ୍ତୁଳନ ହରାଇ ବିପରୀତ ଦିଗରୁ ଆସୁଥିବା ଓଡି୨୩ଏ ୩୫୫୯ କୋଇଲା ଭର୍ତ୍ତି ଟ୍ରକ ସହିତ ଜୋରଦାର ଧକ୍କା ଲାଗିଥିଲା। ଏହି ଧକ୍କାରେ ଟ୍ରେଲର ଡ୍ରାଇଭର ଗୁରୁତର ଆହତ ହୋଇ ସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ମୃତ ଡ୍ରାଇଭରଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। ଘଟଣା ସମୟରେ ଟ୍ରେଲର ପଛରେ ଆସୁଥିବା ଓଡି୧୫ଭି ୭୪୦୪ ଇନୋଭା କାର ଏବଂ ଓଡି୦୫ବିକ୍ୟୁ ୩୫୦୪ ସ୍କର୍ପିଓ ମଧ୍ୟ ଟ୍ରେଲର ସହ ଧକ୍କା ଲାଗି କ୍ଷତିଗ୍ରସ୍ତ ହୋଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଉଭୟ ଗାଡ଼ିରେ ଥିବା ଯାତ୍ରୀମାନେ ସାଧାରଣ କ୍ଷତିଗ୍ରସ୍ତ ହୋଇଛନ୍ତି। ଖବର ପାଇବା ପରେ ରେଙ୍ଗାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଟିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା, କିନ୍ତୁ ପୁଲିସଙ୍କ ବୁଝାଶୁଝା ପରେ ପରିସ୍ଥିତି ନିୟନ୍ତ୍ରଣରେ ଆସିଗଲା।

## ବଜ୍ରପାତରେ ଗଲା ଦୁଇ ଜୀବନ

**ଗୁରୁତର ଅବସ୍ଥାରେ ମହିଳା ଚିକିତ୍ସାଧୀନ**

**ଭୁବନେଶ୍ୱର,୨୧।୯(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଓ ବେଗୁନିଆପଡ଼ା ଥାନାଞ୍ଚଳରେ ଆଜି ବଜ୍ରପାତ ଘଟିବା ଫଳରେ ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଭରସା ନୂଆଁପଲ୍ଲୀ ଗ୍ରାମର ୨ ମହିଳା ଚନ୍ଦ୍ରମା ଗୌଡ଼ ଓ ଉର୍ମିଳା ଗୌଡ଼ ବ୍ରଜରାଜପୁର ଗ୍ରାମ ନିକଟରେ ଥିବା ବିଲରେ କାମ କରିବାକୁ ଯାଇଥିଲେ। ତେବେ ସେମାନେ ମଧ୍ୟାହ୍ନରେ କାମ କରୁଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ଚନ୍ଦ୍ରମା ଓ ଉର୍ମିଳା ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ଚନ୍ଦ୍ରମାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଉର୍ମିଳାଙ୍କର ସେଠାରେ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗତକାଲି ଅପରାହ୍ନରେ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଅଙ୍ଗାରଗାଁ ଶଙ୍ଖଭୂମି ଗ୍ରାମର ସୁବାସ ଦାସ ନାମକ ଜନୈକ ବୃଦ୍ଧ ଗାଈ ଗୋଠ ସହ ଯାଇ ନିକଟସ୍ଥ ବିଲରେ ଚରାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ଘଟିଥିଲା, ଯେଉଁଥିରେ ଶ୍ରୀ ଦାସ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବେଗୁନିଆପଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିବା ଜଣାପଡ଼ିଛି।

କୋରେଇ ରାଜନୀତି ସରଗରମ

# ବବିଙ୍କ ରିଏଣ୍ଟ୍ରି ଉଦ୍ୟମ, କାଉଣ୍ଟର୍ କଲେ ଆକାଶ



**ଯାଜପୁର,୨୧।୯(ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନ ପରେ ବିଜେଡିର ତତ୍କାଳୀନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ୍ ବବି ଦାସ ପରାଜୟ ବରଣ କରିବା ପରେ ଏବେ କୋରେଇକୁ ଫେରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କୋରେଇ ଲୋକଙ୍କ ପୁଣି ଆସ୍ଥାଭାଜନ ହେବେ ବୋଲି ବବି ଆଶା ବାନ୍ଧିବା ସହ ଯାଜପୁରକୁ ଦେବକୀ ମା' ଓ କୋରେଇକୁ ଯଶୋଦା ମା' ବୋଲି ଅଭିହିତ କରିଛନ୍ତି। ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ଏହି ଅବସରରେ ବବି କୋରେଇ ଓ ଯାଜପୁରର ଦୁଇ ପଡୋଶୀ ନିର୍ବାଚନମଣ୍ଡଳୀକୁ ନେଇ କହିଛନ୍ତି ଯେ ବାବାଙ୍କ ନିଶ ଚେଞ୍ଜ ହୋଇନି କି କୋରେଇ ଲୋକ ବି ଚେଞ୍ଜ ହୋଇନାହାନ୍ତି। ମା' ଜିତିବା ହାରିବା ବଡ଼ ନ ଥିଲା, ମୋ ଘରକୁ ଫେରିବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ନବୀନ ବାବୁଙ୍କ ପାଇଁ ମୋ ମା' ଘରକୁ ଫେରିଛନ୍ତି। କୋରେଇ ମା' ଓ କୋରେଇବାସୀଙ୍କ ପାଇଁ ମୁଁ ସେବା କରୁଛି ଓ ଆଗକୁ ଜାରି ରଖିଥିବି ମଧ୍ୟ। ଆମର କ୍ଷମତା ଦରକାର ନାହିଁ, ଆଶୀର୍ବାଦ ଦରକାର। ନବୀନ ବାବୁ ବହୁତ ଦେଇଛନ୍ତି, ଆମେ ଲୋକଙ୍କ ସେବା କରିବାକୁ ସେ ପରାମର୍ଶ ମଧ୍ୟ ଦେଉଛନ୍ତି ବୋଲି ବବି କହିଛନ୍ତି।

ତେବେ ବବିଙ୍କ ଏପରି ମନ୍ତବ୍ୟକୁ ବିଜେପି ବିଧାୟକ ଆକାଶ ଦାସ ନାୟକ କାଉଣ୍ଟର କରିଛନ୍ତି। ସେ କହିଛନ୍ତି ଯେ କ୍ଷମତାର ଶୀର୍ଷରେ ଥିବା ସମୟରେ ବବିଙ୍କର କୋରେଇ ମା' କଥା ମନେ ପଡ଼ିଲାନି। କ୍ଷମତା ଗଲା ପରେ କୋରେଇ ବିକାଶ କଥା ମନେ ପଡ଼ିଲା। କୋରେଇବାସୀ ମନ ସ୍ଥିର କରିସାରିଛନ୍ତି ଯେ ସେମାନେ ଆଉ ବିଦେଶୀ ଶାସନକୁ ନିଜର କରିବେ ନାହିଁ। କାରଣ କୋରେଇବାସୀଙ୍କର ସ୍ୱାଭିମାନ ରହିଛି। କୋରେଇବାସୀ ଆଉ ବାହାର ପ୍ରାର୍ଥୀଙ୍କୁ ଗ୍ରହଣ କରିବେ ନାହିଁ। ବବିଙ୍କ ଜନ୍ମ ଯାଜପୁରରେ, ମୋର ଜନ୍ମ କିନ୍ତୁ କୋରେଇରେ ଓ କୋରେଇରେ ମୁଁ ବଢ଼ିଛି ମଧ୍ୟ। ଯଦି ସେ ମୋ ବିରୋଧରେ ଲଢ଼େଇ କରିବେ ତାହାକୁ ମୁଁ ସ୍ୱାଗତ କରିବି ବୋଲି ଆକାଶ ଖୋଲା ଚ୍ୟାଲେଞ୍ଜ କରିଛନ୍ତି।

## ୨୭ରେ ଝାରସୁଗୁଡ଼ା ଆସିବେ ମୋଦି

**ବାତିଲ୍ ହୋଇପାରେ ବ୍ରହ୍ମପୁର ଗସ୍ତ**

**ଝାରସୁଗୁଡ଼ା,୨୧।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ରେ ଝାରସୁଗୁଡା ଆସିବେ। ଝାରସୁଗୁଡାର ଅମଲିପାଲିସ୍ଥିତ ରିଜର୍ଭ ପଡିଆରେ ଆୟୋଜିତ ହେବାକୁ ଥିବା ଯୁବ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଏନେଇ ଆଜି ଆନୁଷ୍ଠାନିକ ସୂଚନା ମିଳିବା ପରେ ଅମଲିପାଲି ପଡ଼ିଆ ସହ ଅନ୍ୟ ଦୁଇଟି ପଡ଼ିଆ ବୁଲି ଦେଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସହ ଉତ୍ତରାଞ୍ଚଳ ଆଇଜିଙ୍କ ସହ ସ୍ଥାନୀୟ ଜିଲ୍ଲାପାଳ ଓ ଏସପି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଆଜି ଅମଲିପାଲି ପଡିଆରେ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସନ୍ଧ୍ୟାରେ ସମ୍ଭାବ୍ୟ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କାର୍ଯ୍ୟ ଦେଖିବା ପାଇଁ ଝାରସୁଗୁଡ଼ାରେ ପହଞ୍ଚିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଝାରସୁଗୁଡାରେ ଯୁବ ସମାବେଶ ଆୟୋଜନ ହେବ ଓ ରାଷ୍ଟ୍ରୀୟ ସ୍ତରରେ ଯୁବକଙ୍କ ମଙ୍ଗଳ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଯୋଜନା ଘୋଷଣା କରିପାରନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସବୁ ଅଞ୍ଚଳରୁ ଲକ୍ଷାଧିକ ଯୁବକ ସାମିଲ ହେବେ। ଏଥିପାଇଁ ଝାରସୁଗୁଡ଼ା ବିଜେପିର କର୍ମକର୍ତ୍ତା ଉତ୍ସାହିତ ଥିବା ବିଧାୟକ ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ ଉପରେ ଯଥେଷ୍ଟ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଆସନ୍ତା ୨୫ ତାରିଖରେ ଲଘୁଚାପ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯିବା ପରେ ଭୀଷଣ ବର୍ଷା ଆଶଙ୍କାରେ ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବାତିଲ୍ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମୋଦିଙ୍କ ବ୍ରହ୍ମପୁର ଗସ୍ତ ନେଇ କୌଣସି ଠୋସ୍ ସୂଚନା ମିଳିପାରିନାହିଁ।

● ଫକୀର ମୋହନ ବିଶ୍ୱବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବ

## ସାମ୍ବାଦିକତା ଶିକ୍ଷା ଶ୍ରେଣୀ କକ୍ଷରେ ସୀମିତ ନୁହେଁ: କୁଳପତି




**ବାଲେଶ୍ୱର, ୨୧।୯ (ସଂଚାର ବ୍ୟୁରୋ) :** ସାମ୍ବାଦିକତା କ୍ଷେତ୍ର ଖୁବ୍ ପରିବ୍ୟାପ୍ତ। ରାଜନୀତି, ଅର୍ଥନୀତି, ବିଜ୍ଞାନ, କ୍ରୀଡ଼ାଠାରୁ ଆରମ୍ଭକରି ସାହିତ୍ୟ, ମନୋରଞ୍ଜନ ଦୁନିଆ ତଥା ବିଭିନ୍ନ ସାମାଜିକ ପ୍ରସଙ୍ଗ ପର୍ଯ୍ୟନ୍ତ ସବୁକିଛି ଖବର ସାମ୍ବାଦିକମାନେ ଘଟଣାସ୍ଥଳରୁ ହିଁ ସଂଗ୍ରହ କରନ୍ତି ଏବଂ ଲୋକଙ୍କୁ ଜଣାନ୍ତି। ଏଥିପାଇଁ ସାମ୍ବାଦିକତା ଛାତ୍ରଛାତ୍ରୀ ନିଜକୁ ଶ୍ରେଣୀକକ୍ଷ ଭିତରେ ସୀମିତ ରଖିବା ଅନୁଚିତ। ଏବେଠାରୁ ସେମାନେ ଖବରସଂଗ୍ରହର ପ୍ରୟୋଗାତ୍ମକ ଜ୍ଞାନ-କୌଶଳ ଶିଖିବା ଦିଗରେ ଅଧିକ ମନୋନିବେଶ କରିବା ଉଚିତ ବୋଲି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି।

ସ୍ନାତକୋତ୍ତର ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ତ୍ରିପାଠୀ କହିଛନ୍ତି ଯେ, ସାମ୍ବାଦିକତା ଏକସେବା, ସାଧନା ଓ ନିଷ୍ଠାପର ବୃତ୍ତି। ନିଜ କର୍ତ୍ତବ୍ୟ, ଦାୟିତ୍ୱ ଏବଂ ଉତ୍ତରଦାୟିତ୍ୱ ପ୍ରତି ସମର୍ପିତ ରହିଲେ ସାମ୍ବାଦିକତା ବୃତ୍ତି ସାର୍ଥକ ହୁଏ ଏବଂ ସାମ୍ବାଦିକଙ୍କୁ ପ୍ରତିଷ୍ଠା ମିଳେ। ଏହି ସ୍ୱାଗତ ଉତ୍ସବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ନବାଗତଙ୍କୁ ସ୍ୱାଗତ ସହିତ କିଭଳି ସଫଳ ଓ କୁଶଳୀ ସାମ୍ବାଦିକ ହୋଇପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, କୁଳପତି ପ୍ରଫେସରତ୍ରିପାଠୀଙ୍କ ଉଦ୍ୟମରେ ଏକ ପୂର୍ଣ୍ଣକ୍ଷମ ଷ୍ଟୁଡିଓ ପ୍ରତିଷ୍ଠିତ ହୋଇଛି, ଯାହା ସାମ୍ବାଦିକତା ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରୁଛି। ଏହି ଷ୍ଟୁଡିଓ ମାଧ୍ୟମରେ ଖବର ଲିଖନ, ସମ୍ପାଦନା, ଫୋଟୋ ଉତ୍ତୋଳନ ତଥା ଖବରପଠନର କଳା-କୌଶଳ ବାବଦରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଉଛି। ଏହାର ଫଳସ୍ୱରୂପ ସାମ୍ବାଦିକତା ଛାତ୍ରଛାତ୍ରୀ ପ୍ରତି ବର୍ଷ ବିଭିନ୍ନ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାରେ ନିଯୁକ୍ତି ପାଉଥିବା ପ୍ରଫେସର ପଟ୍ଟନାୟକ କହିଛନ୍ତି।

ଆସିଷ୍ଟାଣ୍ଟ ପ୍ରଫେସର ଡ.ସ୍ମିତି ପାଢ଼ୀ, ମୋତି ପଙ୍କମ, ଧୀରେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ ପାଠପଢାରେ ଧ୍ୟାନ ଦେବା ସହିତ ଭବିଷ୍ୟତ ଗଠନ ପାଇଁ ନବାଗତଙ୍କୁ ପରାମର୍ଶ ଦେଇଥିଲେ। ତୃତୀୟ ସେମିଷ୍ଟାର ଛାତ୍ରୀ ଶୁଭଶ୍ରୀ ସାହୁଙ୍କ ପରିଚାଳନାରେ ଏହି ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ରିଷିତା ରାୟଚୌଧୁରୀ ସଭା ସଂଚାଳନ କରିଥିଲେ। ଶିବଦତ୍ତ ପଣ୍ଡା, ମାନଭଞ୍ଜନ ଦାସ, ବଳରାମ ବାରିକ, ଲିଜାରାଣୀ ନାୟକ, ତନ୍ମୟୀ ଦାସ, ଶୁଭଶ୍ରୀ ନାୟକ, ଲକ୍ଷ୍ମୀପ୍ରିୟା ଦାସ, ସୁଚିତ୍ରା ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ହୋମଗାର୍ଡ ପଦବୀ ପାଇଁ ପରୀକ୍ଷା ଦେଲେ ୫୬୯୦ ପରୀକ୍ଷାର୍ଥୀ

**କୋରାପୁଟ, ୨୧।୯ (ସଂଚାର ବ୍ୟୁରୋ) :** ରବିବାର କୋରାପୁଟ ଲାଣ୍ଡିଗୁଡ଼ାସ୍ଥିତ ଡିଏଭି ସରକାରୀ ମହାବିଦ୍ୟାଳୟଠାରେ ପୋଲିସ ହୋମଗାର୍ଡ ପଦବୀ ପାଇଁ ଲିଖିତ ପରୀକ୍ଷା ଚାଲିଛି। ସୂଚନା ଥାଉକି, ମୋଟ୍ ୧୨୫ଟି ପଦବୀ ପାଇଁ ଏହି ପରୀକ୍ଷା ହୋଇଥିବାବେଳେ ଏଥିପାଇଁ ମୋଟ୍ ୭ ହଜାର ୨୮୧ ଜଣ ପିଲା ଆବେଦନ କରିଛନ୍ତି। ଏହି ହୋମଗାର୍ଡ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ମାତ୍ର ପଞ୍ଚମ ପାସ ରହିଥିବାବେଳେ ଏଥିରେ ଗ୍ରାଜୁଏଟ ଓ ସ୍ନାତକୋତ୍ତର ଭଳି ଉଚ୍ଚ ଶିକ୍ଷିତ ପିଲା ରବିବାର ଅନୁଷ୍ଠିତ ପରୀକ୍ଷା ଦେଇଥିବା ଜଣାଯାଇଛି। ୧୨୫ ପଦବୀ ପାଇଁ ୭ ହଜାର ୨୮୧ ଜଣ ପିଲା ଆବେଦନ କରିଥିବାବେଳେ ସେଥିମଧ୍ୟରୁ ୫ ହଜାର ୬୯୦ ପିଲା ଏହି ଲିଖିତ ପରୀକ୍ଷା ଦେଇଥିବା କୋରାପୁଟ ପୋଲିସ ପକ୍ଷରୁ କୁହାଯାଇଛି। ଏହି ହୋମଗାର୍ଡ ପଦବୀ ପାଇଁ ଭଲ ଶିକ୍ଷିତ ପିଲା ପରୀକ୍ଷା ଦେଇଥିବାରୁ ଭଲ ପିଲା ନିଯୁକ୍ତ ପାଇବେ ବୋଲି କୋରାପୁଟ ଏସ୍‌ପି ରୋହିତ ବର୍ମା ପ୍ରକାଶ କରିଛନ୍ତି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଭିବୃଦ୍ଧି...

ଯେଉଁଥିରେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବିବେଚିତ ସାମଗ୍ରୀ ଅନ୍ତର୍ଭୁକ୍ତ। ଏଥିରେ ତମାଖୁ ଉତ୍ପାଦ ଅନ୍ୟତମ। ଗତ ୧୧ ବର୍ଷ ମଧ୍ୟରେ ୨୫ କୋଟି ଭାରତୀୟ ଦାରିଦ୍ର୍ୟ ମୁକ୍ତ ହୋଇଛନ୍ତି। ଏମାନେ ଦେଶର ପ୍ରଗତିରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ନବମଧ୍ୟବିତ୍ତ ବର୍ଗ ଭାବରେ ଉଭା ହୋଇଛନ୍ତି। ଏହି ନବ ମଧ୍ୟବିତ୍ତ ବର୍ଗର ନିଜସ୍ୱ ଆକାଂକ୍ଷା ଓ ସ୍ୱପ୍ନ ରହିଛି। ଚଳିତ ବର୍ଷ ସରକାର ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ କରମୁକ୍ତ କରି ଟିକସ ରିହାତି ଉପହାର ଦେଇଛନ୍ତି, ଯାହା ମଧ୍ୟବିତ୍ତ ବର୍ଗଙ୍କ ଜୀବନକୁ ଯଥେଷ୍ଟ ସହଜ ଓ ସୁବିଧାଜନକ କରିଛି ଏବେ ଗରିବ ଓ ନବ ମଧ୍ୟବିତ୍ତ ବର୍ଗଙ୍କ ଲାଭ ପାଇବାର ପାଳି। ସେମାନେ ଦୁଇଗୁଣ ଲାଭ ପାଉଛନ୍ତି- ପ୍ରଥମେ ଆୟକର ରିହାତି ମାଧ୍ୟମରେ ଓ ଏବେ ଜିଏସଟି ହ୍ରାସ ମାଧ୍ୟମରେ। କମ ଜିଏସଟି ହାର ସହ ନାଗରିକମାନଙ୍କ ପାଇଁ ବ୍ୟକ୍ତିଗତ ସ୍ୱପ୍ନ ପୂରଣ କରିବା ସହଜ ହୋଇଯିବ। ଘର ନିର୍ମାଣ ହେଉ, ଟିଭି କିମ୍ବା ରେଫ୍ରିଜରେଟର କିଣା ହେଉ, କିମ୍ବା ସ୍କୁଟର, ବାଇକ୍ କିମ୍ବା କାର କିଣା ହେଉ, ସବୁକିଛି ଏବେ କମ ଖର୍ଚ୍ଚରେ ହେବ। ଅଧିକାଂଶ ହୋଟେଲ ରୁମ ପାଇଁ ଜିଏସଟି ହ୍ରାସ କରାଯାଇଥିବାରୁ ଭ୍ରମଣ ମଧ୍ୟ ଅଧିକ ସୁଲଭ ହେବ ବୋଲି ମୋଦି କହିବା ସହ ଜିଏସଟି ସଂସ୍କାର ପ୍ରତି ବ୍ୟବସାୟୀମାନଙ୍କ ଉତ୍ସାହୀ ପ୍ରତିକ୍ରିୟାରେ ଖୁସି ପ୍ରକାଶ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ସେମାନେ ଗ୍ରାହକମାନଙ୍କୁ ଜିଏସଟି ହ୍ରାସର ଲାଭ ପ୍ରଦାନ କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ଅନେକ ସ୍ଥାନରେ ସଂସ୍କାର ପୂର୍ବରୁ ଓ ପରେ ଲାଗୁ ତୁଳନାତ୍ମକ ଦର ଉଲ୍ଲେଖ ଥାଇ ସୂଚନାଫଳକ ପ୍ରଦର୍ଶିତ ହୋଇଛି।

ସେହିପରି ପ୍ରଧାନମନ୍ତ୍ରୀ ସ୍ୱଦେଶୀ ଅଭିଯାନ ଓ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଆତ୍ମନିର୍ଭରଶୀଳତାର ପଥ ପ୍ରତି ଅତୁଟ ପ୍ରତିବଦ୍ଧତା ଆବଶ୍ୟକ। ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ଏକ ପ୍ରମୁଖ ଦାୟିତ୍ୱ ଦେଶର ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ, କୁଟୀର ଉଦ୍ୟୋଗ ଉପରେ ରହିଛି। ଯେଉଁ ଜିନିଷ ସବୁ ଲୋକଙ୍କ ଆବଶ୍ୟକତା ପୂରଣ କରିବ ଏବଂ ଦେଶ ମଧ୍ୟରେ ଉତ୍ପାଦିତ ହୋଇପାରିବ ତାହା ଘରୋଇ ଭାବରେ ଉତ୍ପାଦନ କରାଯିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ତାର ସହ କହିଛନ୍ତି।

ଜିଏସଟି ହାର କମିବା ଏବଂ ସରଳୀକୃତ ପ୍ରକ୍ରିୟା ଭାରତର ଏମଏସଏମଇ, କ୍ଷୁଦ୍ର ଶିଳ୍ପ ଓ କୁଟୀର ଉଦ୍ୟୋଗଗୁଡ଼ିକୁ ଯଥେଷ୍ଟ ଲାଭ ଦେବ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଏହି ସଂସ୍କାରଗୁଡ଼ିକ ସେମାନଙ୍କର ବିକ୍ରି ବୃଦ୍ଧି କରିବ ଏବଂ ସେମାନଙ୍କର ଟିକସ ବୋଝ ହ୍ରାସ କରିବ, ଯାହାଫଳରେ ଦ୍ୱିଗୁଣିତ ଲାଭ ହେବ। ଶ୍ରୀ ମୋଦୀ ଏମଏସଏମଇଗୁଡ଼ିକୁ ନେଇ ଉଚ୍ଚ ଆଶା ପ୍ରକଟ କରିଥିଲେ। ସମୃଦ୍ଧିର ଶିଖର ସମୟରେ ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ଭାବରେ ସେମାନଙ୍କର ଐତିହାସିକ ଭୂମିକା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଭାରତର ଉତ୍ପାଦନ ଏବଂ ଉତ୍ପାଦ ଗୁଣବତ୍ତା ଏକଦା ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ଏବଂ ଉତ୍କୃଷ୍ଟ ଥିଲା। ସେହି ଗୌରବକୁ ପୁନର୍ବାର ହାସଲ କରିବାର ଆବଶ୍ୟକତା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ। କ୍ଷୁଦ୍ର ଶିଳ୍ପ ଦ୍ୱାରା ନିର୍ମିତ ଉତ୍ପାଦଗୁଡ଼ିକ ସର୍ବୋଚ୍ଚ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ଭାରତର ଉତ୍ପାଦନ ମର୍ଯ୍ୟାଦା ଏବଂ ଉତ୍କର୍ଷତା ସହିତ ସମସ୍ତ ମାନଦଣ୍ଡକୁ ଅତିକ୍ରମ କରିବା ଉଚିତ। ଭାରତୀୟ ଉତ୍ପାଦର ଗୁଣବତ୍ତା ଦେଶର ବିଶ୍ୱସ୍ତରୀୟ ପରିଚୟ ଏବଂ ପ୍ରତିଷ୍ଠାକୁ ବୃଦ୍ଧି କରିବା ଉଚିତ। ସମସ୍ତ ଅଂଶୀଦାରଙ୍କୁ ଏହି ଲକ୍ଷ୍ୟକୁ ମନରେ ରଖି କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ସ୍ୱଦେଶୀର ମନ୍ତ୍ର ଯେପରି ଭାରତର ସ୍ୱାଧୀନତା ସଂଗ୍ରାମକୁ ସଶକ୍ତ କରିଥିଲା, ଠିକ୍ ସେହିପରି ଏହା ସମୃଦ୍ଧି ଆଡକୁ ଦେଶର ଯାତ୍ରାକୁ ଶକ୍ତିଶାଳୀ କରିବ। ସେ ଉଲ୍ଲେଖ କରିଥିଲେ ଯେ ଅନେକ ବିଦେଶୀ ଜିନିଷ ଜାଣତରେ ହେଉ କିମ୍ବା ଅଜାଣତରେ ଆମ ଦୈନନ୍ଦିନ ଜୀବନର ଅଂଶ ପାଲଟିଛି। ନାଗରିକମାନେ ପ୍ରାୟତଃ ଜାଣିପାରନ୍ତି ନାହିଁ ଯେ ସେମାନଙ୍କ ପକେଟରେ ଥିବା ପାନିଆ ବିଦେଶୀ ନା ସ୍ୱଦେଶୀ। ନିଜକୁ ଏପରି ନିର୍ଭରଶୀଳତାରୁ ମୁକ୍ତ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଦେଶର ଯୁବପିଢ଼ିଙ୍କ କଠିନ ପରିଶ୍ରମ ଦ୍ୱାରା ଏବଂ ଭାରତରେ ନିର୍ମିତ ଉତ୍ପାଦ କିଣିବାକୁ ସେ ଲୋକମାନଙ୍କୁ ଆହ୍ୱାନ କରିଥିଲେ। ପ୍ରତ୍ୟେକ ପରିବାରକୁ ସ୍ୱଦେଶୀର ପ୍ରତୀକ ହେବାକୁ ଏବଂ ପ୍ରତ୍ୟେକ ଦୋକାନକୁ ସ୍ୱଦେଶୀ ସାମଗ୍ରୀରେ ସଜ୍ଜିତ କରିବାକୁ ସେ ନିବେଦନ କରିଥିଲେ।

### ନିଯୁକ୍ତି...

ସକାଶେ ବିଦ୍ୟାଧର ତାଙ୍କ ପାଖରେ ଥିବା ଧଳା ଗାମୁଛାର ବ୍ୟବହାର କରିଥିଲେ। ଏହି ଗାମୁଛାରେ ସେ ଘରର ପଙ୍ଖାରେ ଝୁଲିପଡିଥିଲେ। ବିଦ୍ୟାଧର ଆତ୍ମହତ୍ୟା କରିଥିବା ଦେଖି ଅପହର୍ତ୍ତାମାନେ ହଡ଼ବଡ଼େଇ ଯିବା ସହ ଅନ୍ୟ କୌଣସି ଉପାୟ ନ ପାଇ ତାଙ୍କ ମୃତଦେହକୁ ଟ୍ୟାକ୍ସିରେ ଆଣି ଚନ୍ଦକା ଅଞ୍ଚଳରେ ଫିଙ୍ଗିଦେଇଥିଲେ। ତେବେ ଏହି ପୂରା ଘଟଣାରେ ଟଙ୍କା ନେଇ ଜ୍ୟୋତ୍ସ୍ନା ନାମ୍ନୀ ଜନୈକା ଯୁବତୀ ଫେରାର ହୋଇଯାଇଛନ୍ତି। ସେ ଚାକିରି ଦେବାକୁ କହି ଟଙ୍କା ହଡ଼ପ କରିବା ସହ ଏଥିସକାଶେ ଏକ ଠକେଇ ଗ୍ୟାଙ୍ଗ୍ ମଧ୍ୟ ଗଢ଼ିଥିଲେ। ବିଦ୍ୟାଧର ଏହି ଗ୍ୟାଙ୍ଗ୍‌ର ଅନ୍ୟତମ ସଦସ୍ୟ ଥିବା କୁହାଯାଉଛି।

### ନମୋ...

ଏକ ପରିବାରକୁ ଛାରଖାର କରିଦେଇଥାଏ। ନିଶା ପାଇଁ ପାଠପଢ଼ାରେ ଅସଫଳତା, ସ୍ୱାସ୍ଥ୍ୟର ଅବନତି, ଅପରାଧ ପ୍ରବୃତ୍ତିରେ ବୃଦ୍ଧି, ପରିବାରରେ ଅଶାନ୍ତି ଆଦି ଆସୁଥିବା ବେଳେ ନିଶାସକ୍ତ ଯୁବକ ତା'ର ପିତାମାତାଙ୍କ ସ୍ୱପ୍ନକୁ ବି ଭାଙ୍ଗିଦେଇଥାଏ। ଫଳତଃ ଦେଶର ଭବିଷ୍ୟତ ଗଢ଼ିବା ଦାୟିତ୍ୱ ପାଇଥିବା ଯୁବକ ଏକ ବୋଝରେ ପରିଣତ ହୋଇଯାଏ। କାରଣ ଦେଶକୁ ନିଶାମୁକ୍ତ କରିବାର ଦାୟିତ୍ୱ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ପ୍ରଦାନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଏ

ହି ଅବସରରେ ମୁଖ୍ୟମନ୍ତ୍ରୀ ଯୁବବର୍ଗଙ୍କୁ ସଙ୍କଳ୍ପ କରାଇ 'ନିଶାମୁକ୍ତ ଭାରତ' ଗଠନ କରିବା, ଯୁବବର୍ଗର ଶକ୍ତିକୁ ସମ୍ପୂର୍ଣ୍ଣ ଭାବେ ଦେଶ ଗଠନରେ ଉପଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରେ ମୁଖ୍ୟମନ୍ତ୍ରୀ ମେ' ଫେୟାର ଛକରେ ଏକ ଚା' ଦୋକାନ ପାଖରେ ଚା' ପିଇବା ସହ ସେଠାରେ ଥିବା ଜନସାଧାରଣଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଚା' ପିଉ ପିଉ ମୁଖ୍ୟମନ୍ତ୍ରୀ କେତେବେଳେ ବୁଢ଼ୀ ମା'ଟିକୁ ତା' ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ ତ ଆଉ କେତେବେଳେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ ପାଖରେ ଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଭଲ ପାଠ ପଢିବା ସହ ମୁଖ୍ୟମନ୍ତ୍ରୀ ଯୁବ ବର୍ଗଙ୍କୁ ନିଶା ସେବନର ଅପକାରିତା ନେଇ ବୁଝାଇଥିଲେ। ଏହି ସମୟରେ ତାଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ସମ୍ମିଳନୀ...

ପରାମର୍ଶ ଦେଇଛନ୍ତି।

ଗସ୍ତ କାଳରେ ଶ୍ରୀ ପ୍ରଧାନ ଆଇଆଇଟି ମାଡ୍ରାସ ଗବେଷଣା ପାର୍କରେ ଇନକ୍ୟୁବେସନ ସମର୍ଥନ ପାଇଥିବା ଯୁବ ଉଦ୍ଭାବକ ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ। ଜେଇଇରେ ସଫଳତା ପାଇଥିବା ତଥା କଳା କ୍ଷେତ୍ରରେ ଆଇଆଇଟି ମାଡ୍ରାସରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ, 'ଆଇଆଇଟିଏମ ଫର ଅଲ୍' କାର୍ଯ୍ୟକ୍ରମ ଅଧୀନରେ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ତାମିଲନାଡୁ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶ୍ରୀ ପ୍ରଧାନ ଭେଟିଥିଲେ। ଇଣ୍ଡିଆ ସେଣ୍ଟର ଫର୍ ଲ୍ୟାବ୍ ଗ୍ରୋନ୍ ଡାଇମଣ୍ଡ, ଟେକ୍ନୋଲୋଜି ଡେଭଲପମେଣ୍ଟ ସେଣ୍ଟର ପରିଦର୍ଶନ କରି ଶ୍ରୀ ପ୍ରଧାନ ଭାରତରେ ନବସୃଜନ ଏବଂ ଉଦ୍ୟମିତା ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ଆଇଆଇଟି ମାଡ୍ରାସ ଏକ ଅଗ୍ରଣୀ ଭୂମିକା ନେଇଛି ବୋଲି କହିଛନ୍ତି। ତାମିଲନାଡୁ ଗସ୍ତର ଅନ୍ତିମ ଦିନରେ କେନ୍ଦ୍ର ମନ୍ତ୍ରୀ କଦାୟମ୍ ଗ୍ରାମରେ ମହାକବି ସୁବ୍ରମଣ୍ୟମ ଭାରତୀଙ୍କ ପତ୍ନୀ ଚେଲ୍ଲାମ୍ମା ଭାରତୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେନକାଶୀସ୍ଥିତ ଜୋହୋ କର୍ପୋରେସନର ବିଭିନ୍ନ ଅନୁଷ୍ଠାନ ଗସ୍ତ କରିବା ସହ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ। ଏଥିସହ ସେ ଜୋହୋ ସ୍କୁଲ ଅଫ୍ ଲର୍ଣ୍ଣିଂ, ଜୋହୋ ଦ୍ୱାରା ପରିଚାଳିତ ମେକାଟ୍ରୋନିକ୍ସ ଷ୍ଟାର୍ଟ-ଅପ୍ କାରୁଭି, କାଲୟୀବାଣୀ କାଲୱି ମୈୟମ ସ୍କୁଲ, ଥରୁଭାଇ କ୍ୟାମ୍ପସ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ସହ କଥା ହୋଇଥିଲେ।

### ପ୍ରଦୀପ ...

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ପଦ ସମ୍ଭାଳିଥିବା ପ୍ରଦୀପ ଜେନା ପ୍ରଥମ ଥର କ୍ଲବ ନିର୍ବାଚନକୁ ଓହ୍ଲାଇଥିଲେ। ଗତକାଲି ନିର୍ବାଚନ ପାଇଁ ଇ-ଭୋଟିଂ ଅନୁଷ୍ଠିତ ହୋଇଥିଲା । ଆଜି ବାଲାଟ୍ ଉପରେ ଭୋଟ୍ ଦାନ ଚାଲିଥିଲା। ଯେଉଁ କ୍ଲବ ମେମ୍ବରମାନେ ଭୋଟଦାନ ପାଇଁ କ୍ଲବକୁ ଆସିପାରିନାହାନ୍ତି ସେମାନେ ଇ - ଭୋଟିଂ ମାଧ୍ୟମରେ ଭୋଟ ଦେଇଥିଲେ। ଇ- ଭୋଟିଂରେ ପାଖାପାଖି ୫୦୦ ଭୋଟ ହୋଇଛି। ଆଜି ସକାଳ ୧୧ଟାରୁ ଭୋଟିଙ୍ଗ ଚାଲିଥିଲା। ତେବେ ସନ୍ଧ୍ୟା ୫ଟା ଭିତରେ କ୍ଲବକୁ ଆସି ମତଦାନ କରିଥିଲେ କ୍ଲବ ସଦସ୍ୟ। ସନ୍ଧ୍ୟା ୬ଟା ପରେ ଫଳାଫଳ ଘୋଷଣା କରାଯାଇଥିଲା।

### ଛାତ୍ର...

ଏବେ ଏକ ପ୍ରକାର ଗୁମୁରି ଗୁମୁରି କାନ୍ଦୁଥିବା ଲକ୍ଷ୍ୟ କରାଯାଇଛି।

ସେହିଭଳି ଅଗ୍ରଣୀ ଛାତ୍ର ସଂଗଠନ ଏବିଭିପି ମଧ୍ୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଏକ ପ୍ରକାର ନିରବ। ଅଳ୍ପଦିନ ତଳେ ଏହି ସଂଗଠନର ଛାତ୍ରନେତାମାନେ ନିର୍ବାଚନ ପାଇଁ ରଣହୁଙ୍କାର ଦେବା ସହିତ ଶିକ୍ଷାନୁଷ୍ଠାନରେ ନିଜର ସଂଗଠନ ସଜାଡିବାରେ ଲାଗିଥିଲେ। କିନ୍ତୁ ଭଦ୍ରକ କଲେଜରେ ଛାତ୍ର ମୃତ୍ୟୁ ଘଟଣାପରେ ଏମାନେ ଏକ ପ୍ରକାର ନିରବତା ଅବଲମ୍ବନ କରୁଛନ୍ତି। ବାମପନ୍ଥୀ ଛାତ୍ରସଂଗଠନଗୁଡିକ ବି ଏମାନଙ୍କ ରାସ୍ତାରେ ଚାଲିଛନ୍ତି। ଯଦିଓ ସେମାନଙ୍କ ସଂଗଠନ ସେତେଟା ସବଳ ନୁହେଁ, କିନ୍ତୁ ଛାତ୍ର ସଂସଦ ନିର୍ବାଚନରେ ଫଳାଫଳକୁ ଓଲଟ ପାଲଟି କରିବାରେ ସେମାନେ ବେଶ୍ ଧୁରନ୍ଧର। ଏହି ଛାତ୍ରସଂଗଠନଗୁଡିକ ବି କାହିଁକି ନିରବ ରହିଛନ୍ତି ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଭାରତ...

ହୋଇ ପ୍ୟାଭିଲିଅନ ଫେରିଯିବା ପରେ ଅଧିନାୟକ ସୂର୍ଯ୍ୟକୁମାର ଖରାପ ସଟ୍ ଖେଳି ଖାତା ଖୋଲିବା ପୂର୍ବରୁ କ୍ୟାଚ ଆଉଟ ହୋଇଯାଇଥିଲେ। ଏହା ପରେ ସଞ୍ଜୁ ସାମସଙ୍ଗ ମାତ୍ର ୧୩ ରନ କରି କ୍ଲିନ ବୋଲ୍ଡ ହୋଇଥିଲେ। ତିଲକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ଖେଳ ଫିନିସ କରିଥିଲେ। ତିଲକ ବର୍ମା ୨ ଛକା ସହ ୧୯ ବଲରୁ ୩୦ ରନ କରିଥିବା ବେଳେ ପାଣ୍ଡ୍ୟା ୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରଥମ ମ୍ୟାଚରେ ପାକିସ୍ତାନ ଲଜ୍ଜାଜନକ ଭାବେ ଭାରତଠାରୁ ପରାଜୟ ବରଣ କରିଥିବା ବେଳେ ଏସିଆ କପର ଦ୍ୱିତୀୟ ମ୍ୟାଚରେ ଚିତପଟାଙ୍ଗ ମାରିଛି। ଭାରତ ୧୮.୫ ଓଭରରେ ୪ ୱିକେଟ୍ ହରାଇ ୧୭୪ ରନ୍ କରିବାକୁ ସଫଳ ହୋଇଥିଲା।

ଖେଳ ଆରମ୍ଭରୁ ଭାରତ ଟସ୍ ଜିତି ପାକିସ୍ତାନକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ସାହିବଜାଦା ଫରହାନ ୫୮ ରନ କରିଥିବା ବେଳେ ଫକର ଜମାନ ୧୫ ରନ କରିଥିଲେ। ସଇମ ଆୟୁବ ୨୧ ରନ କରିଥିବା ବେଳେ ମହମ୍ମଦ ନୱାଜ ୨୧ ରନ କରିଥିଲେ। ସେହିପରି ସଲମାନ ଆଗା ୧୭ ରନ କରିଥିବା ବେଳେ ଫହିମ ଅସରଫ ୨୦ ରନ କରିଥିଲେ। ଭାରତ ପକ୍ଷରୁ ଶିବମ ଦୁବେ ୨ଟି ୱିକେଟ ନେଇଥିବା ବେଳେ କୁଳଦୀପ ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ତେବେ ଭାରତର ଫିଲଡିଂ ଆଜି ନିରାଶାଜନକ ଥିଲା। ଭାରତୀୟ ଫିଲଡରମାନେ ପ୍ରାୟ ୪ଟି କ୍ୟାଚ ହାତଛଡ଼ା କରିଥିଲେ।

## ପୁଣି ଜୀବନ ନେଲା ଗୋଠଛଡ଼ା ଦନ୍ତା

**ଚମ୍ପୁଆ, ୨୧।୯(ସଂଚାର ବ୍ୟୁରୋ):** ଚମ୍ପୁଆ ବନାଞ୍ଚଳରେ ଗୋଠଛଡା ଦନ୍ତାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଜି ସକାଳୁ ଶୌଚ ହେବାକୁ ଯାଉଥିବା ବେଳେ ଗୋଠଛଡା ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଚମ୍ପୁଆ ଥାନା ଅନ୍ତର୍ଗତ ସୁନାପଶି ପଞ୍ଚାୟତ ଯୋଡା ପୋଖରୀ ଗ୍ରାମର ନରୋତ୍ତମ ମହାନ୍ତ (୬୫)। ମିଳିଥିବା ସୂଚନା ଅନୁସାରେ ଆଜି ଭୋର ପ୍ରାୟ ପାଞ୍ଚଟା ବେଳେ ନରୋତ୍ତମ ଶୌଚ ହେବାକୁ ଯାଇଥିବା ବେଳେ ଦନ୍ତା ହାବୁଡରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କ ଛାତିରେ ମାଡି ଦେବା ସହ ଶୁଣ୍ଢରେ ଟେକି ଫିଙ୍ଗି ଦେଇଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରୁ ନରୋତ୍ତମଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଚମ୍ପୁଆ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଯୋଗ୍ୟ କି ଗତକାଲି ମୟୂରଭଞ୍ଜ କରଞ୍ଜିଆ ବନଖଣ୍ଡରୁ ଏହି ଦନ୍ତାଟି ବୈତରଣୀ ନଦୀ ପାର ହୋଇ ଚମ୍ପୁଆ ବନାଞ୍ଚଳରେ ପ୍ରବେଶ କରିଥିଲା। ଆଜି ଦନ୍ତାଟି ମୁକୁନ୍ଦପୁରରେ ଥିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ



**ପଟ୍ଟାମୁଣ୍ଡାଇ,୨୧।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୭ନଂ ୱାର୍ଡ ବାଲିପଡ଼ା ଗ୍ରାମର ଚାଷୀ ଭାଗବତ କର (୭୮) ଗତକାଲି ଅପରାହ୍ନରେ ବିଲକୁ ଗାଈ ଚରାଇ ଫେରୁଥିବା ସମୟରେ ବାଟରେ ବଜ୍ର ପାତ ଘଟିବାରୁ ତାଙ୍କର ମୃତ୍ୟୁ ଘଟିଛି । ସେ ଅପରାହ୍ନ ଠାରୁ ନିଖୋଜ ଥିବାରୁ ପରିବାର ଲୋକ ଖୋଜାଖୋଜି କରି ନପାଇବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ। ସ୍ଥାନୀୟ ଅଂଚଳ ବାଗଜମି ବନ୍ୟା ପାଣିରେ ବୁଡି ଯାଇଥିବାରୁ ଦମକଳ ବାହିନୀ ପାଣିରେ ପଶି ନିଖୋଜ ଭାଗବତଙ୍କୁ ଖୋଜାଖୋଜି କରିଥିଲେ । ମାତ୍ର ତାର ପତ୍ତା ମିଳିନଥିଲା । ଆଜି ନିକଟସ୍ଥ ପାଳରେ ତାଙ୍କର ମୃତ ଶବ ଭାସୁଥିବାର ଦେଖି ସ୍ଥାନୀୟ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ପୁଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଉଛି । ମୃତ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଜିଲ୍ଲା ଯୁବକଂଗ୍ରେସ ପୂର୍ବତନ ସଭାପତି ସତ୍ୟପ୍ରିୟ ସାମଲ, କାଉନସିଲର ମଳୟ ଓଝା ଓ ବିଜେପିନେତା ରବୀନ୍ଦ୍ର ବିଶ୍ୱାଳ ଦାବୀ କରିଛନ୍ତି।

## ପ୍ରବଳ ବର୍ଷାରେ ରାସ୍ତା ବୁଡ଼ି ଗାଁ'ଦାଣ୍ଡ ଜଳମଗ୍ନ



**ନିଶ୍ଚିନ୍ତକୋଇଲି,୨୧।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦୁଇ ଦିନ ହେଲା ପ୍ରବଳ ବିଜୁଳି ଘଡଘଡି ସହ ବାଦଲ ଫଟା ବର୍ଷା ଯୋଗୁ କୃଷିକ୍ଷେତ୍ର ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ଏପରିକି ଚାଷୀଙ୍କ ପୋଟଳ, ବାଇଗଣ, ଜହ୍ନି ଆଦି ପନିପରିବା ଫସଲ ବର୍ଷା ପାଣିରେ ବୁଡି ନଷ୍ଟ ହୋଇଛି। ରାସ୍ତା ବୁଡି ଗାଁ ଦାଣ୍ଡ ଜଳମଗ୍ନ ହୋଇଥିବା ଯୋଗୁଁ ଲୋକେ ଘରୁ ବାହାରିବା କଷ୍ଟକର ହୋଇ ପଡ଼ିଛି। ବନ୍ଧକାଟିଆ ପଞ୍ଚାୟତ ୪ ନଂ ୱାର୍ଡ ସହଦେବପୁର (ମଙ୍ଗରାମଠ) ଗ୍ରାମର ଲୋକମାନେ ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀରେ ଥିବା ଦେଖିବାକୁ ମିଳିଛି। ବର୍ଷା ଜଳରେ ନିଶ୍ଚିନ୍ତକୋଇଲି ହାଟ ବଜାର ଜଳମଗ୍ନ ହୋଇ ପଡିଥିବା ବେଳେ ଡ୍ରେନେଜ ସଫେଇ ନହେବାରୁ ବର୍ଷା ଜଳ ନିଷ୍କାସନ ହୋଇ ନପାରି ନିଶ୍ଚିନ୍ତକୋଇଲି ବଡ଼ାରସ୍ତ ତାରିଣୀ ମନ୍ଦିର ରାସ୍ତାରେ ଆଣ୍ଠୁଏ ପାଣି ଜମିଥିବା ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ବଜାର ଠାରୁ ପାଞ୍ଚ ଶହ ମିଟର ଦୂରରେ ମୁଖ୍ୟ ରାସ୍ତା ବୁଡି ବର୍ଷା ପାଣି ଅତିକ୍ରମ କରୁଥିବା ବେଳେ ଯାନବାହାନ ଯାତାୟତରେ ବ୍ୟାଘାତ ହୋଇଛି। ଦୁଃଖ ଓ ପରିତାପର ବିଷୟ ଏଯାବତ୍ ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଏଭଳି ପରିସ୍ଥିତିରେ ଦେଖା ଦର୍ଶନ ମିଳୁନି। ସତେ ଯେପରି ସମସ୍ତେ ନିଘୋଡ଼ ନିଦ୍ରାରେ ଶୋଇ ରହି ମଜା ନେଉଥିବା କଥା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବସ୍ ଷ୍ଟପେଜ ଦାବିକଲେ ଅଞ୍ଚଳବାସୀ



**ଆଳି,୨୧।୯(ସଂଚାର ବ୍ୟୁରୋ):** ଆଳି କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାର ପତ୍ତପୁର ସେତୁ ନିକଟରେ ପ୍ରାୟ ଦଶରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକମାନେ ଦୂର ଦୂରାନ୍ତକୁ ଯିବା ପାଇଁ ବସକୁ ଅପେକ୍ଷା କରିବାକୁ ପଡୁଥିବା ବେଳେ ଆଜିଯାଏ ଏକ ବସ ଷ୍ଟପେଜ ହୋଇ ପାରିନାହିଁ। ଯାହାଫଳରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅପେକ୍ଷାରତ ବସ ଯାତ୍ରୀ। ବସ୍ ଷ୍ଟପେଜ ନ ଥିବାରୁ ଖରା ବର୍ଷାରେ ନାନା କଷ୍ଟ ଭୋଗୁଛନ୍ତି। ୨୪ ବର୍ଷ ଏକ ସ୍ଥାୟୀ ସରକାର ଥିବା ବେଳେ ବସ ଷ୍ଟପେଜ କରିବାକୁ ବାରମ୍ବାର ଅଂଚଳବାସୀ ଦାବି କରିଥିଲେ ମଧ ସରକାର ଏଥି ପ୍ରତି ବିମାତୃକ ମନୋଭାବ ପୋଷଣ କରିବା ଅଭିଯୋଗ ହୋଇଛି। ଅନ୍ୟପଟେ ନୂଆ ସରକାର ଓ ଲୋକଙ୍କ ସରକାର ଆସିଥିବାରୁ ସରକାର ଶୁଣି ଖୁବ ଶୀଘ୍ର ଏକ ବସ ଷ୍ଟପେଜ କରିବେ ବୋଲି ଆଶା ବାନ୍ଧିଛନ୍ତି। ଏ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣିରେ ବସ ଷ୍ଟପେଜ କରିବାକୁ ଅଭିଯୋଗ ହୋଇଥିବା ଅଂଚଳବାସୀ କହିଛନ୍ତି। ଦିନକୁ ଶହ ଶହ ଯାତ୍ରୀ ବସ୍‌କୁ ଅପେକ୍ଷା କରୁଥିବା ବେଳେ ବସ ଷ୍ଟପେଜ ହୋଇ ପାରିଲେ ସମଗ୍ର ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି କହିଛନ୍ତି।

## ସମୀର ଟିଭିଏସ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



**କେନ୍ଦ୍ରାପଡ଼ା,୨୧।୯(ସଂଚାର ବ୍ୟୁରୋ):** ଦୁହୁରିଆସ୍ଥିତ ସମୀର ଟିଭିଏସ ପକ୍ଷରୁ ଏକ ସଡକ ସୁରକ୍ଷା ସଚେତନତା ବାଇକ ଶୋଭାଯାତ୍ରା ରବିବାର ସକାଳେ ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାକୁ ଆଳିକ ପରିବହନ ଅଧିକାରୀ ଲୋକନାଥ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦଘାଟନ କରିଥିଲେ। ଶୋଭାଯାତ୍ରାକାରୀ ମାନଙ୍କ ସ୍ଲୋଗାନ ଥିଲା 'ହେଲମେଟ ପିନ୍ଧନ୍ତୁ ଜୀବନ ବଞ୍ଚାନ୍ତୁ'। ସୁରକ୍ଷିତ ଗାଡି ଚାଳନା କରନ୍ତୁ ଓ ନିଜ ସମେତ ଅନ୍ୟର ଜୀବନ ବଞ୍ଚାନ୍ତୁ । ଏହି ଶୋଭାଯାତ୍ରା ଦୁହୁରିଆ ନିକଟରୁ ବାହାରି ତିନିମୁହାଣି ଛକ ଓ ସେଠାରୁ ସହର ମଧ ଦେଇ ଇଛାପୁର ରଥଦାଣ୍ଡକୁ ଯାଇଥିଲା । ପୁନର୍ବାର ସେଠାରୁ ସହର ମଧ ଦେଇ ଦୁହୁରିଆରେ ପରେ ଚାନ୍ଦୋଳ ପର୍ଯ୍ୟନ୍ତ ଯାଇ ସେଠାରୁ ପୁନର୍ବାର ଦୁହୁରିଆ ଫେରି ଆସିଥିଲା । ବାଇକ ଶୋଭାଯାତ୍ରାରେ ଯାଉଥିବା ସମୀର ଟିଭିଏସର କର୍ମଚାରୀମାନେ ପଥପ୍ରାନ୍ତରେ ଅଟକି ଦୁଇଚକିଆ ଯାନ ଚାଳକ ଓ ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ବୁଝାଇ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା ।

# ମରାମତି ହେଉନି ନଳକୂପ

## ଅପରିଷ୍କାର ପାଣି ବ୍ୟବହାର କରୁଛନ୍ତି ଛାତ୍ରଛାତ୍ରୀ ଓ ଗ୍ରାମବାସୀ



**ମାର୍ଶାଘାଇ,୨୧।୯(ସଂଚାର ବ୍ୟୁରୋ):** ଦୀର୍ଘ ୩ ବର୍ଷ ହେବ ନଳକୂପ ପେଡଷ୍ଟାଣ୍ଡ କଳଙ୍କି ଲାଗିବା ସହିତ ଫୁଟି ଯାଇ ବଦଧାରରେ କଣା ମଧ ହୋଇଯାଇଛି । ସେହି ଫଟା ବାଟେ ବର୍ଷା ପାଣି ଏବଂ ଦୂଷିତ ପାଣି ନଳକୂପ ଭିତରକୁ ପ୍ରବେଶ କରୁଛି । ନଳକୂପ ର ଦୂଷିତ ପାଣି ବ୍ୟବହାରକରି ଲୋକମାନେ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡୁଛନ୍ତି । ମରାମତି କରିବାକୁ ସ୍ଥାନୀୟ ଅଂଚଳବାସୀ ଦାବୀ କରିଆସୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ପଞ୍ଚାୟତ ଦରବଛା ଗ୍ରାମରେ ।

ଏହି ଗ୍ରାମର ଉନ୍ନୀତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପଛ ଫାଟକ ପାଖରେ ଥିବା ଏହି ନଳକୂପ ଟି ଦୀର୍ଘଦିନ ହେବ କଳଙ୍କି ଲାଗିବା ସହିତ ତାହାର ପେଡଷ୍ଟାଣ୍ଡ ପ୍ରାୟ ଦେଢ଼ଫୁଟ ଓସାରରେ ଫୁଟି ଯାଇଛି । ସେହି ଫୁଟା ବାଟେ ଅପରିଷ୍କାର ପାଣି, ପୋକଜୋକ ଆଦି ନଳକୂପର ଭିତରକୁ ପ୍ରବେଶ କରୁଛି। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ସେହି ନଳକୂପ ପାଖରେ ଥିବା ଆଇବେଣ୍ଟସ ଘରେ ହେଉଛି। ଗ୍ରାମର ଲୋକମାନେ ମଧ୍ୟରେ ନଳକୂପରୁ ପାଣି ନେଇ ପିଇବା ପାଣି ଭାବରେ ବ୍ୟବହାର କରୁଛନ୍ତି। ପ୍ରାୟ ୩ ବର୍ଷ ହେବ ନଳକୂପର ପେଡଷ୍ଟାଣ୍ଡ ଫୁଟି ଯାଇଥିଲେ ବି ମରାମତି ହେଉନାହିଁ । ମରାମତି କରିବା ପାଇଁ ବ୍ଲକ ଅଫିସରେ ଜଣାଇଲେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇବାକୁ ଉତ୍ତର ମିଳୁଛି । ମଣିକୁଣ୍ଡା ପଞ୍ଚାୟତର ସରପଞ୍ଚ, ୱାର୍ଡମେମ୍ବରଙ୍କ ଘର ଦୁଆର ମୁହଁରେ ଏହି ଫୁଟା ନଳକୂପ ହୋଇଥିବା ବେଳେ ମରାମତି କରିବା ଦାୟିତ୍ୱ କାହାର ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ନଳକୂପ ମରାମତି କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।



## 'ସେବା ପକ୍ଷ' ଅବସରରେ ରକ୍ତଦାନ ଶିବିର

**ଆଳି,୨୧।୯(ସଂଚାର ବ୍ୟୁରୋ):** ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ତମ ଜନ୍ମ ଜୟନ୍ତୀରେ, 'ସେବା ପକ୍ଷ' ପାଳନ ଅବସରରେ ଆଜି ଆଳି ଜାଭିୟର ସ୍କୁଲ୍ ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ,ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ,ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା,ବିଜେପି ନେତ୍ରୀ ଅର୍ଚ୍ଚନା ନାୟକ, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ଆଇଆଇସି ଧୀରଜ ଲେଙ୍କା ପ୍ରମୁଖ ଏହି ଶିବିରରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ରକ୍ତଦାନ ଶିବିରରେ ବିଭିନ୍ନ ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ । ଶିବିରରୁ ମୋଟ ୧୯୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି ।

● କୁମ୍ଭୀର ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

## ପରିବାରକୁ ଭେଟିଲେ ଅତନୁ ସବ୍ୟସାଚୀ ନାୟକ



**ମହାକାଳପଡ଼ା,୨୧।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ବେଣାକନ୍ଦା ଗ୍ରାମର ବାବୁଲା ଦଳାଇଙ୍କ ପତ୍ନୀ ଲକ୍ଷ୍ମୀ ଦଳାଇ (୩୮) ଶୁକ୍ରବାର ଅପରାହ୍ନରେ ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ସମୟରେ କୁମ୍ଭୀର ତାଙ୍କୁ ନଦୀ ଭିତରକୁ ଟାଣି ନେଇଥିଲା। ବନବିଭାଗ, ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ। ଶନିବାର ସକାଳୁ ବନବିଭାଗ ଲକ୍ଷ୍ମୀଙ୍କ ମୃତଦେହ ଉଦ୍ଧାର କରିଥିଲା। ଖବର ପାଇ ପୂର୍ବତନ ମନ୍ତ୍ରୀ/ବିଧାୟକ ଆଜି ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

# ସଠିକ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି କର୍ମଚାରୀ

**କାକଟପୁର/ଅସ୍ତରଙ୍ଗ,୨୧।୯(ସଂଚାର ବ୍ୟୁରୋ):** ବାୟୋ ମେଟ୍ରିକ ଉପସ୍ଥାନ ବ୍ୟବସ୍ଥାକୁ ନେଇ କଠୋର ହୋଇଛନ୍ତି ପୁରୀ ଜିଲ୍ଲାପାଳ। ଗଣମାଧ୍ୟମରେ ଲଗାତାର ଖବର ପ୍ରକାଶ ସହ ଅସ୍ତରଙ୍ଗରେ ଜିଲ୍ଲାପାଳ ଜନଶୁଣାଣୀ ଶିବିରରେ ଗଣମାଧ୍ୟମ ପ୍ରତିନିଧି ମଧ କର୍ମଚାରୀ ସଠିକ ସମୟରେ ଆସୁନଥିବା ଘଟଣା ଜଣାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ହସ୍ତକ୍ଷେପ କରିଛନ୍ତି। ଜିଲ୍ଲାପାଳ ଚିଠି ଲେଖି ତାଗିଦ କରିବା ପରେ ସେପ୍ଟେମ୍ବର ୧୫ତାରିଖ ସୁଦ୍ଧା ପ୍ରତ୍ୟେକ ଗୋଷ୍ଠୀ, ପ୍ରାଥମିକ, ବ୍ଲକ ଓ ତହସିଲ ସମେତ ଅନ୍ୟ ସରକାରୀ କାର୍ଯ୍ୟାଳୟରେ ବାୟୋମେଟ୍ରିକ ବାଧ୍ୟତା ମୂଳକ ହେବ ନିର୍ଦ୍ଦେଶ ଦେଇଥିଲେ। ତଥାପି ସୁଧୁରି ନାହାନ୍ତି ଅସ୍ତରଙ୍ଗ ବ୍ଲକ ଅଂଚଳରେ ଥିବା ସରକାରୀ କର୍ମଚାରୀ ଓ କିଛି ବର୍ଷ ଗୋଟିଏ ସ୍ଥାନରେ ଗାଦିମାଡି ବସିଥିବା କର୍ମଚାରୀ।



ଜିଲ୍ଲାପାଳ ନିର୍ଦ୍ଦେଶ ପରେ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଯଦିଓ ବାୟୋମେଟ୍ରିକ ଲାଗିଛି କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନାହିଁ ବୋଲି ଅନୁମାନ କରାଯାଉଛି। ଯାହାର ଘଟଣା ଗଣମାଧ୍ୟମ ହାତରେ ଲାଗିଛି। ଅସ୍ତରଙ୍ଗ ବ୍ଲକ, ତହସିଲ, ସିଡିପିଓ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଛନ୍ତି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥିତି ଅତି ବିଚିତ୍ର ରହିଛି। ମେଡିକାଲରେ କିଛି ପୁରୁଷ ଓ ମହିଳା ଡକ୍ଟର ଅଛନ୍ତି। କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳୁଛି ରତନପୁର ନ୍ୟୁର ଡକ୍ଟର ଆସି ଅସ୍ତରଙ୍ଗ ମେଡିକାଲ ରୋଗୀ ଦେଖୁଛନ୍ତି। ଡକ୍ଟରମାନେ ନିଜ କାର୍ଯ୍ୟାଳୟକୁ ସଠିକ ସମୟରେ ଆସୁନାହାନ୍ତି।

ଅନେକ ସମସ୍ୟା ଘେରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଏମିତିକି ମେଡିକାଲ କର୍ମଚାରୀ ରହୁଥିବା ଗୃହରୁ ସିମେଣ୍ଟ ପ୍ଲାଷ୍ଟର ଖସୁଥିବା ଅନେକ ସମୟରେ ନଜିର ରହିଛି। କୌଣସି ଉଚ୍ଚ ପଦସ୍ତ ଅଧିକାରୀ ଏହି ଅସ୍ତରଙ୍ଗ ମେଡିକାଲ ପ୍ରତି ଦୃଷ୍ଟି ଦେଉନାହାନ୍ତି।

ଏ ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି ସ୍ୱାସ୍ଥ୍ୟ ସେବାରେ ଉର୍ନ୍ନତି ଆଣିବାକୁ ଆମେ ଉଦ୍ୟମ ଅବ୍ୟାହାତ ରଖିଛୁ। ଯେଉଁମାନେ ସ୍ୱାସ୍ଥ୍ୟ ସେବା ପାଉନାହାନ୍ତି ସେମାନେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ବିଭାଗରେ କର୍ମଚାରୀ ଉପରେ ନଜର ରହିଛି ଖୁବ ଶୀଘ୍ର ସମୟାନୁବର୍ତ୍ତିତା ହେଉ ନଥିବା କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ।

## ବିଜେପିର ମେଗା ରକ୍ତଦାନ ଶିବିର

● ୧୦୭୫ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ



**ବ୍ରହ୍ମପୁର,୨୧।୯(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟ ବ୍ୟାପୀ ପାଳିତ ହେଉଛି "ସେବା ପକ୍ଷ"। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜନହିତକର କାର୍ଯ୍ୟମାନ କରାଯାଉଛି। ଆଜି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଏସ୍‌ଏସ୍‌ଭିଟି ଗ୍ରାଉଣ୍ଡ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସଂଗଠନ, ସାମାଜିକ ଅନୁଷ୍ଠାନ, କ୍ଲବ, ସ୍ୱେଚ୍ଛାସେବୀ ସଂଗଠନ, ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଗଣଙ୍କ ପ୍ରଚେଷ୍ଟାରେ ୧୦୭୫ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଥିଲା। ଏପିରିକି ବିଧାୟକଙ୍କ ପରିବାର ବର୍ଗ ମଧ ରକ୍ତ ଦାନ କରିଥିଲେ। ନିଜେ ବିଧାୟକ ଉପସ୍ଥିତ ରହି ସମସ୍ତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

## କୋଣାର୍କକୁ ରେଳ ସଂଯୋଗ ଅନୁମୋଦନ ଖୁସିରେ ବିଜେପିର ଶୋଭାଯାତ୍ରା

**ଗୋପ,୨୧।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱରରୁ ନିମାପଡ଼ା ଗୋପ ଦେଇ କୋଣାର୍କକୁ ନୂତନ ରେଳ ଲାଇନ୍ ସଂଯୋଗ ହେବା ବିଧିବଧ ଭାବେ ଘୋଷଣା ହେବା ପରେ ନିମାପଡ଼ା ଗୋପ ଏବଂ କୋଣାର୍କ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରକାର ଆନନ୍ଦ ଖେଳି ଯାଇଛି। ଆଜି ସନ୍ଧ୍ୟାରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସାଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ଜିଲ୍ଲାପରିଷଦ ପ୍ରମୋଦ ରାଏ ଙ୍କ ନେତୃତ୍ୱରେ ଗୋପ ମଣ୍ଡଳର ସାତଧିକ ବିଜେପି କର୍ମକର୍ତ୍ତାମାନେ ବାଜା, ବାଣ ରୋଷଣୀ କରି ଏକ ଶୋଭାଯାତ୍ରା ଯାଇ ଗୋପ ଥାନା ଚକଠାରୁ ଆରମ୍ଭ କରି ଗୋପ ବଜାର ପରିକ୍ରମା କରିଥିଲେ। ପରେ ଗୋପ ବଜାରରେ ଏହି ଖୁସିରେ ମିଠା ବଣ୍ଟନ କରିଥିଲେ ।



ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ନିର୍ବାଚନ ମଣ୍ଡଳୀ ଗୋପ ଦେଇ କୋଣାର୍କ, ଭୁବନେଶ୍ୱରରୁ ନୂତନ ରେଳ ଲାଇନ୍ ସଂଯୋଗ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଅନୁମୋଦନ କରିଛନ୍ତି । ଏହି ନୂଆ ରେଳ ଲାଇନ୍ ସ୍ଥାନୀୟ ଅର୍ଥନୀତି ଓ କୃଷି ଆଦି କ୍ଷେତ୍ର ପାଇଁ ସହାୟକ ହେବା ସହ ଅଂଚଳବାସୀ ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସେବା ସୁବିଧାରେ ପାଇ ପାରିବେ। ବିଶେଷକରି ଗମନାଗମନ, ପର୍ଯ୍ୟଟନ ପାଇଁ ଏହି ପ୍ରକଳ୍ପ ବେଶ୍ ଲାଭଜନକ ସାବ୍ୟସ୍ତ ହେବ ବୋଲି ସମାଜ ସେବୀ ଶାମ ସୁନ୍ଦର ନାୟକ କହିଛନ୍ତି।

ଏହି ଶୋଭାଯାତ୍ରାରେ ମଞ୍ଜନାଥ ମଣ୍ଡଳ ସଭାପତି କିଶୋର ଚନ୍ଦ୍ର ରାଉତ, ରାଜକିଶୋର ନାୟକ, ମଞ୍ଜନାଥ ମଣ୍ଡଳ ସାଧାରଣ ସମ୍ପାଦକ ଉଲ୍ଲାସ ପ୍ରଧାନ, ଗୋବିନ୍ଦ ପାଢ଼ୀ, ଗୋପ ପଞ୍ଚାୟତ ସଭାପତି ସହଦେବ ସେନାପତି, ବିଚିତ୍ରାନନ୍ଦ ଜେନା, ବିଭୁଦତ ପ୍ରାତ୍ର ପ୍ରମୋଦ ପାଇକରାଏ, ଅଶ୍ୱିନୀ ପଟନାୟକ, ରୁଦ୍ର ପ୍ରତାପ ମାଝୀ ଏବଂ ସୌଦାମିନୀ ସେନାପତି ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସେବା ପଖୱାଡା ଦିବସ ଏବଂ ମାରାଥନ ରାଲି




**ଖୋର୍ଦ୍ଧା,୨୧।୯(ସଂଚାର ବ୍ୟୁରୋ):** ଓଡିଶା କ୍ରୀଡା ଏବଂ ଯୁବ ବ୍ୟାପାର ବିଭାଗ ସରକାର ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଖୋର୍ଦ୍ଧାର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ସେବା ପଖୱାଡା ଦିବସ-୨୦୨୫ ପାଳିତ ହୋଇଥିଲା। ଏହି ଅବସରରେ ଏକ ବିଶାଳ ରାଲିର ଆୟୋଜନ କରାଯାଇଥିଲା।

ଖୋର୍ଦ୍ଧା ଏସପି, ବିବେକାନନ୍ଦ ଶର୍ମା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ଦେଶର ସମସ୍ତ ଜିଲ୍ଲାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ଏବଂ ସେବାକୁ ସମସ୍ତ ବର୍ଗର ଲୋକଙ୍କୁ ପ୍ରଦାନ କରିବା ଏବଂ ଅନ୍ୟମାନଙ୍କୁ ପ୍ରେରଣା ଦେବା ପାଇଁ ସେବା ପଖୱାଡା ପାଳନ କରାଯାଏ। ଏଡିଏମ୍, ପ୍ରତାପ ଚନ୍ଦ୍ର ବେଉରା ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କହିଥିଲେ ସେବା ପର୍ବ ପାଳନ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆନନ୍ଦ ଏବଂ ଗର୍ବର ବିଷୟ। ସେବା ପ୍ରତ୍ୟେକ ନାଗରିକର ସର୍ବୋଚ୍ଚ କର୍ତ୍ତବ୍ୟ ହେବା ଉଚିତ।

ଉପ-ଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା ଅତିଥି ଭାବରେ ଯୋଗ ଦେଇ ସେବା ପଖୱାଡା ପାଳନରେ ସ୍ୱଚ୍ଛତା ହେଉଛି ମୁଖ୍ୟ ମନ୍ତ୍ର ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ, ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଏସ୍ପି, ଅନାଦି ଚରଣ ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ସେବା ପଖୱାଡା ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମାରାଥନ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରୁ ଆରମ୍ଭ ହୋଇ ଏସ୍ପି, କାର୍ଯ୍ୟାଳୟ ପାଲଟୋଟାପଡ଼ା ଛକ, ଜାତୀୟ ରାଜପଥ-୧୬, କଲେକ୍ଟରଙ୍କ କାର୍ଯ୍ୟାଳୟ ଛକ ଅଭିମୁଖେ ଶୋଭାଯାତ୍ରା କରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ପହଞ୍ଚିଥିଲା। ଏଥିରେ ପୁଲିସ, ଛାତ୍ରଛାତ୍ରୀ, ତାପଙ୍ଗ ଗଡ଼ ଯୋଗ ଦଳ, ଖେଳାଳି, କ୍ରୀଡା ସଂଘର ସଦସ୍ୟ, ବୁଦ୍ଧିଜୀବୀ, ସରକାରୀ ଅଧିକାରୀ, ଯୁବ ଛାତ୍ର ଏବଂ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## 'ସାହିତ୍ୟର ପ୍ରାଣ ସୁରେନ୍ଦ୍ର ମହାନ୍ତି' ପୁସ୍ତକ ଉନ୍ମୋଚିତ



**ସାଲେପୁର,୨୧।୯(ସଂଚାର ବ୍ୟୁରୋ):** ସାଲେପୁର ସତ୍ୟଭାମାପୁରସ୍ଥିତ ମଧୁବାବୁଙ୍କ ଜନ୍ମପୀଠରେ ଯୁବଲେଖକ ସୌମ୍ୟରଞ୍ଜନ ଭୂୟାଁଙ୍କ ଦ୍ୱାରା ଲିଖିତ "ସାହିତ୍ୟର ପ୍ରାଣ-ସୁରେନ୍ଦ୍ର ମହାନ୍ତି' ପୁସ୍ତକର ଶୁଭ ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ରାଜୀବ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଉଦ୍‌ଘାଟକ ରୂପେ ଶିଶୁ ସାହିତ୍ୟିକ ସୁନାମଣି ରାଉତ ଯୋଗଦେଇ ଓଡ଼ିଶା ସାହିତ୍ୟରେ ସୁରେନ୍ଦ୍ର ମହାନ୍ତି ଏକ ଅବିସ୍ମରଣୀ ବ୍ୟକ୍ତିତ୍ୱ ଭାବେ ବେଶ୍ ପରିଚିତ ବୋଲି ପ୍ରକାଶ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଶଶଧର ପଣ୍ଡା ଯୋଗଦେଇଥିବାବେଳେ ବରେଣ୍ୟ ଅତିଥି ଭାବେ ଲୋକସେବା ଫାଉଣ୍ଡେସନ୍‌ର ଅଧକ୍ଷ ତଥା ସଂଗଠକ ହିମାଂଶୁ ମହାନ୍ତି, ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରାଧାପକ ସାହିତ୍ୟିକ ଡଃ ପୂର୍ଣ୍ଣଚନ୍ଦ୍ର ଓଝା ଯୋଗଦେଇଥିଲେ। ଏହି ଅବସରରେ ସାଇ ଯମୁନା ପ୍ରକାଶନ ପକ୍ଷରୁ ଶିକ୍ଷକ ଗୌରବ ସମ୍ମାନରେ ବରିଷ୍ଠ ଶିକ୍ଷାବିତ୍ ଜଗନ୍ନାଥ ବସ୍ତିଆ ଓ ସାଇ ଯମୁନା ସାରସ୍ୱତ ସମ୍ମାନ ନାଟ୍ୟକାର ତୁଷାରକାନ୍ତ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା।

## ବରିଷ୍ଠ ନାଗରିକ ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



**ଛତ୍ରପୁର,୨୧।୯(ସଂଚାର ବ୍ୟୁରୋ):** ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ପୁଣିଥରେ ଅଞ୍ଚଳ ପାଇଁ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛନ୍ତି। ବୟସ ଯେତେହେଲେ ମଧ୍ୟ, ଯଦି ଇଚ୍ଛାଶକ୍ତି ରହିଥାଏ, ପରିବେଶ ସୁରକ୍ଷା ଓ ସମାଜ ପାଇଁ କାମ କରିବା ସମ୍ଭବ - ତାହାକୁ ଆଜି ପ୍ରମାଣ କରିଛନ୍ତି ପରିଷଦର ସଦସ୍ୟମାନେ। ପରିଷଦ ପକ୍ଷରୁ "ମା ପାଇଁ ଗଛଟିଏ" କାର୍ଯ୍ୟକ୍ରମର ଶୁଭାରମ୍ଭ ଗଞ୍ଜାମ ଏନଏସିର ୱାର୍ଡ ନମ୍ବର ୩ରୁ ହୋଇଛି। ପରବର୍ତ୍ତୀ ପର୍ଯାୟରେ ୧୨ଟି ୱାର୍ଡରେ ଏହି ପ୍ରୟାସ ଜାରି ରହିବ ବୋଲି ପରିଷଦ ସମ୍ପାଦକ ବିନୋଦ ମହାପାତ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟମାନେ ପ୍ରାଥମିକ ପଯ୍ୟାୟରେ ଗୋଟିଏ-ଗୋଟିଏ ଗଛ ଲଗାଇଥିଲେ ଏବଂ ସେହି ଗଛର ଯତ୍ନ ଓ ସୁରକ୍ଷାର ଦାୟିତ୍ୱ ମଧ୍ୟ ନିଜେ ନେଇଛନ୍ତି।

# ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କ ପ୍ରୋତ୍ସାହନରେ ବଢୁଛି ଚୋରାମଦ ବେପାର

**ଯାଜପୁର,୨୧।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଚୋରାମଦ ବେପାର ଦିନକୁ ଦିନ ବଢିବାରେ ଲାଗିଛି। ଏହି ବେଆଇନ କାରବାରକୁ ଖୋଦ୍ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀମାନେ ପ୍ରୋତ୍ସାହିତ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ଜିଲ୍ଲାରେ ୪୨ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ମଧ୍ୟରୁ ୪୧ ଗୋଟି ଚାଲୁ ଅଛି। ସେହିପରି ୫୮ଗୋଟି ଠିପି ଖୋଲା ବିଦେଶୀ ମଦ ଦୋକାନ (ବାର୍) ଓ ୧୮ଗୋଟି ଦେଶୀ ମଦ ଦୋକାନ ମଧ୍ୟରୁ ୧୫ ଗୋଟି କାର୍ଯ୍ୟରତ ଅଛି । ବିକ୍ରୟରେ ପ୍ରତିଯୋଗିତା କରୁଥିବା ଏହି ଲାଇସେନ୍ସପ୍ରାପ୍ତମାନେ, ଏଜେଣ୍ଟ ମାଧ୍ୟମରେ ସ୍ଥାନୀୟ ପୁଲିସଙ୍କ ଆଶୀର୍ବାଦରେ ଗାଁ-ଗାଁ, ସାହି-ସାହି, ପାନ ଦୋକାନ, ଗ୍ରୋସରୀ ଦୋକାନ ଓ ଜଳଖିଆ ଦୋକାନୀଙ୍କୁ ପ୍ରଲୋଭିତ କରି ଖୁଲମଖୁଲ୍ଲା ଭାବରେ ଚୋରାରେ ମଦ ଯୋଗାଇ ଆସୁଛନ୍ତି।

ଯାଜପୁର ଜିଲ୍ଲାରେ ୫ ଗୋଟି ଅବକାରୀ ଥାନା, ୨ ଗୋଟି ଅବକାରୀ ରେଞ୍ଜ ଅଫିସ ଓ ୧ଟି ମୋବାଇଲ ୟୁନିଟ ଥିଲେ ମଧ କାର୍ଯ୍ୟକଳାପ ନାହିଁ। ଏନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ଦିବ୍ୟ କିଶୋର ଟଣ୍ଡେଲଙ୍କୁ ପଚାରିବାରୁ 'ଷ୍ଟାଫ୍ ଅଭାବ'ର କଥା କହିଛନ୍ତି। ଷ୍ଟାଫ୍ ଅଭାବ ସତ୍ତ୍ୱେ ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ଅବକାରୀ ମାମଲା ଅଧିକ ରୁଜୁ ହୋଇଥିବା ସେ କହିଛନ୍ତି।

ଜନସାଧାରଣ ପ୍ରଶ୍ନ କରୁଛନ୍ତି - ଚୋରାମଦ ଗାଁ-ଗାଁରେ ବିକୁଥିବା ସତ୍ତ୍ୱେ କିପରି ପୁଲିସ ଓ ଅବକାରୀ ବିଭାଗ ଜାଣିନଥାନ୍ତି? ଏହି ବେଆଇନ ବ୍ୟବସାୟରେ ଯୁବପିଢ଼ି ନିଶାସକ୍ତ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବାରୁ ପରିବେଶ ଉପରେ କୁପ୍ରଭାବ ପକାଇଛି।

ଜନସାଧାରଣଙ୍କ ଦାବି - ବିଭିନ୍ନ ଅଞ୍ଚଳରେ କ୍ରମାଗତ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ।

ସୂଚନାଯୋଗ୍ୟ ଯେ, ବର୍ଷକୁ ୨୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଦେବା ସତ୍ତ୍ୱେ, ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କର କାର୍ଯ୍ୟାଳୟ ବର୍ଷ ବର୍ଷ ଧରି ଭଡ଼ାଘରରେ ଚାଲୁଅଛି। ଏପରି ସମୟରେ, ଓଡ଼ିଶା ସରକାର ଯାଜପୁର ଜିଲ୍ଲାରେ ବନ୍ଦ ରହିଥିବା ୩ଟି ଦେଶୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନକୁ ଇ-ଲଟେରୀ ମାଧ୍ୟମରେ ପୁନର୍ବାର ଖୋଲିବା ପାଇଁ ଯୋଜନା ରଖିଛନ୍ତି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି।

## ପିକୋଲରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୨୧।୯(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକସ୍ଥିତ ପିକୋଲଠାରେ ଜଗନ୍ନାଥ ଗୋପିନାଥ ଟ୍ରଷ୍ଟର ସଭାଗୃହରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୮ଜଣ ଚକ୍ଷୁ ରୋଗୀ ଯୋଗଦେଇ ଚକ୍ଷୁ ବିଶେଷଜ୍ଞମାନଙ୍କ ଠାରୁ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରିଥିଲେ। ଜେ.ପି.ଏମ୍. ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚିକିତ୍ସକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ୧୦ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ରୋଟାରୀ କ୍ଲବ୍ କଟକର ଉପସଭାପତି ଇଂ. ଧିରେନ୍ଦ୍ର ନାଥ ବିଶ୍ୱାଳ, ଜଗନ୍ନାଥ ଗୋପିନାଥ ଟ୍ରଷ୍ଟର ପ୍ରତିଷ୍ଠାତା ସୁକାନ୍ତ କିଶୋର ମହାନ୍ତି, ବିଜ୍ଞାନ ପ୍ରଚାର ସମିତିର ସଭାପତି ମେଜର ମଞ୍ଜୁଶ୍ରୀ ପତି, ଉପଦେଷ୍ଟା ଡଃ ଉମେଶ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।






## ସାମ୍ବାଦିକଙ୍କ ଗୋଡ଼ ତଳେ ଲାଗୁନି




ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ମହାରାଜା କନକ ବର୍ଦ୍ଧନ ସିଂହଦେଓ ହାତରେ ବୁମ୍ ଧରି ସାମ୍ବାଦିକ ଅବତାରରେ ଅବତୀର୍ଣ୍ଣ ହେବାପରେ ରାଜଧାନୀର ସାମ୍ବାଦିକମାନଙ୍କ ଗୋଡ ଆଉ ତଳେ ଲାଗୁନାହିଁ। ସେମାନେ ଖୁବ୍‌ଶୀଘ୍ର କିଛି ଗୋଟାଏ ଖୁସି ଖବର ପାଇବେ ବୋଲି ଆଶା ବାନ୍ଧିଲେଣି। ସହଜେ ତ ଏ ବିଭାଗଟି ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିଲା, ଏବେ ଉପମୁଖ୍ୟମନ୍ତ୍ରୀ ନିଜେ ବୁମ୍ ଧରି ଆଉ ଜଣେ ଉପମୁଖ୍ୟମନ୍ତ୍ରୀଙ୍କ ବାଇଟ୍ ନେଇଛନ୍ତି। ତେଣୁ ରାଜ୍ୟ ସରକାରଙ୍କର ତିନି ମୁଖିଆ ବସି ସାମ୍ବାଦିକଙ୍କ ଦୁଃଖ ଦୂର କରିବେ ବୋଲି ଏବେ ଚର୍ଚ୍ଚ ଜୋର ହେଉଛି। ବିଧାନସଭା ଭିତରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗୋଟିଏ ଜାତୀୟ ଚ୍ୟାନେଲ ବାଇଟ୍ ପାଇଁ ଯିବାବେଳେ କନକ ବର୍ଦ୍ଧନ ତୁରନ୍ତ ସାମ୍ବାଦିକଙ୍କ ହାତରୁ ଚଟାପଟ୍ ବୁମ୍‌ଟିକୁ ଟାଣି ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ପ୍ରତିକ୍ରିୟା ସଂଗ୍ରହ କରିଥିଲେ। କ୍ୟାମେରାମ୍ୟାନ୍ ବି ତୁରନ୍ତ ଡେରି ନକରି ସଟ୍ ନେଇଥିଲେ। ପ୍ରଭାତି ବି ଉତ୍ସାହିତ ବାଇଟ୍ ଦେଇଥିଲେ। ଉପସ୍ଥିତ ଅନ୍ୟ ସାମ୍ବାଦିକମାନେ ରାଜା ସାହବେଙ୍କ ସାମ୍ବାଦିକ ଅବତାର ଦେଖୁଥିବାବେଳେ ଆଉ କିଛି ସାମ୍ବାଦିକ ସେମାନଙ୍କ ଦୁଃଖ ଦୂର ହେବ ବୋଲି ଆଲୋଚନା ଚଳାଇଥିଲେ। କିଛି ନହେଲେ ନାହିଁ, ସାମ୍ବାଦିକ ପେନ୍‌ସନ ଯୋଜନାଟି ଲାଗୁ ହେବ ବୋଲି ଜଣେ କିଏ କହିବା ଆରମ୍ଭ କରିଦେଲେ। କଥାଟି ଆଗକୁ ବଢ଼ିବା ପୂର୍ବରୁ କିନ୍ତୁ ରାଜାଙ୍କ ହାତରୁ ବୁମ୍‌ଟି ସାମ୍ବାଦିକଙ୍କ ହାତକୁ ଚାଲି ଯାଇଥିଲା। ତେବେ ବୁମ୍ ଧରିଥିବା ଉପମୁଖ୍ୟମନ୍ତ୍ରୀ ଆଗକୁ ବୁମ୍‌ଧାରୀମାନଙ୍କ ଦୁଃଖ କେତେ ଦୂର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜଗନ୍ନାଥଙ୍କ ଭକ୍ତ ତୁଷାର



କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କୁ ବିଧାନସଭାରେ ଏବେ ଅନେକ ଜଗନ୍ନାଥଙ୍କ ପରମଭକ୍ତ ବୋଲି କହୁଛନ୍ତି। ଏଭଳି ଜଣେ କହୁଥିବାବେଳେ ଆମେ ପଚାରିଲୁ, ତୁଷାର କ'ଣ ପାଇଁ ହଠାତ୍ ଭକ୍ତ ପାଲଟିଲେ ? ବ୍ୟକ୍ତି ଜଣଙ୍କ କହିଲେ, ତୁଷାର ବାବୁ ଏଥର ବିଧାନସଭାରେ ଜଗନ୍ନାଥଙ୍କୁ ନେଇ ଯେତିକି ପ୍ରଶ୍ନ ପଚାରିଛନ୍ତି ଅନ୍ୟମାନେ କେହି ପଚାରି ନାହାନ୍ତି ? ତାଙ୍କର ପ୍ରଶ୍ନ ପୁରୀର ଅନେକ ସମସ୍ୟାର ସମାଧାନ କରିଦେବ। ତାଙ୍କରି ଦଳର ପୁରୀ ବିଧାୟକ ସୁନୀଲ ବାବୁ ଯାହା ପଚାରିନଥିଲେ ତୁଷାର ତାହା ପଚାରିଛନ୍ତି। ଏହା ସରକାରଙ୍କୁ ଟିକେ ଅଡୁଆ ହୋଇପାରେ କିନ୍ତୁ ପୁରୀ ଓ ଓଡିଶା ବିଶେଷକରି ଜଗନ୍ନାଥଙ୍କ ଭକ୍ତମାନଙ୍କ ମନକୁ ପାଇଲା ଭଳି। ଆମେ କଥାଟିକୁ ପୂରା ବୁଝିଗଲୁ। କାକଟପୁର ବିଧାୟକ ଏବେ ଶ୍ରୀଜଗନ୍ନାଥଙ୍କ ଶରଣରେ। ସହଜେ ତ ମଙ୍ଗଳାଙ୍କ ଆର୍ଶୀବାଦ ତାଙ୍କ ଉପରେ ରହିଛି। ନହେଲେ ପଦ୍ମ ବାତ୍ୟାରେ ସିଏ ଉଦ୍ଧାର ପାଇପାରି ନଥାନ୍ତେ। ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମନ୍ତ୍ରୀ ହେବାର ସୌଭାଗ୍ୟ ପାଇଥିଲେ। ବିଭାଗ ପରିଚାଳନାରେ ବି ଭଲ ପ୍ରଦର୍ଶନ କରିଥିଲେ। ତାଙ୍କର ଦ୍ୱିତୀୟଥର ବିଜୟ ଏତେ ସହଜ ନଥିଲେ ବି ଜଗନ୍ନାଥ ତାଙ୍କୁ ଉଦ୍ଧାର କରିଦେଇଥିଲେ। ଏବେ ତୁଷାର ବାବୁ ଋଣ ସୁଝୁଛନ୍ତି। ନିଜ ଏରିଆ ବାହାରକୁ ଯାଇ ପ୍ରଶ୍ନ କରୁଛନ୍ତି। କିଏ ନହିବ ଆଗାମୀ ଦିନରେ ପୁରୀର ମଙ୍ଗ ବିଜେଡି ତାଙ୍କ ହାତରେ ଦେଇ ନଦେବ।

## ଗଞ୍ଜେଇ ସପକ୍ଷରେ ବିଧାୟକ



ବିଧାନସଭାରେ ଏଥର ଗଞ୍ଜେଇକୁ ନେଇ ଜଣେ ବିଧାୟକ ଏଭଳି ପ୍ରଶ୍ନ କରିଛନ୍ତି ଯେ ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଗଞ୍ଜେଇ ସପକ୍ଷରେ ଏକ ପ୍ରକାର ଓକିଲାତି କରିଛନ୍ତି। କେଉଁ ଗବେଷଣାଗାରର ରିପୋର୍ଟ ଆଧାରରେ ଗଞ୍ଜେଇକୁ ସରକାର ବ୍ୟାନ୍ କରିଛନ୍ତି ବୋଲି ସିଧାସଳଖ ସରକାରଙ୍କୁ ପ୍ରଶ୍ନ କରିବା ସହିତ ଓଡିଶାର ପାହାଡିଆ ଅଞ୍ଚଳରେ ଗଞ୍ଜେଇ ଚାଷ କରି ଲୋକଙ୍କ ଆୟ ବଢାଇବାକୁ ପ୍ରସ୍ତାବ ଦେଇଛନ୍ତି। ମଙ୍ଗୁଙ୍କ ଏଭଳି ପ୍ରଶ୍ନ ପାଇବାପରେ ଅବକାରୀ ବିଭାଗର ବାବୁମାନଙ୍କ ଅକଲ ଗୁଡମ୍। ତେବେ କୌଣସି ପ୍ରକାରେ ବୁଦ୍ଧି ଖଟାଇ ଉତ୍ତର ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆଇନ୍ ଅନୁଯାୟୀ ଗଞ୍ଜେଇ ଚାଷକୁ ନିଷିଦ୍ଧ କରାଯାଇଥିବା କହିଛନ୍ତି। ତେବେ ଗବେଷଣା ଓ ଔଷଧିୟ ବ୍ୟବହାର କ୍ଷେତ୍ରରେ ଗଞ୍ଜେଇ ଚାଷ ହୋଇପାରିବ ବୋଲି ଦର୍ଶାଇଛନ୍ତି। ମଙ୍ଗୁଙ୍କର ଗଞ୍ଜେଇ ପ୍ରତି ଏଭଳି ଓକିଲାତି ଏବେ ରାଜ୍ୟର ଗଞ୍ଜେଇ ବେପାରୀ ଓ ସେବନକାରୀମାନଙ୍କୁ ଉତ୍ସାହିତ କରିଛି। ପୂର୍ବରୁ ବିଧାୟକମାନେ ଗଞ୍ଜେଇ ଚାଷକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ କେଉଁ ବର୍ଷ କେତେ ଗଞ୍ଜେଇ ଚାଷ ହେଉଛି ସେ ସଂକ୍ରାନ୍ତରେ ଏକାଧିକ ପ୍ରଶ୍ନ ପଚାରି ସରକାରଙ୍କୁ ଅକଳରେ ପକାଉଥିବାବେଳେ ଜଣେ ବିଧାୟକଙ୍କର ଗଞ୍ଜେଇ ସପକ୍ଷରେ ଏଭଳି ପ୍ରଶ୍ନ ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଦାଢ଼ି ଅଛି, ରଡ଼ି ନାହିଁ



ବିଧାନସଭା ଅଧିବେଶନ ଆରମ୍ଭ ହେଲେ ସମସ୍ତଙ୍କ ନଜର ଥାଏ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନିପତି ଓରଫ ଭାଲୁ ଭାଇଙ୍କ ଉପରେ। ଗୃହରେ ପ୍ରବେଶ ସମୟରେ ହେଉ କିମ୍ବା ବାଚସ୍ପତଙ୍କ ପୋଡିୟମ ତଳେ ହେଉ ତାରାଙ୍କ ରଡିରେ ଗୃହ ପ୍ରକମ୍ପିତ ହୋଇଥାଏ। ରଡି ସାଙ୍ଗକୁ ଭାଲୁ ଭାଇଙ୍କ ଡିଆଁଡେଇଁ ବି ଦୃଷ୍ଟି ଆକର୍ଷଣ କରିଥାଏ। ଖବରର ଶିରୋନାମା ପାଲଟିଥାଏ। ଏଥିର କିନ୍ତୁ ସେଭଳି କିଛି ନାହିଁ। ନିଜ ଆସନରେ ଛିଡାହୋଇ ପ୍ରତିବାଦରେ ସମୟ ଯାଉଛି। ତେବେ ଏଥର ତାରାଙ୍କ ରଡି ଶୁଣିବାକୁ ମିଳୁନଥିବାବେଳେ କିନ୍ତୁ ତାଙ୍କ ଦାଢି ଦେଖିବାକୁ ମିଳିଛି। ସାଧାରଣତଃ ରସିକିଆ ସ୍ୱଭାବର ଭାଲୁ ଭାଇ ସବୁବେଳେ କ୍ଲିନ୍ ସେଭ୍। ମଝିରେ ମଝିରେ ଅମିରଖାନ୍ ଷ୍ଟାଇଲ୍‌ରେ ଓଠତଳେ ଟିକେ ଦାଢି ରଖିଥାନ୍ତି। ଏଥର କିନ୍ତୁ ତାରାଙ୍କ ମୁହଁରେ ପୂରା ଦାଢି ଭର୍ତ୍ତି। ଏହାକୁ ନେଇ ଆଲୋଚନା ବି ଆରମ୍ଭ ହୋଇଛି। କିଏ କହୁଛି ମାନସିକ ଦାଢି ତ ଆଉ କିଏ କହୁଛି ଭାଲୁ ଭାଇଙ୍କ ନୂଆ ଷ୍ଟାଇଲ୍। ତେବେ ଏହାରି ଭିତରେ କିନ୍ତୁ ଅନେକ ଭାଲୁଙ୍କ ରଡିକୁ ଅପେକ୍ଷା କରିଛନ୍ତି। ତେବେ କିଛି କଂଗ୍ରେସିଆଙ୍କ କହିବାକଥା ହେଲା ଯେ ଏହା ହେଉଛି ଭାଲୁ ଭାଇଙ୍କ ବାବା ଅବତାର। ଆଗକୁ ଦାଢି ସିନା ଦେଖିବାକୁ ମିଳିବ, ହେଲେ ରଡି କିନ୍ତୁ ପୂର୍ବଭଳି ଶୁଣାଯିବ ନାହିଁ। ଏହା ପଛର ରହସ୍ୟ ଭେଦ ପାଇଁ ଅନେକ ଏବେଠାରୁ ଲାଗି ପଡିଲେଣି।

## ଖାକିଙ୍କୁ ଗୋଡ଼ାଇଛି ଭୂତ ଡର



ରାଜଧାନୀରେ ମହିଳା ଟ୍ରାଫିକ ପୁଲିସ୍ କର୍ମଚାରୀଙ୍କୁ ଆଉ ଜଣେ ପୁରୁଷ ପୁଲିସ୍ କର୍ମଚାରୀ ମାରି ପୋତିଦେବା ଘଟଣା ଚର୍ଚ୍ଚାରେ ଥିବାବେଳେ କମିଶନରେଟ ପୁଲିସ୍ କୋଠାର ଖାକିବାବୁମାନଙ୍କୁ କିନ୍ତୁ ଏବେ ଭୂତ ଡର ଘାରିଛି। ଯେବେଠାରୁ ଜାଣିଲେଣି ଯେ ମହିଳା ପୁଲିସ୍‌ଙ୍କୁ ମାରିବାପରେ ତାଙ୍କ ମୃତ ଦେହକୁ କାର୍ ଡିକିରେ ଭର୍ତ୍ତିକରି ଖାକି ବାବୁ ଜଣଙ୍କ ଆଣି କମିଶନରେଟ ପୁଲିସ କୋଠାର ପାର୍କିଂରେ ରଖିଥିଲେ ସେବେଠାରୁ ଅନେକଙ୍କ ଆଖିରୁ ନିଦ ହଜିଯାଇଛି। ଭୟରେ କିଛି ଖାକି ବାବୁ ଆଉ ଘର ଖାଇବା ଆଣିବା ବଦଳରେ ଖରାବେଳେ ଘରକୁ ଖାଇବାକୁ ପଳାଉଛନ୍ତି। ଉପାସ ରହୁଛନ୍ତି ପଛେ ଖାଦ୍ୟ ଆଣି କମିଶନରେଟ କୋଠାକୁ ଆସୁ ନାହାନ୍ତି। ଇତି ମଧ୍ୟରେ ମୃତଦେହ ଥିବା କାର୍ ପାର୍କିଂ ହୋଇଥିବା ବାଟ ଦେଇ ବି ଅନେକ ଯିବାକୁ ଡରୁଛନ୍ତି। ରାତି ହେଲେ ଡ୍ୟୁଟିରେ ଥିବା କର୍ମଚାରୀମାନେ ଏକୁଟିଆ ବିଚରଣ କରିବାକୁ ବି ଡରୁଥିବା ନେଇ ଆଲୋଚନା ହେଉଛି। ଇତି ମଧ୍ୟରେ କିଛି ଖାକି ବାବୁ ପୂଜା ପାଠ କରିବାକୁ ପ୍ରସ୍ତାବ ଦେଇଥିଲେ। ହେଲେ ମାମଲା ଥଣ୍ଡା ପଡିଲା ପରେ ଏହା କରିବାକୁ ଆଉ କିଛି କହିଛନ୍ତି। ମାମଲା ଥଣ୍ଡା ହେବା ପର୍ଯ୍ୟନ୍ତ କମିଶନରେଟ କୋଠାରେ ଚାକିରି କରିଥିବା ମହିଳା କର୍ମଚାରୀମାନଙ୍କ ମଧ୍ୟରୁ କିନ୍ତୁ ଅନେକ ଡରି ଡରି ଅଛନ୍ତି। କିଛି ଖାକିଙ୍କ ଆଲୋଚନା ଅନୁଯାୟୀ ଶବ ସିନା ଗାଡିରେ ପଳାଇଲା, ହେଲେ ଆତ୍ମା କିନ୍ତୁ ଅଫିସ୍ ଛାଡି ଯାଇନଥିବ। ପୂଜାପାଠ ନହେଲେ ଆଗକୁ ଆତ୍ମା ଯିବା ମୁସ୍କିଲ ହୋଇପଡିବ।

### ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟମନ୍ତ୍ରୀ

# ଢୋଲକିଆ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥିଲେ, ଶତ୍ରୁ ନୁହେଁ

**ଭୁବନେଶ୍ୱର, ୨୧।୯(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ନୂଆପଡାର ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦାନ କରିଛନ୍ତି। ସ୍ୱର୍ଗତ ବିଧାୟକଙ୍କ ସ୍ମୃତି ଚାରଣ କରି ସେ କହିଲେ ଯେ, ସେ ତାଙ୍କର ଜଣେ ଉତ୍ତମ ବନ୍ଧୁଥିଲେ । ସ୍ୱର୍ଗତ ଢୋଲକିଆଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଥାଇ ପାରନ୍ତି କିନ୍ତୁ ତାଙ୍କର କେହି ରାଜନୈତିକ ଶତ୍ରୁ ନଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

୨୦୦୪ ମସିହାରୁ ୪ ଥର ବିଧାୟକ ହୋଇଥିବା ସେହି ଲୋକପ୍ରିୟ ନେତା ଥରେ ମନ୍ତ୍ରୀ ପଦରେ ଅଭିଷିକ୍ତ ହୋଇ ନୂଆପଡା ତଥା ସମଗ୍ର ରାଜ୍ୟର ବିକାଶ ଓ ପରିବର୍ତ୍ତନରେ ଅମୂଲ୍ୟ ଯୋଗଦାନ ଦେଇଥିଲେ । ତାଙ୍କର ବିୟୋଗରେ ନୂଆପଡା ଜିଲ୍ଲା ତଥା ଓଡ଼ିଶା ଜଣେ ସୁଦକ୍ଷ ଦରଦୀ ରାଜନେତାଙ୍କୁ ହରାଇଲା ବୋଲି ସେ କହିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଧାୟକଙ୍କ ପତ୍ନୀ କଳ୍ପନା ଢୋଲକିଆ ଓ ପୁତ୍ର ଜୟଙ୍କୁ ଭେଟି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ତାଙ୍କ ବାସ ଗୃହ ପରିଦର୍ଶନ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ନୂଆପଡା ଜିଲ୍ଲାର ହଜାର ହଜାର ଜନସାଧାରଣଙ୍କ ସହିତ ଶୁଭେଚ୍ଛୁ ଓ ସମର୍ଥକମାନେ ବିପୁଳ ସଂଖ୍ୟାରେ ଯୋଗଦେଇ



ସ୍ୱର୍ଗତ ଢୋଲକିଆଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଠାରୁ ଆପତ୍ତି ଅଭିଯୋଗ ସମ୍ବଳିତ ଦରଖାସ୍ତ ମଧ୍ୟ ଗ୍ରହଣ କରିଥିଲେ । ସ୍ଥାନୀୟ ଗୋଟମା ଏୟାର ଷ୍ଟ୍ରିପ ରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମୃତ ପାଲ ସିଂ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ବିଜେପି ଜିଲ୍ଲା ସଭାପତି କମଳେଶ ଦିକ୍ଷିତ ତଥା ବରିଷ୍ଠ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଗଣମାଧ୍ୟମ ଆଗରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ, ନୂଆପଡ଼ା ଜିଲ୍ଲା ଭୁବନେଶ୍ୱରରୁ ବହୁ ଦୂରରେ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଫୋକସ୍ ରେ ରହିଛି। ତେଣୁ ଜିଲ୍ଲାକୁ ବାରମ୍ବାର ଆସି ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଚେଷ୍ଟିତ ରହିବେ ବୋଲି କହିଥିଲେ।

## କଟକରେ ସାରଦା ପ୍ରଧାନଙ୍କ ଶାରଦୀୟ ବନ୍ଧୁମିଳନ

**କଟକ, ୨୧।୯(ସଂଚାର ବ୍ୟୁରୋ):** କଟକ ସହରରେ ରହୁଥିବା ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଯୁବବନ୍ଧୁ ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମାହାଙ୍ଗା ବିକାଶ ପରିଷଦ ତରଫରୁ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦର ସଭାପତି ତଥା ମାହାଙ୍ଗାର ବିଧାୟକ ସାରଦା ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି ଶାରଦୀୟ ବନ୍ଧୁ ମିଳନକୁ ନେଇ କଟକରେ ରାଜନୈତିକ ମହଲରେ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଯାଇଛି । ଏହି ଅବସରରେ କଟକରେ ରହୁଥିବା ମାହାଙ୍ଗା ବାସିନ୍ଦା ମାନଙ୍କର ବିଭିନ୍ନ ସମସ୍ୟା ଓ ମାହାଙ୍ଗାର ବିକାଶରେ ସମସ୍ତେ



ସାମିଲ ହେବାକୁ ବିଧାୟକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ନିବେଦନ କରିବା ସହ ଆଗାମୀ ଦିନରେ କଟକର ସାମଗ୍ରିକ ବିକାଶରେ ମାହାଙ୍ଗାବାସୀ ଏକ ଗୁରୁତ୍ୱ ପୂର୍ଣ୍ଣ ନେବେ ବୋଲି ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକ ସାରଦା ପ୍ରଧାନଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ରାଜକିଶୋର ଶାସ୍ତ୍ରୀ, ବରିଷ୍ଠ ପୋଲିସ୍ ଅଧିକାରୀ ତଥା କଳାବିକାଶ କେନ୍ଦ୍ରର ସଂପାଦକ ବିକାଶ ଚନ୍ଦ୍ର ଦାଶ, ଉତ୍କଳ ସାହିତ୍ୟ ସମାଜର ସଭାପତି ଡ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ବିଶିଷ୍ଟ କ୍ରୀଡା ସଂଗଠକ ସହଦେବ ରାଉତ୍, ମହନଦିବିହାର ଉନ୍ନୟନ ପରିଷଦର ବିଚିତ୍ରାନନ୍ଦ ପଣ୍ଡା, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଷ୍ଟାଣ୍ଡିଂ କାଉନସେଲ୍ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ, ଶୁଭେନ୍ଦୁ ମହାନ୍ତି, କର୍ପୋରେଟର ଗଗନ ଓଝା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

## ଦାଦାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

● ଅଭିଯୁକ୍ତ ପୁତୁରା ଫେରାର

**ଆନନ୍ଦପୁର,୨୧।୯(ସଂଚାର ବ୍ୟୁରୋ) :** ଘରେ ଶୋଇଥିବା ବେଳେ ଟାଙ୍ଗିଆରେ ହାଣି ହତ୍ୟା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପୁତୁରା ହତ୍ୟା କରିଥିବା ନେଇ ପରିବାରର ଅଭିଯୋଗ। ଆନନ୍ଦପୁର ଥାନା ସୁନ୍ଦୁରିଆ ଗାଁରେ ଘଟିଛି ହତ୍ୟାକାଣ୍ଡ। ଗାଁର ଜଗବନ୍ଧୁ ଦେଓଗାମ ରାତିରେ ଘରେ ଶୋଇଥିବା ବେଳେ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଗବନ୍ଧୁଙ୍କ ପୁତୁରା ବୈଶିଙ୍ଗା ଦେଓଗାମ ଏଭଳି କାଣ୍ଡ ଭିଆଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ରାତି ଅଧରେ ଜଗବନ୍ଧୁଙ୍କୁ ଆକ୍ରମଣ ପରେ ସେ ଚିତ୍କାର କରିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକାରୀ ପୁତୁରା ଫେରାର ହୋଇଯାଇଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ବିଚାରାଧୀନ କଏଦୀଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୨୧।୯(ସଂଚାର ବ୍ୟୁରୋ) :** ଫେରାର କଏଦୀର ମୃତଦେହ ଉଦ୍ଧାର ହୋଇଛି। ରାଉରକେଲା ସ୍ୱତନ୍ତ୍ର କାରାଗାରରୁ ବିଚାରାଧୀନ ଫେରାର ହୋଇଥିବା କଏଦୀର ମୃତ ଦେହ ଉଦ୍ଧାର କରାଯାଇଛି। ସ୍ୱତନ୍ତ୍ର କାରାଗାରର ପଛପଟ ଦୁର୍ଗାପୁର ପାହାଡ ତଳ ଶିବ ମନ୍ଦିର ନିକଟରୁ ମୃତଦେହ ଉଦ୍ଧାର। ମୃତ ବିଚାରଧୀନ କଏଦୀ ହେଲେ ୩୦ ବର୍ଷିୟ ସୁରେଶ ବାର୍ଲା। ଗତ ଜୁନ ମାସରେ ଏକ ହତ୍ୟା ଉଦ୍ୟମ ମାମଲାରେ ଜେଲରେ ଥିଲେ ସୁରେଶ।



କିନ୍ତୁ ଗତ ବୁଧବାର ଦିନ ଜେଲରୁ ଫେରାର ହୋଇଯାଇଥିଲେ ସୁରେଶ। ଫେରାର ସୁରେଶଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଲାସୀ ଜାରି ରଖିଥିବା ବେଳେ ଆଜି ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସୁରେଶଙ୍କ ପରିବାର ତାଙ୍କର ମୃତଦେହକୁ ଚିହ୍ନଟ କରିଥିବା ଜଣାପଡ଼ିଛି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## କୋର୍ଟ କ୍ୟାମ୍ପସରୁ ଗିରଫ ଅଭିଯୁକ୍ତ ଫେରାର

● ଅବକାରୀ ବିଭାଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ



**ବାଲିଗୁଡ଼ା,୨୧।୯(ସଂଚାର ବ୍ୟୁରୋ):** ପଦାରେ ପଡିଲା ଅବକାରୀ ବିଭାଗର ସୁରକ୍ଷା ବ୍ୟବସ୍ଥା। କୋର୍ଟ କ୍ୟାମ୍ପସରେ ଅବକାରୀ ବିଭାଗର ସୁରକ୍ଷା ବ୍ୟବସ୍ଥା ପୂରା ଢିଲା। ଏବେ ଅବକାରୀ ବିଭାଗର ସୁରକ୍ଷା ବ୍ୟବସ୍ଥାରେ ଅବହେଳା ନେଇ ଉଠିଛି ଅନେକ ପ୍ରଶ୍ନ। କୋର୍ଟରେ ହାଜର କରିବା ପୂର୍ବରୁ ହିଁ ଅବକାରୀ ବିଭାଗର କର୍ମଚାରୀଙ୍କୁ ଚକମା ଦେଇ କୋର୍ଟ ପରିସରରୁ ଦୌଡ଼ି ପଳେଇଲା ଗିରଫ ମୁଖ୍ୟ ଅଭିଯୁକ୍ତ। ବାଲିଗୁଡା କୋର୍ଟ ପରିସରରେ ଅବକାରୀ ବିଭାଗର ଗାଡିରୁ ଡେଇଁ ଦୌଡ଼ି ପଳେଇଲା ଗଞ୍ଜେଇ ଚାଲାଣରେ ଗିରଫ ହୋଇଥିବା ମାଷ୍ଟର ମାଇଣ୍ଡ। କୋର୍ଟ ପରିସରରୁ ଚମ୍ପଟ ମାରିଥିବା ଅଭିଯୁକ୍ତ ହେଲା ବାଲିଗୁଡା ଥାନା ଲାଇନପାଲି ଗାଁର ଇରା ମଳିକ। ଦାରିଙ୍ଗିବାଡ଼ି ଥାନା ବାଇମୋଲା ଘାଟି ନିକଟରୁ ଅଟୋ ଯୋଗେ ୪୪ କେଜି ଗଞ୍ଜେଇ ଚାଲାଣ ସମୟରେ ଅବକାରୀ ବିଭାଗ ୩ ଜଣ ଅଭିଯୁକ୍ତକୁ ଗିରଫ କରିଥିଲା। ଗିରଫ ପରେ ଦାରିଙ୍ଗିବାଡ଼ି ଅଞ୍ଚଳରୁ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଫରୱାର୍ଡ ପାଇଁ ବାଲିଗୁଡା କୋର୍ଟକୁ ଆଣିଥିଲା ଦାରିଙ୍ଗିବାଡ଼ି ଅବକାରୀ ବିଭାଗ। ତେବେ କୋର୍ଟ ଭିତରକୁ ଅଭିଯୁକ୍ତଙ୍କୁ ନେବା ପୂର୍ବରୁ ହିଁ କୋର୍ଟ କ୍ୟାମ୍ପସରୁ ଅବକାରୀ ବିଭାଗର ଗାଡିରୁ ଚମ୍ପଟ ମାରିଲା ମାଷ୍ଟର ମାଇଣ୍ଡ କୁହା ଯାଉଥିବା ମୁଖ୍ୟ ଅଭିଯୁକ୍ତ।

## ପରୀକ୍ଷା ଦେବାକୁ ଆସି ସମୁଦ୍ରରେ ବୁଡ଼ିଗଲେ ଯୁବକ

**ବ୍ରହ୍ମପୁର,୨୧।୯(ସଂଚାର ବ୍ୟୁରୋ) :** ପରୀକ୍ଷା ଦେବାକୁ ଆସି ସମୁଦ୍ରରେ ବୁଡ଼ିଗଲେ ଯୁବକ । ଅଗ୍ନିବୀର ପରୀକ୍ଷା ଦେବାକୁ ଆସିଥିବା ଜଣେ ଯୁବକ ଆଜି ଧବଳେଶ୍ୱର ସମୁଦ୍ରରେ ବୁଡିଯାଇଛନ୍ତି । ଗୋଳାବନ୍ଧ



ଆର୍ମୀ ଆଡ କଲେଜକୁ ପରୀକ୍ଷା ଦେବାପାଇଁ ବିହାରରୁ ଆସିଥିଲେ ତିନି ଯୁବକ । ଆଜି ଧବଳେଶ୍ୱର ସମୁଦ୍ରକୁ ଗାଧେଇବାକୁ ଯାଇଥିଲେ। ସେଥିରୁ ଅଭିଷେକ ରଞ୍ଜନ ନାମକ ଯୁବକ ଗାଧୋଇବା ବେଳେ ଭାସିଯାଇଛନ୍ତି । ଚିକିଟି, ବ୍ରହ୍ମପୁର ଅଗ୍ନିଶମ ଟିମ ଓ ଗୋପାଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜା ଖୋଜି କରୁଛନ୍ତି । ଖବର ଲେଖା ହେବା ଯାଏ ଯୁବକଙ୍କ କୌଣସି ସନ୍ଧାନ ମିଳି ନଥିବା ଜଣାଯାଇଛି ।

## ଗୁଣିଗାରେଡ଼ି ସନ୍ଦେହରେ ୩ ଜଣଙ୍କୁ ବାନ୍ଧି ନିସ୍ଥୁକ ମାଡ଼



**ଉତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କଲା ପୋଲିସ**

**ସୋର,୨୧।୯(ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ସୋରରେ ଗୁଣିଗାରେଡ଼ି ସନ୍ଦେହରେ ନିସ୍ଥୁକ ମାଡ଼ ମରାଯାଇଛି । ଯୁବକ, ସ୍ତ୍ରୀ ଓ ଭାଉଜକୁ ବାନ୍ଧି ତିନିଦିନ ଅଟକ ରଖି ନିସ୍ଥୁକ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଯୁବକଙ୍କ ଗୋଡ଼ ଜଞ୍ଜିରରେ ବାନ୍ଧି ତାଲା ପକାଇବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଉଦ୍ଧାର କରିବାକୁ ଯିବା ବେଳେ ପୋଲିସ ଗାଡିକୁ ଅଟକାଇଲେ ଗାଁ ଲୋକ। ବୁଝାସୁଝା ପରେ ଉତ୍ୟକ୍ତ ଲୋକଙ୍କ କବଳରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ସୋର ଥାନା ମହୁମୁହାଣ ପଞ୍ଚାୟତର ମଲିଚୁଆ ଗାଁର ଚୈତା ସିଂ ଗୁଣିଗାରେଡ଼ି କରୁଥିବା ଗାଁ ଲୋକ ସନ୍ଦେହ କରୁଥିଲେ। ଏଥିପାଇଁ ଗାଁରେ ଅଘଟଣ ଘଟୁଥିବା ଅଭିଯୋଗରେ ସେମାନେ ଚୈତା ସିଂଙ୍କୁ ଗାଁ ପାଖ ଜଙ୍ଗଲରୁ ଧରି ନିସ୍ଥୁକ ମାଡ଼ ମାରିବା ସହ ଗୋଡ଼ରେ ଜଞ୍ଜିର ବାନ୍ଧି ତାଲା ପକାଇ ଦେଇଥିଲେ । ସେହିପରି ଚୈତାଙ୍କ ସ୍ତ୍ରୀ ସୁନି ସିଂ ଓ ଭାଉଜ ଟୁନି ସିଂକୁ ମଧ୍ୟ ମାଡ଼ ମାରି ଅଟକ ରଖିଥିଲେ। ଆଜି ପୋଲିସ ସେମାନଙ୍କୁ ଉଦ୍ଧାର ପାଇଁ ମଲିଚୁଆକୁ ଯାଇଥିବା ବେଳେ ଗାଁ ଲୋକେ ପୋଲିସ ଗାଡ଼ିକୁ ଅଟକାଇ ଥିଲେ । ପରେ ବୁଝାସୁଝା ପରେ ଗାଁ ଲୋକ ସେମାନଙ୍କୁ ଛାଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ ଚୈତାଙ୍କୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଆସୁଛି ଯୋଡ଼ା ଲଘୁଚାପ,ଅଶାନ୍ତ ହେବ ବଙ୍ଗୋପସାଗର !

**ଭୁବନେଶ୍ୱର, ୨୧।୯ (ସଂଚାର ବ୍ୟୁରୋ) :** ଆସୁଛି ଯୋଡା ଲଘୁଚାପ। ଅଶାନ୍ତ ହେବ ବଙ୍ଗୋପସାଗର। ଡିପ୍ରେସନର ରୂପ ନେବ ଲଘୁଚାପ। ଓଡ଼ିଶା ଉପକୂଳ ଦେଇ କରିବ ଅତିକ୍ରମ। ୫୦ କିମି ବେଗରେ ବହିବ ପବନ। ପାଣିପାଗ ବିଭାଗ ଅନୁସାରେ ଉପର ବାୟୁ ଘୂର୍ଣ୍ଣିବଳୟ ମିଆଁମାର-ଦକ୍ଷିଣ ବାଂଲାଦେଶ ଉପକୂଳ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ଉପରେ ରହିଛି। ଏବଂ ସମୁଦ୍ର ପତ୍ତନ ଠାରୁ ୫.୮ କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ



ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିପରି ୨୫ ସେପ୍ଟେମ୍ବର ବେଳକୁ ପୂର୍ବ କେନ୍ଦ୍ରୀୟ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ନୂଆ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ- ଉତ୍ତର ପଶ୍ଚିମ ଗତି କରି ୨୬ ସେପ୍ଟେମ୍ବର ବେଳକୁ ଦକ୍ଷିଣ ଓ ଉତ୍ତର ଆନ୍ଧ୍ର ଉପକୂଳକରୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ରହିଛି। ୨୭ ସେପ୍ଟେମ୍ବର ସୁଦ୍ଧା ଦକ୍ଷିଣ ଓ ଉତ୍ତର ଆନ୍ଧ୍ର ଉପକୂଳ ଦେଇ ଅବପାତ ଅତିକ୍ରମ କରିବା ସମ୍ଭାବନା ଅଧିକ। ଏହାର ପ୍ରଭାବରେ ୨୭ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ଭାରୀ ବର୍ଷା ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୭୦୦ ପ୍ରଡକ୍ଟର ଦାମ୍ କମାଇଲା ଅମୁଲ

## ଜିଏସ୍‌ଟି ହ୍ରାସର ପ୍ରଭାବ




ନୂଆଦିଲ୍ଲୀ, ୨୧।୯: ଘିଅ, ବଟର, ପନିର, ଆଇସକ୍ରିମ ଏବଂ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ସମେତ ୭୦୦ ରୁ ଅଧିକ ଉତ୍ପାଦର ମୂଲ୍ୟ ହ୍ରାସ କଲା ଅମୁଲ। ଏହି ନୂଆ ଦାମ ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ। ଜିଏସଟି ସ୍ଲାବରେ ପରିବର୍ତ୍ତନ ପରେ ଅମୁଲ ଏହି ପଦକ୍ଷେପ ଗ୍ରହଣ କରିଛି। ପୂର୍ବରୁ ମଦର ଡାଏରୀ ଦୁଗ୍ଧ ଉତ୍ପାଦ ଉପରେ ମୂଲ୍ୟ ହ୍ରାସ ନେଇ ଘୋଷଣା କରିଥିଲା। ସଫଳ ବ୍ରାଣ୍ଡର ଟେଟ୍ରା-ପ୍ୟାକ୍ କ୍ଷୀର, ପନିର, ଘିଅ, ବଟର, ଆଇସକ୍ରିମ ଏବଂ ପ୍ରୋସେସଡ୍ ଫୁଡ୍ ଉପରେ ୨ ରୁ ୩୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିଥିଲା।

କେଉଁ ସାମଗ୍ରୀର ଦାମ କେତେ କମାଇଲା ଅମୁଲ, ଆସନ୍ତୁ ଜାଣିବା। ଏକ ଲିଟର ଅମୁଲ ଘିଅ ଦାମରେ ୪୦ ଟଙ୍କା ହ୍ରାସ ପାଇଛି। ବର୍ତ୍ତମାନ ନୂଆ ଦର ୬୧୦ ଟଙ୍କା ହୋଇଛି। ସେହିଭଳି ୧୦୦ ଗ୍ରାମ ବଟର ପ୍ୟାକ୍ ପୂର୍ବରୁ ୬୨ ଟଙ୍କାରେ ବିକ୍ରି ହେଉଥିଲା। ଦର ହ୍ରାସ ପରେ ଏବେ ଏହା ୫୮ ଟଙ୍କାରେ ମିଳିବ। ଏଥିରେ ୪ ଟଙ୍କା ଶସ୍ତା ହୋଇଛି। ଏକ କିଲୋ ଚିଜ୍ ବ୍ଲକ୍‌ର ମୂଲ୍ୟ ୩୦ ଟଙ୍କା ହ୍ରାସ ପାଇ ନୂଆ ମୂଲ୍ୟ ୫୪୫ ହୋଇଛି। ସେହିଭଳି ଅନେକ ଲୋକଙ୍କ ପସନ୍ଦ ପନିରର ଦାମ ମଧ କମାଇଛି ଅମୁଲ। ଏବେ ୨୦୦ ଗ୍ରାମ ଅମୁଲ ପନିରର ମୂଲ୍ୟ ୯୫ ଟଙ୍କା। ପୂର୍ବରୁ ଏହାର ଦାମ ଥିଲା ୯୯ ଟଙ୍କା।ଅନ୍ୟାନ୍ୟ ଉତ୍ପାଦ, ୟୁଏଚଟି କ୍ଷୀର, ଚକୋଲେଟ୍, ବେକେରୀ ଉତ୍ପାଦ, ଫ୍ରୋଜେନ୍ ସ୍ନାକ୍ସ, କଣ୍ଡେନ୍ସଡ୍ କ୍ଷୀର, ପିନଟ ସ୍ପ୍ରେଡ୍ ଏବଂ ମାଲ୍ଟ ଡ୍ରିଙ୍କସ ମୂଲ୍ୟ ମଧ ହ୍ରାସ ପାଇଛି।

ଗୁଜରାଟ କୋ-ଅପରେଟିଭ୍ ମାର୍କେଟିଂ ଫେଡେରେସନର ପରିଚାଳନା ନିର୍ଦ୍ଦେଶକ ଜୟେନ ମେହେଟା କହିଛନ୍ତି ଯେ, ପାଉଡ୍ କ୍ଷୀର ଉପରେ ଜିଏସଟି ଲାଗୁ ନାହିଁ, ତେଣୁ ଏହାର ମୂଲ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ। ଅମୁଲ କହିଛି ଯେ, ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନର ସମ୍ପୂର୍ଣ୍ଣ ଲାଭ ଗ୍ରାହକମାନଙ୍କୁ ଦେବା ପାଇଁ ଏହି ହ୍ରାସ କରାଯାଇଛି। ଭାରତରେ ମୁଣ୍ଡପିଛା କ୍ଷୀର ଉତ୍ପାଦର ବ୍ୟବହାର କମ୍ ରହିଛି ଏବଂ ମୂଲ୍ୟ ହ୍ରାସ ଆଇସକ୍ରିମ, ପନିର ଏବଂ ବଟର ଭଳି ଉତ୍ପାଦର ଚାହିଦାକୁ ବୃଦ୍ଧି କରିବ। ଫଳରେ କାରବାର ବୃଦ୍ଧି ପାଇବ ବୋଲି କମ୍ପାନୀ ଆଶା ରଖିଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୨,୧୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୨,୧୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୨,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୨,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୨,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୨,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୨,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୨,୧୫୦ ଓ ୧,୦୨,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୫,୦୦୦ ଟଙ୍କା ହୋଇଛି।

# ୫ ମାସରେ ଖଣିରୁ ଆୟ ୧୭,୧୩୨ କୋଟି



ଭୁବନେଶ୍ୱର, ୨୧।୯: ଖଣିରୁ ଓଡ଼ିଶା ସରକାର ଗତ କିଛି ବର୍ଷ ଧରି ଭଲ ମୋଟା ଅଙ୍କର ରାଜସ୍ୱ ପାଇ ଆସୁଛନ୍ତି। ଚଳିତ ଆର୍ଥିକବର୍ଷର ୫ ମାସରେ ଅର୍ଥାତ୍ ଅଗଷ୍ଟ ୩୧ ସୁଦ୍ଧା ୧୭,୧୩୨.୬୮ କୋଟି ଟଙ୍କାର ଖଣି ରାଜସ୍ୱ ଆଦାୟ ହୋଇଛି। ବର୍ଷ ଶେଷ ସୁଦ୍ଧା ଏହି ରାଜସ୍ୱ ଆନୁମାନିକ ୪୨ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ଏକ ପ୍ରଶ୍ନର ଉତ୍ତରରେ ସେ ଏହା ମଧ ସୂଚନା ଦେଇଛନ୍ତି ଯେ ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟର ଖଣି ରାଜସ୍ୱ ଆୟ ୪୨,୦୬୫.୯୯ କୋଟି ଟଙ୍କା ରହିଥିଲା। ସେହିପରି ୨୦୨୩-୨୪ରେ ୪୬,୩୯୬.୫୦ କୋଟି ଟଙ୍କା, ୨୦୨୨-୨୩ରେ ୩୮,୦୭୫.୦୪ କୋଟି ଟଙ୍କା ଏବଂ ୨୦୨୧-୨୨ରେ ୪୯,୮୫୯.୧୨ କୋଟି ଟଙ୍କା ରହିଥିଲା। ୨୦୨୪-୨୫ ଆର୍ଥିକବର୍ଷରେ ଯେତିକି ଖଣି ରାଜସ୍ୱ ଆଦାୟ ହୋଇଛି ତାହା ୨୦୨୧-୨୨ ତୁଳନାରେ ୧୫.୬୩ ପ୍ରତିଶତ କମିଛି, ୨୦୨୨-୨୩ ତୁଳନାରେ ୧୦.୪୮ ପ୍ରତିଶତ ବଢ଼ିଛି ଏବଂ ୨୦୨୩-୨୪ ତୁଳନାରେ ୯.୩୩ ପ୍ରତିଶତ କମିଛି। ଚଳିତ ଆର୍ଥିକବର୍ଷ ପାଇଁ ମୋଟ ଖଣି ରାଜସ୍ୱ ୪୨ ହଜାର କୋଟି ଟଙ୍କା ରହିବ ବୋଲି ଆକଳନ କରିଥିବାରୁ ଅଗଷ୍ଟ ସୁଦ୍ଧା ପ୍ରାୟ ୪୦ ପ୍ରତିଶତ ଆଦାୟ ହୋଇଛି। ତେଣୁ ସରକାରଙ୍କୁ ଆସନ୍ତା ମାର୍ଚ୍ଚ ସୁଦ୍ଧା ଆଉ ୬୦ ପ୍ରତିଶତ ରାଜସ୍ୱ ଆଦାୟ କରିବାକୁ ପଡ଼ିବ।

# ରିଲାଏନ୍ସ ଡିଜିଟାଲ୍‌ରେ ଆଇଫୋନ୍ ୧୭

ଭୁବନେଶ୍ୱର, ୨୧।୯: ରିଲାଏନ୍ସ ଡିଜିଟାଲ ଦେଶବ୍ୟାପୀ ଏହାର ଷ୍ଟୋର୍‌ଗୁଡ଼ିକରେ ଆପଲ୍ ଆଇଫୋନ୍ ୧୭ ସିରିଜ୍ ଉପଲବ୍ଧ ନେଇ ଘୋଷଣା କରିଛି। ଫଳରେ ଦେଶରେ ଛୋଟରୁ ଆରମ୍ଭ କରି ବଡ଼ ସହର ପର୍ଯ୍ୟନ୍ତ ସବୁଠି ଆପଲ୍ ଆଇଫୋନ୍‌ପ୍ରେମୀ ବ୍ୟକ୍ତିମାନେ ଏହି ନୂଆ ଉତ୍ପାଦକୁ କିଣିବା ସୁଯୋଗ ପାଇପାରିବେ। ରିଲାଏନ୍ସ ଡିଜିଟାଲ୍‌ରେ ଗ୍ରାହକଙ୍କ ଅଭିଳାଷ ପୂରଣ କରିବା ପାଇଁ ଉଦ୍ୟମ କରାଯାଇଛି। ଏଥି ସହିତ ଚଳିତ ପାର୍ବଣ ସିଜନ୍‌ରେ ରିଲାଏନ୍ସ ଡିଜିଟାଲରେ ଆଇଫୋନ୍ ୧୬ ପ୍ଲସ ଏବଂ ଆଇଫୋନ ୧୬ଇକୁ ସର୍ବନିମ୍ନ ଦରରେ ଉପଲବ୍ଧ କରାଯାଇଛି। ଆଇଫୋନ ୧୬ ପ୍ଲସ୍ ୫୭,୯୯୦ ଟଙ୍କାରେ ଏବଂ ଆଇଫୋନ୍ ୧୬ଇ ୪୨,୯୯୦ ଟଙ୍କାରେ ବିକ୍ରି କରାଯାଉଛି। ଆଇଫୋନ ୧୬ର ବୃହତ୍ ସ୍କ୍ରିନ୍ ଗ୍ରାହକଙ୍କୁ ଭିଡିଓ ଦେଖିବା, ଗେମ୍ ଖେଳିବା ସହିତ ବିଭିନ୍ନ ପ୍ରକାର କାର୍ଯ୍ୟ କରିବାରେ ସହାୟକ ହେଉଛି। ଷ୍ଟକ୍ ଶେଷ ହେବା ପର୍ଯ୍ୟନ୍ତ ଏହି ଅଫର୍ ଚାଲିବ।

# ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ସମ୍ମାନସୂଚକ ଡକ୍ଟରେଟ ପାଇଲେ ରବୀନ୍ଦ୍ର ଚାମାରିଆ



କୋଲକାତା, ୨୧।୯(ସଂଚାର ବ୍ୟୁରୋ): ଇନଫିନିଟି ଗ୍ରୁପର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରବିନ୍ଦ୍ର ଚାମାରିଆଙ୍କୁ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳନାରେ ସମ୍ମାନଜନକ ଡକ୍ଟର ଅଫ୍ ଫିଲୋସୋଫି (ପିଏଚ୍‌ଡି) ଉପାଧି ପ୍ରଦାନ କରାଯାଇଛି। ସମ୍ପ୍ରତି ଭୁବନେଶ୍ୱର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପଞ୍ଚମ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଜଣେ ଉଦ୍ୟୋଗୀ, ପ୍ରତିଷ୍ଠାନ ନିର୍ମାତା, ସମାଜସେବୀ ଏବଂ ବ୍ୟବସାୟ ନେତା ଭାବରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେବା ପାଇଁ ବିଶ୍ୱବିଦ୍ୟାଳୟ ଏହି ସମ୍ମାନ ପ୍ରଦାନ କରିଛି। ତାଙ୍କ ନେତୃତ୍ୱରେ, ଇନଫିନିଟି ଗ୍ରୁପ୍ କୋଲକାତାର ସେକ୍ଟର-୫, ସଲ୍ଟଲେକ୍‌ରେ ଆଇଟି ଭିତ୍ତିଭୂମି ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଏବଂ ପୂର୍ବ ଭାରତର ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି।

ରବିନ୍ଦ୍ର ଚାମାରିଆ ବୃନ୍ଦାବନରେ 'କୃଷ୍ଣ ଭୂମି' ଗୃହ ପ୍ରକଳ୍ପର ମୁଖ୍ୟ। ଏହି ଟାଉନସିପ୍ ବିଶ୍ୱର ସବୁଠାରୁ ଉଚ୍ଚ କୃଷ୍ଣ ମନ୍ଦିର ଚାରିପାଖରେ ବିକଶିତ ହେଉଛି। ବ୍ୟବସାୟ ବ୍ୟତୀତ, ସେ ବିଭିନ୍ନ ସାମାଜିକ ପଦକ୍ଷେପରେ ସକ୍ରିୟ ଭାବରେ ଜଡିତ - ଅକ୍ଷୟପାତ୍ର ଫାଉଣ୍ଡେସନ୍, ଜୟପୁର ଫୁଟ୍, ଉଦୟନ କେୟାର, ରାଉଣ୍ଡ ଟେବୁଲ ଇଣ୍ଡିଆ, ବିଦ୍ୟା ଭାରତୀ, ରାମକୃଷ୍ଣ ମିଶନ ଏବଂ ଜାଗୃତି ଧାମ ସିନିୟର ଲିଭିଂ ଭଳି ସଂଗଠନର କାର୍ଯ୍ୟକଳାପରେ ତାଙ୍କର ଅବଦାନ ବିଶେଷ ଭାବରେ ଉଲ୍ଲେଖନୀୟ।

ପୁରସ୍କାର ଗ୍ରହଣ କରି ରବିନ୍ଦ୍ର ଚାମାରିଆ କହିଛନ୍ତି, "ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରୁ ଏହି ପୁରସ୍କାର ପାଇ ମୁଁ ଗଭୀର କୃତଜ୍ଞ। ଇନଫିନିଟି ପରିବାରର ସାମୂହିକ ପ୍ରୟାସ ଯୋଗୁଁ ଏହି ଯାତ୍ରା ଅର୍ଥପୂର୍ଣ୍ଣ ହୋଇଛି। ଆମର ଲକ୍ଷ୍ୟ ହେଉଛି ବ୍ୟବସାୟିକ ଉତ୍କର୍ଷତା ସହିତ ସମାଜର କଲ୍ୟାଣ ପାଇଁ ପ୍ରତିଷ୍ଠାନ ନିର୍ମାଣ କରିବା, ଏବଂ ମୁଁ ଏହି ପୁରସ୍କାରକୁ ସେହି ଲକ୍ଷ୍ୟରେ ଉତ୍ସର୍ଗ କରୁଛି।"

ଓଡ଼ିଶା ସରକାର ୨୦୧୯ ମସିହାରେ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହାର ମୂଳ ୨୦୦୬ ମସିହାରେ ପ୍ରତିଷ୍ଠିତ ଏସିଆନ୍ ସ୍କୁଲ୍ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟରେ ରହିଛି। ଅଳ୍ପ ସମୟ ମଧରେ, ବିଶ୍ୱବିଦ୍ୟାଳୟ ଦେଶ ଏବଂ ବିଦେଶରେ ପ୍ରସିଦ୍ଧି ହାସଲ କରିଛି। ଚଳିତ ବର୍ଷର ସମାବର୍ତ୍ତନ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଏବଂ ବିଭିନ୍ନ କ୍ଷେତ୍ରର ନେତାମାନେ ଯୋଗ ଦେଇଥିଲେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୯୨ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଆର୍‌ସି ପ୍ଲାଷ୍ଟୋର ନୂଆ ବାଲ୍ତି ଓ ମଗ୍




ନାଗପୁର, ୨୧।୯: ଆର୍‌ସି ପ୍ଲାଷ୍ଟୋ ଟ୍ୟାଙ୍କ୍‌ସ ଆଣ୍ଡ୍ ପାଇପ୍‌ସ ଲିମିଟେଡ୍ ନୂଆ ବାଲ୍ତି ଓ ମଗ ବଜାରକୁ ଆଣିଛି। ଗ୍ରାହକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ଉତ୍ତମମାନର ପ୍ଲାଷ୍ଟିକ୍‌ରେ ଏଗୁଡ଼ିକ ତିଆରି ହୋଇଛି। ଏଥିରେ ୟୁଭି ପ୍ରୋଟେକ୍ସନ ପ୍ରଯୁକ୍ତି ବ୍ୟବହାର କରାଯାଇଛି, ଯାହାଫଳରେ ଖରା ଓ ବର୍ଷାରେ କୌଣସି କ୍ଷତି ହେବ ନାହିଁ। କମ୍ପାନି ପକ୍ଷରୁ ୫ ବର୍ଷର ୱାରେଣ୍ଟି ପ୍ରଦାନ କରାଯାଉଛି। ୫ ଲିଟରରୁ ଆରମ୍ଭ କରି ୨୫ ଲିଟର କ୍ଷମତା ପର୍ଯ୍ୟନ୍ତ ବାଲ୍ତି ରହିଛି। ସେହିଭଳି ୧ ଲିଟରରୁ ଦେଢ଼ ଲିଟର ପର୍ଯ୍ୟନ୍ତ ମଗ ଉପଲବ୍ଧ କରାଯାଇଛି। ଆର୍‌ସି ପ୍ଲାଷ୍ଟୋର ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ନିକଟରେ ଏସବୁ ସାମଗ୍ରୀ ଉପଲବ୍ଧ ଅଛି।

ଫ୍ଲିପକାର୍ଟ ସେଲ

# ବିମାନ ଟିକେଟ ଭଡ଼ାରେ ଦମଦାର ରିହାତି



ନୂଆଦିଲ୍ଲୀ, ୨୧।୯: ଫ୍ଲିପକାର୍ଟ ବିଗ୍ ବିଲିୟନ ଡେଜ୍ ସେଲ୍ ୨୦୨୫ ସାରା ଦେଶର ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହି ସେଲ୍ ସ୍ମାର୍ଟଫୋନ୍, ଟିଭି ଏବଂ ଇଲେକ୍ଟ୍ରୋନିକ୍ ଉତ୍ପାଦ ଉପରେ ଅନେକ ରିହାତି ପ୍ରଦାନ କରୁଛି। କମ୍ପାନି ଫ୍ଲାଇଟ୍ ବୁକିଂ ଉପରେ ମଧ ବଡ଼ ରିହାତି ପ୍ରଦାନ କରୁଛି। ଯଦି ଆପଣବି ବିମାନରେ ଯାତ୍ରା କରିବାକୁ ଯୋଜନା କରୁଛନ୍ତି, ତେବେ ଆପଣ ଫ୍ଲିପକାର୍ଟ ମାଧ୍ୟମରେ ଆପଣଙ୍କର ଫ୍ଲାଇଟ୍ ଟିକେଟ୍ ବୁକ୍ କରିପାରିବେ। ଫ୍ଲାଇଟ ଟିକେଟର ବୁକିଂ ବ୍ୟାନର ଉପରେ ଫ୍ଲିପକାର୍ଟ ସେଲର ଏକ ଟ୍ୟାଗ ଲାଗିଛି। ଏଥିରେ ଟିକେଟ ଉପରେ ୨୦ପ୍ରତିଶତ ପର୍ଯ୍ୟନ୍ତ ରିହାତି ଓ ଅନେକ ଅଫର ମିଳୁଛି।ଫ୍ଲିପକାର୍ଟ ସେଲ ଏକ ଅଫରର ଘୋଷଣା କରିଛି। ଏହି ଘୋଷଣା ଅନୁଯାୟୀ, ଗ୍ରାହକ ଅନ୍ତର୍ଜାତୀୟ ବିମାନ ଟିକେଟ ଭଡ଼ା ଉପରେ ଅତିବେଶୀରେ ୨୫ପ୍ରତିଶତ ପର୍ଯ୍ୟନ୍ତ ସଞ୍ଚୟ କରି ପାରିବେ। ସେହିପରି ଫ୍ଲିପକାର୍ଟ ସେଲ ଆଧାରରେ ଘରୋଇ ବିମାନ ଟିକେଟ କିଣୁଥିବା ଗ୍ରାହକଙ୍କୁ ବି ଫାଇଦା ମିଳିବ। କିଛି ସ୍ପେଶାଲ କୋଡ ବ୍ୟବହାରକରି ଗ୍ରାହକମାନେ ଅତିବେଶୀରେ ଟିକେଟ ମୂଲ୍ୟରେ ୩ହଜାର ଟଙ୍କା। ପର୍ଯ୍ୟନ୍ତ ଛାଡ଼ ପାଇ ପାରିବେ। କେବଳ ଏତିକି ନୁହେଁ ଫ୍ଲିପକାର୍ଟ ସେଲରୁ ଏକ୍ସିସ ବ୍ୟାଙ୍କର କାର୍ଡରୁ ଟିକେଟ ବୁକ କଲେ ୫ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମିଳିବ।

# ଅନଲାଇନରେ ମିଳିବ ରୟାଲ ଏନଫିଲ୍ଡ

## ବିଗ୍ ବିଲିୟନ ଡେ ସେଲ୍ ଆଣୁଛି ଖାସ୍ ଅଫର

ଯଦି ଆପଣ ଜଣେ ବୁଲେଟ୍ ପ୍ରେମୀ ତେବେ ଆପଣଙ୍କ ପାଇଁ ଖୁସି ଖବର। ରୟାଲ୍ ଏନଫିଲ୍ଡ ବୁଲେଟ୍ 350 ସମେତ ଅନେକ ମଡେଲ୍ କିଣିବାକୁ ଚାହୁଁଥିଲେ ଆପଣଙ୍କୁ ସୋ'ରୁମ୍ ଯିବାକୁ ପଡ଼ିବ ନାହିଁ। କେବଳ ଗୋଟିଏ କ୍ଲିକରେ କିଛି ଦିନ ଭିତରେ ହିଁ ଆପଣଙ୍କ ଘର ଆଗରେ ପହଞ୍ଚିବ ବାଇକ। ସେ ପୁଣି ଡିସକାଉଣ୍ଟରେ। ହଁ ଆଜ୍ଞା ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ। ରୟାଲ୍ ଏନଫିଲ୍ଡ ଫ୍ଲିପ୍‌କାର୍ଟ ସହିତ ଏକ ଚୁକ୍ତି କରିଛି। ଫ୍ଲିପ୍‌କାର୍ଟ ବିଗ୍ ବିଲିୟନ ଡେ ସେଲ୍ ପୂର୍ବରୁ ଏହି ଚୁକ୍ତି ହୋଇଛି। ଗ୍ରାହକମାନେ ସେଲ୍ ସମୟରେ ଏହାର ଲାଭ ପାଇବେ। ପ୍ରଥମ ଥର ପାଇଁ ରୟାଲ୍ ଏନଫିଲ୍ଡ ଅନଲାଇନରେ ଏହାର ମୋଟରସାଇକେଲ୍ ବିକ୍ରି କରିବ।

ଚୁକ୍ତି ଅନୁଯାୟୀ ରୟାଲ୍ ଏନଫିଲ୍ଡ ସେପ୍ଟେମ୍ବର ୨୨ ତାରିଖରୁ ଫ୍ଲିପ୍‌କାର୍ଟରେ ଏହାର ୩୫୦-ସିସି ମଡେଲ୍ ରେଞ୍ଜକୁ ଉପଲବ୍ଧ କରାଇବ। ସବୁଠାରୁ ଖାସ୍ କଥା ହେଉଛି ରୟାଲ୍ ଏନଫିଲ୍ଡର ଏହି ବାଇକ୍ କିଣିଲେ ଆପଣଙ୍କୁ ଦୁଇଗୁଣା ଲାଭ ମିଳିବ। କାହିଁକି ନା ୨୨ ସେପ୍ଟେମ୍ବରରୁ ହିଁ ଜିଏସଟି ହ୍ରାସ କାର୍ଯ୍ୟକାରୀ ହେବ। ଅର୍ଥାତ ଗ୍ରାହକମାନେ କେବଳ ବିଗ୍ ବିଲିୟନ ଡେ ସେଲ୍ ର ଲାଭ ପାଇବେ ନାହିଁ ବରଂ ଜିଏସଟି ହ୍ରାସ ଯୋଗୁଁ ଦୁଇଗୁଣା ଲାଭ ପାଇବେ। ଫ୍ଲିପ୍‌କାର୍ଟ ସହ ହୋଇଥିବା ଚୁକ୍ତି ଦ୍ୱାରା ରୟାଲ ଏନଫିଲ୍ଡ ମୋଟରସାଇକେଲଗୁଡ଼ିକର ବିକ୍ରି ଅଧିକ ହେବ। ଖାସ୍ କରି ଭାରତୀୟ ଗ୍ରାହକମାନେ ଡିଜିଟାଲ୍ ପ୍ଲାଟଫର୍ମ ପ୍ରତି ଅଧିକ ଆକର୍ଷିତ ହେଉଥିବାରୁ ଏଭଳି ନିଷ୍ପତି ନିଆଯାଇଛି। ବିଗ୍ ବିଲିୟନ ଡେ ସେଲ୍ ସମୟରେ ଗ୍ରାହକମାନେ ଫ୍ଲିପକାର୍ଟରେ ରୟାଲ ଏନଫିଲ୍ଡ ମୋଟରସାଇକେଲ କିଣିପାରିବେ। କମ୍ପାନୀ ଫ୍ଲିପକାର୍ଟ ମାଧମରେ ବୁଲେଟ୍ ୩୫୦, କ୍ଲାସିକ୍ ୩୫୦, ହଣ୍ଟର ୩୫୦, ଗୋଆନ୍ କ୍ଲାସିକ୍ ୩୫୦ ଏବଂ ନୂଆ ମେଟିୟର୍ ୩୫୦ ଭଳି ମଡେଲ୍ ବିକ୍ରି କରିବ। ଗୁରୁଗ୍ରାମ, ଏନସିଆର, ବେଙ୍ଗାଲୁରୁ, କୋଲକାତା, ଲକ୍ଷ୍ନୌ ଏବଂ ମୁମ୍ବାଇର ଗ୍ରାହକମାନେ ଫ୍ଲେକ୍ସିବଲ୍ ପେମେଣ୍ଟ ଅପ୍ସନ ଏବଂ ଜିଏସଟି ଛାଡ଼ ସହିତ ଅନଲାଇନରେ ବାଇକ ଅର୍ଡର ଏବଂ କିଣିପାରିବେ। କହି ରଖୁଛୁ ଜେନ ଜି ଗ୍ରାହକଙ୍କ ମଧରେ ଖାସ୍ କରି ଲୋକପ୍ରିୟ ହୋଇପାରିଛି ରୟାଲ ଏନଫିଲ୍ଡ। ରୟାଲ ଏନଫିଲ୍ଡର ସିଇଓ ବି. ଗୋବିନ୍ଦରାଜନ କହିଛନ୍ତି, ଫ୍ଲିପକାର୍ଟ ସହିତ ପାର୍ଟନରସିପ୍ କରିବା ଦ୍ୱାରା ଡିଜିଟାଲ ଗ୍ରାହକଙ୍କ ପାଖରେ ପହଞ୍ଚିବା ସହଜ ହେବ। ଏବେ ଲୋକମାନେ ଅନଲାଇନରେ ସେମାନଙ୍କର ପ୍ରିୟ ବାଇକକୁ ସର୍ଚ୍ଚ ଏବଂ ବୁକ୍ କରିପାରିବେ। ବର୍ତ୍ତମାନ ଏହି ଅଫର କେବଳ ପାଞ୍ଚଟି ସହରରେ ଉପଲବ୍ଧ। କିନ୍ତୁ ଖୁବଶୀଘ୍ର କମ୍ପାନୀ ଏହାକୁ ଅଧିକ ସ୍ଥାନରେ ବିସ୍ତାର କରିବାକୁ ଯୋଜନା କରୁଛି। ଅନ୍ୟପଟେ ଟିଭିଏସ୍ ଆପାଚି, ହିରୋ ଏକ୍ସଟ୍ରିମ୍, ହିରୋ ସ୍ପେଣ୍ଡର ପ୍ଲସ୍, କେଟିଏମ୍ ୨୦୦ ଡ୍ୟୁକ୍, ବାଜାଜ୍ ପଲ୍ସର୍ ଏବଂ ସୁଜୁକି ଜିକ୍ସର ଭଳି ବାଇକ୍ ବର୍ତ୍ତମାନ ଫ୍ଲିପକାର୍ଟରେ ଉପଲବ୍ଧ।

## ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ଆୟୋଜିତ



**ବ୍ରହ୍ମପୁର,୨୧।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ରାଜ୍ୟ କ୍ରୀଡ଼ା, ଯୁବ ସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଶା ମୁକ୍ତ ଭାରତ ଗଠନ ସମ୍ପର୍କିତ ଓଡ଼ିଶା ସରକାରଙ୍କ "ମାରାଥନ ୨୦୨୫ ଆୟୋଜିତ ହୋଇଥିଲା। ଏହାକୁ ଗଞ୍ଜାମ ଜିଲ୍ଲାପାଳ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗ ଦେଇ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘ ସାଧାରଣ ସମ୍ପାଦକ କେ. କାଶୀଶ୍ୱର ରାଓ, ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀ ଭାଗିରଥି ସ୍ୱାଇଁ, ଷ୍ଟାଡିଅମ ଇନଚାର୍ଜ ଶ୍ରୀ ପି. ପାଣିଗ୍ରାହୀ ଏବଂ ଅନ୍ୟ ମାନେ ପରିଚାଳନା କରିଥିଲେ। ଏହି ମାରାଥନରେ ୧୦୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ ଏବଂ ୧୦ ଓଡ଼ିଶା ବାଟାଲିୟନର ଏନ. ସି. ସି ଆର୍ମି ୟୁନିଟରେ ଜଡ଼ିତ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜ- କୁଲନ ମିଶନ ହାଇସ୍କୁଲ, ମେଡିକାଲ କ୍ୟାମ୍ପସ, ଉମା ଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ, ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଅମ୍ବାପୁଅ, ଗାନ୍ଧୀ ଇଂଜିନିୟରିଂ କଲେଜ, ଏସ. ଏସ ଭି ଏନ ନୀଳକଣ୍ଠ ନଗର ସମେତ ଅନ୍ୟ ସ୍କୁଲ ଓ କଲେଜ ଏନ. ସି. ସି କ୍ୟାଡେଟ ମାନେ ଯୋଗଦେଇଥିଲେ।

## ନିଶା ମୁକ୍ତ ଭାରତ ପ୍ରତିଜ୍ଞା ଉଦ୍ଦେଶ୍ୟରେ 'ନମୋ ଯୁବ ମାରାଥନ'




**ଯାଜପୁର,୨୧।୯ (ସଂଚାର ବ୍ୟୁରୋ):** ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଜନ୍ମଦିବସ ଏବଂ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ପାଳିତ "ସେବା ପକ୍ଷ – ୨୦୨୫" ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ 'ଯୁବ ମାରାଥନ' ଆୟୋଜିତ ହୋଇଥିଲା। ଏହି ମାରାଥନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଶାରୁ ଯୁବମାନଙ୍କୁ ସଚେତନ ଏବଂ ସୁସ୍ଥ ଜୀବନ ପାଇଁ ପ୍ରେରିତ କରିବା। ଗଣଦୌଡର ଶୁଭାରମ୍ଭ ମାନ୍ୟବର ଲୋକସଭା ସାଂସଦ ଡ଼ ରବିନ୍ଦ୍ର ନାରାୟଣ ବେହେରା ପତାକା ଦେଇ କରିଥିଲେ। ସାଂସଦ ଏହି ସମୟରେ କହିଥିଲେ, "ଏହା କେବଳ ଗଣଦୌଡ ନୁହେଁ, ଏହା ଦେଶର ଯୁବଶକ୍ତିକୁ ନିଶାରୁ ମୁକ୍ତି ଦେବା ପ୍ରଚେଷ୍ଟା।" ନମୋ ଯୁବ ମାରାଥନ ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଯାଜପୁର ଇଣ୍ଡୋର ଷ୍ଟାଡିଅମରେ ସମାପ୍ତ ହୋଇଥିଲା। ଏହି ସୁସ୍ଥ ଏବଂ ସଚେତନତାକର୍ମକାରୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଯୁବକ ଓ ଯୁବତୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## ସେବା ପର୍ବ ୨୦୨୫: ମାରାଥନର ଶୁଭାରମ୍ଭ କଲେ ସାଂସଦ



**ନୟାଗଡ଼,୨୧।୯ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ "ସେବା ପର୍ବ ୨୦୨୫" ଅଧୀନରେ କ୍ରୀଡ଼ା ଏବଂ ଯୁବ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ ମାରାଥନ୍ ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧକ୍ଷ ଈଂ ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ,ଆଇଆଇସି ରଶ୍ମିରଂଜନ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଆଜିର ଏହି ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମାରାଥନ ଜଗନ୍ନାଥ ମନ୍ଦିର ଠାରୁ ଆରମ୍ଭ ହୋଇ ନୟାଗଡ଼ ଷ୍ଟାଡିଅମ ଠାରେ ପହଞ୍ଚିଥିଲା। ସେଠାରେ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ଉତ୍ସାହିତ କରାଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ସାହୁ ଓ ଅନ୍ୟ ସମସ୍ତ ଅଫିସର ସହିତ ୫୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

## ବରିଷ୍ଠ ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କ ପରଲୋକ

**ନୟାଗଡ଼,୨୧।୯ (ସଂଚାର ବ୍ୟୁରୋ):** ନୟାଗଡ଼ ବାର ଆସୋସିଏସନ ପୂର୍ବତନ ସଭାପତି ବୃନ୍ଦାବନ ପଣ୍ଡାଙ୍କ ଆଜି ସକାଳରେ ପରଲୋକ ହୋଇଛି । ସେ ଜଣେ ପରୋପକାରୀ, ମିଷ୍ଟଭାସି ଓ ସ୍ନେହୀ ଆଦର ବ୍ୟକ୍ତିତ୍ୱ ଭାବେ ପରିଚିତ ଲାଭ କରିଥିଲେ। ଦୀର୍ଘ ବର୍ଷ ଧରି ଲୋକଙ୍କୁ ଆଇନ ସମ୍ବନ୍ଧରେ ସାହାଯ୍ୟ ସହଯୋଗ କରିଆସୁଥିଲେ। ବୃନ୍ଦାବନ ପଣ୍ଡାଙ୍କର ୭୪ବର୍ଷ ବୟସରେ ଆଜି ପରଲୋକ ଘଟିଛି । ତାଙ୍କ ମୃତ୍ୟୁରେ ନୟାଗଡ଼ ସହରରେ ଶୋକର ଛାୟା ଖେଳିଯାଇଛି ।

## ଶୁଣିଲାନି ପ୍ରଶାସନ ( ରାସ୍ତା ମରାମତି କଲେ ଅଞ୍ଚଳବାସୀ

**ଲାଞ୍ଜିଗଡ଼,୨୧।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ କୁମଖାଲ ଠାରୁ ସିନ୍ଧିବାହାଲୀ ପର୍ଯ୍ୟନ୍ତ ରହିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମିତ ରାସ୍ତା। ଉକ୍ତ ରାସ୍ତା କୁମଖାଲ ଛକ ଠାରୁ ସିନ୍ଧିବାହାଲୀକୁ ସଂଯୋଗ କରୁଥିବା ବେଳେ ଦୀର୍ଘ ଦିନ ହେଲା ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିଲା। ରାସ୍ତା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଛୋଟ ବଡ଼ ଖାଲ ଖମାରେ ପରିପୂର୍ଣ୍ଣ ହୋଇଥିବାବେଳେ ସ୍ୱଳ୍ପ ବର୍ଷା ହେଲେ ମଧ ଉକ୍ତ ଖାଲ ଖମାରେ ପାଣି ଜମି ରହିଥାଏ ଯାହାଫଳରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଥାଏ। ଏଥିରେ ଅଞ୍ଚଳ ବାସୀଙ୍କ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଅଞ୍ଚଳବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା। ପାଜିଖମନ ପୋଲ ଦୁଇ ପାର୍ଶ୍ୱ ରାସ୍ତା ଓ କୁମଖାଲ ଛକ ଆରମ୍ଭରୁ ସିନ୍ଧିବାହାଲୀ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଖାଲ ଖମା ସୃଷ୍ଟି ହୋଇଥିବାବେଳେ ଅସରାଏ ବର୍ଷାରେ ବେହାଲ ହୋଇ ପଡ଼ୁଛି ତମାମ ରାସ୍ତା। ଅସରାଏ ବର୍ଷା ହେଲେ





ଏହି ରାସ୍ତାରେ ଚାରିଚକିଆଯାନ ବା ଆମ୍ବୁଲାନ୍ସକୁ ଯିବା ତ'ଦୂରର କଥା ବାଇକଟିଏ ମଧ ଯିବା କଷ୍ଟକର ହୋଇପଡୁଛି।

ଗୁରୁତର ରୋଗୀ ବା ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କଲେ ଆମ୍ବୁଲାନ୍ସ କୁମଖାଲ ଛକ ପର୍ଯ୍ୟନ୍ତ ଆସୁଛି କିନ୍ତୁ ଆଗକୁ ଆଉ ଯାଇପାରୁନ'ଥିଲା ଆମ୍ବୁଲାନ୍ସ ଯାହାଫଳରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ପ୍ରଶାସନକୁ ବହୁବାର ଅଭିଯୋଗ କରିଥିବା ବେଳେ ଉକ୍ତ ସମସ୍ୟାକୁ ନେଇ ଅନେକ ଥର ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇଥିଲେ ମଧ ବିଭାଗୀୟ ଅଧିକାରୀ ତଥା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିପରି ଲାଖବାହାଲି ପଞ୍ଚାୟତ ଶୁକ୍ରନାଭାଟା ଗାଁ ଲୋକେ ମଧ ରାସ୍ତା ଓ ପୋଲ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନ' ନେବାରୁ ଗାଁ ଲୋକେ ଶ୍ରମ ଦାନକରି ରାସ୍ତା ଓ ପୋଲ ମରାମତି କରିଥିଲେ।

ତେବେ ସରକାରଙ୍କ ଅନେକ ଯୋଜନା ସତ୍ତ୍ୱେ ମଧ ଗାଁକୁ ପକା ରାସ୍ତା ଖଣ୍ଡେ ପହଞ୍ଚି ନ'ପରିବା ପରିତାପର ବିଷୟ ବୋଲି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। କୁମଖାଲ ଛକରୁ ସିନ୍ଧିବାହାଲୀ ପର୍ଯ୍ୟନ୍ତ ଆମ୍ବୁଲାନ୍ସ କିପରି ପହଞ୍ଚି ପାରିବ ସେନେଇ ଅଞ୍ଚଳବାସୀ ଏକତ୍ରିତ ହୋଇ ନିଜସ୍ୱ ଖର୍ଚ୍ଚରେ ଶୋଚନୀୟ ହୋଇଥିବା ରାସ୍ତାକୁ ମୋରମ ମାଟି ପକାଇ ମରାମତି କରିବାରେ ଲାଗିପଡ଼ିଛନ୍ତି। ଉକ୍ତ ରାସ୍ତା ମରାମତି କରିବାରେ ରାଜୀବ ଗାନ୍ଧୀ ସଂଗଠନର ଲାଞ୍ଜିଗଡ଼ ବ୍ଲକ ଆବାହକ ମୁନୁ ମାଝୀ ନେତୃତ୍ୱ ନେଇଥିବାବେଳେ ସମାଜସେବୀ ବନବାସ ବାଗ, ଗଗନ ବିଭାର, କାଳିଆ ବିଭାର, ଧର୍ମୁ ବାଗ, ବାକୁ ମାଝୀ ସମେତ ଅଞ୍ଚଳ ବାସି ପ୍ରମୁଖ ସହଯୋଗ କରିଥିଲେ। ତେବେ ଉକ୍ତରାସ୍ତା ପାଇଁ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ମାସ ହେଲା ରୋଗୀଙ୍କୁ ମିଳୁନି ଖାଦ୍ୟ




**କଣାସ,୨୧।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ମାସ ହେଲା ରୋଗୀଙ୍କୁ ଖାଦ୍ୟ ଯୋଗାଣ ବନ୍ଦ ହୋଇଥିବାରୁ ରୋଗୀମାନଙ୍କ ମଧରେ ତିବ୍ର ଅସନ୍ତୋଷ ଦେଖାଦେଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଦୈନନ୍ଦିନ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେଥିମଧରୁ ଯେଉଁ ମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ସେମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖଟିଆ ଆଡମିସନ୍ କରାଯାଉଛି। ସେହିମାନଙ୍କୁ ଘଟିଆ ଆଡମିସନ୍ ହେଉଥିବା ରୋଗୀମାନଙ୍କୁ ଖାଦ୍ୟ ଦେବା ପାଇଁ ନିୟମ ଥିବା ବେଳେ ଦୁଇମାସ ହେଲା ଖାଦ୍ୟ ଯୋଗାଣ ବନ୍ଦ ରହିଛି।

ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ କ୍ଷମାନିଧି ସେଠିଙ୍କୁ ପଚାରିବାରୁ ସେ କୁହନ୍ତି ଯିଏ ଖାଦ୍ୟ ଯୋଗାଉଥିଲା ସେ ଦୁଇମାସ ହେଲା ଖାଦ୍ୟ ନ ଯୋଗାଇବାରୁ ଆମେ ପୁନଶ୍ଚ ଟେଣ୍ଡର କରିଛୁ ଖାଦ୍ୟ ଯୋଇବା ପାଇଁ। କିଛି ଦିନ ତଳେ ପୁରୀ ଜିଲ୍ଲାପାଳ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସିଥିବା ବେଳେ ଖାଦ୍ୟ ଯୋଗାଣ ବନ୍ଦ ଥିବା ସମ୍ପର୍କରେ ଅଭିଯୋଗ ହେବାରୁ ଭାରପ୍ରାପ୍ତ ଅଧିକାରୀ ଶ୍ରୀସେଠିଙ୍କୁ ଖାଦ୍ୟ ଡାକ୍ତରଖାନା ତରଫରୁ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ଡାକ୍ତରଖାନା ପକ୍ଷରୁ ଜିଲ୍ଲାପାଳନଙ୍କ ନିର୍ଦ୍ଦେଶକୁ ମାନି ନ ଥିଲେ। ଯାହାଫଳରେ କି ଦୁଇ ମାସ ହେଲା ଖାଦ୍ୟ ଯୋଗାଣ ବନ୍ଦ ରହିଛି।

## ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବୀରେ ବୈଠକ

**ବୈଶିଙ୍ଗା,୨୧।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଆମ୍ବଗଡ଼ିଆ ପଞ୍ଚାୟତର ଦାମୋଦରପୁର ଠାରେ ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଏହାର ନେତୃମଣ୍ଡଳୀଙ୍କୁ ନେଇ ଏକ ବୈଠକ ରବିବାର ମଧାହ୍ନରେ ଆୟୋଜିତ ହୋଇଯାଇଛି। ସିରଜନ ମୁଣ୍ଡାରୀ କଲଚୁରାଲ ଟ୍ରଷ୍ଟ (ସେନଗେ ସୁଗାଲ୍) ତରଫରୁ ଏହାର ସମ୍ପାଦକ ତୁଫାନ୍ ସିଂ ଏବଂ ସଭାପତି ଗୁରା ସିଂଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି।




ଆଦିବାସୀ ମାନଙ୍କ ମଧରେ ଭୂମିଜ ସମ୍ପ୍ରଦାୟର ଜନସାଧାରଣ ଏହି ମୁଣ୍ଡାରୀ ଭାଷାରେ କଥାବାର୍ତ୍ତା କରିଥାଆନ୍ତି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଭୂମିଜ ସମ୍ପ୍ରଦାୟର ନେତା ଓ କର୍ମୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ପେଷା ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା। ମୁଣ୍ଡାରୀ ଭାଷାରେ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତିକରଣ ଓ ନିଶା ନିବାରଣ ଦିଗରେ ଜନସଚେତନତା ସୃଷ୍ଟି ଉପରେ ଆଲୋଚନା କରାଯାଇଥିଲା। ଅଂଲା ସରପଞ୍ଚ ସପନା ସିଂ, ରଘୁପୁର ସରପଞ୍ଚ ବତୀ ସିଂ, ଆମ୍ବଗଡ଼ିଆ ପଞ୍ଚାୟତର ସରପଞ୍ଚ ବାସନ୍ତୀ ସିଂ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବେତନଟୀ ବ୍ଲକ ଆବାହକ ତପନ ସିଂ ଓ ସଦସ୍ୟ କଟୀ ସିଂ, ଜଗନ୍ନାଥ ସିଂ, ସାରଥୀ ସିଂ, ମଗର ସିଂ, ସମବାରୀ ସିଂ, କବିତା ସିଂ ଓ ସୁମିତ୍ରା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜଗନ୍ନାଥ ସିଂ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ମୃତକଙ୍କ ପାଇଁ ବଜାର ବନ୍ଦ



**ବୈଶିଙ୍ଗା,୨୧।୯ (ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟାରେ ବଜ୍ରପାତ ଜନିତ ମୃତ୍ୟୁ ବରଣ କରି ଥିବା ସାମ୍ବାଦିକ ବିମଳେନ୍ଦୁ ମହାପାତ୍ରଙ୍କ ସାନ ଭାଇ ସୁନମ୍ର (ପପୁ)କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ବୈଶିଙ୍ଗା ବଜାରରେ ଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଦୁଇ ଘଣ୍ଟା ପାଇଁ ବନ୍ଦ ରଖାଯାଇଥିଲା ।ବୈଶିଙ୍ଗା ଥାନାରେ ଏ ନେଇ ୪୭ନଂ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ରବିବାର ସକାଳେ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ଥିଲା। ଅପରାହ୍ନ ୧ ଘଟିକା ସମୟରେ ବ୍ୟବଚ୍ଛେଦ ହୋଇ ଫେରିବା ପରେ ନିଜ ଘରୁ ଗ୍ରାମ ଶ୍ମଶାନ କୁ ନିଆ ଯାଇଥିଲା । ଶବାଧାରରେ ଶହ ଶହ ବନ୍ଧୁବାନ୍ଧବଙ୍କ ସହିତ ବଜାର କମିଟିର ବ୍ୟବସାୟୀ, ସାଧାରଣ ଜନତା ସମବେତ ହୋଇ ଶ୍ମଶାନକୁ ଯାଇଥିବାର ଦେଖା ଯାଇଥଲା । ପପୁର ବ୍ୟବହାର ଓ ମିଷ୍ଟଭାଷିତା ପାଇଁ ସେ ସମସ୍ତଙ୍କ ପାଖରେ ଆଦୃତ ହୋଇ ପାରି ଥିଲା । ସେ ଅମର ହୋଇ ରହିଗଲା ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ ।

## ବୈଦ୍ୟ ସଂଘର ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼,୨୧।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ବୈଦ୍ୟ ସଂଘ ପକ୍ଷରୁ ଆଜି ରୋଘୁନାଥପୁର ସ୍କୁଲ ପରିସରରେ କାର୍ଯ୍ୟକାରୀ ସଭାପତି ସୋରଜ କୁମାର ମାଝୀଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଲାଞ୍ଜିଗଡ ବ୍ଲକର କୋଣ ଅନୁକୋଣରୁ ୫୦ରୁ ଉର୍ଦ୍ଧ ବୈଦ୍ୟ ଯୋଗଦେଇଥିଲେ। ସର୍ବ ପ୍ରଥମେ ସଂଘ ପକ୍ଷରୁ କଳାହାଣ୍ଡି ଇଷ୍ଟ ଦେବି ମାଁ ମାଣିକେଶ୍ୱରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିବା ପରେ ନୂତନ ସଂଘ ଗଠନ ପାଇଁ ଆଲୋଚନା କରିଥିବା ସହିତ ସଂଘର ନାମକରଣ କରାଯାଇଥିଲା ହେଲେ ଅନେକ ବୈଦ୍ୟ ଅନୁପସ୍ଥିତି ଯୋଗୁଁ ପାଦପଦବୀ ନ ବାଛି ପରବର୍ତ୍ତୀ ବୈଠକରେ ପାଦପଦବୀ ବଛାଯିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ଉକ୍ତ ବୈଠକକୁ ତୁଳସୀ ରାମ ପ୍ରଧାନୀ ପରିଚାଳନା କରିଥିବା ବେଳେ ନିମାଇଁ ଚରଣ ବିସି, ତ୍ରିନାଥ ବନ୍ଦପାରିଆ,ଚନ୍ଦ୍ର ଦଳପତିଙ୍କ ସମେତ ସଂଘର ସମସ୍ତ ସଦ୍ୟସ ସହଯୋଗ କରିଥିଲେ।

## ଆଜିଠୁ କାର୍ଯ୍ୟବନ୍ଦ ସହ ଧାରଣାରେ ବସିବେ ଜିପିଏଲଏଫ କର୍ମଚାରୀ



**ଜୟପୁର,୨୧।୯ (ସଂଚାର ବ୍ୟୁରୋ):** ଆଜିଠୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବ ପରି ସ୍ଥାୟୀ ଦରମା ଲାଗୁ କରିବା ପାଇଁ ଧାରଣରେ ବସିବେ ଅଲ ଓଡିଶା ଗ୍ରାମ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ସଙ୍ଗଠନର ସମସ୍ତ ଗୋଷ୍ଠୀ ସହାୟକ କର୍ମଚାରୀ। ପୂର୍ବରୁ ସମସ୍ତ କର୍ମଚାରୀ ମାସିକ ସ୍ଥାୟୀ ଦରମା ପାଉଥିଲେ କିନ୍ତୁ ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ସରକାର ସ୍ଥାୟୀ ଦରମା ବଦଳରେ ପ୍ରୋତ୍ସାହନ ଭିତ୍ତିକ ଦରମା ଲାଗୁ କରିଛନ୍ତି, ଏହା ସହ ସିଆରପିଙ୍କ ସ୍ଥାୟୀୟତ୍ୱ ନେଇ ରାଜ୍ୟ ଅଲ ଓଡିଶା ଗ୍ରାମ ପଂଚାୟତ ସ୍ତରୀୟ କାର୍ଯ୍ୟକର୍ତା ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳ, ବିଭଗୀୟ ମନ୍ତ୍ରୀ ଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସଫଳ ମିଳି ନଥିବାରୁ ଆଜି ରାଜ୍ୟ ସଙ୍ଘର ଆହ୍ୱାନରେ ଓଡିଶାର ୩୧୪ଟି ବ୍ଲକ ସମ୍ମୁଖରେ କାର୍ଯ୍ୟ ବନ୍ଦ ସହ ଧାରଣା ବସିବେ କାର୍ଯ୍ୟକର୍ତ୍ତା। ଏନେଇ ବୈପାରୀଗୁଡା ବ୍ଲକ ସ୍ତରୀୟ ସଙ୍ଘର ସଭାପତି ମାଧୁରୀ ଗୌଡ଼ ବିଡିଓ ଓ ତହସିଲଦାରଙ୍କୁ ଲିଖିତ ଭାବେ ଅବଗତ କରିବା ସହ ଆଜି ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି।

## ସ୍ତ୍ରୀ ହତ୍ୟାକାରୀ ନିଶାଗ୍ରସ୍ତ ସ୍ୱାମୀ ଗିରଫ



**ବେତନଟୀ,୨୧।୯ (ସଂଚାର ବ୍ୟୁରୋ):** ଏପରି ଏକ କରୁଣ ଓ ସମ୍ବେଦନଶୀଳ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ପୁରିନ୍ଦା ପଞ୍ଚାୟତ ଅଧୀନ ସଂସା ଗାଁରେ ଏକ ଲୁହାଛଡ଼ ସହାୟତାରେ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ନିଜ ସ୍ତ୍ରୀକୁ ହତ୍ୟାକଲା ନିଶାଗ୍ରସ୍ତ ସ୍ୱାମୀ। ମୃତା ମହିଳା ଜଣକ ହେଉଛନ୍ତି ଗଣେଶ ମହାନ୍ତଙ୍କ ସ୍ତ୍ରୀ ସତ୍ୟବତୀ ମହାନ୍ତ। ମୃତା ମହିଳାଙ୍କ ବାପା ଅରୁଣ ମହାନ୍ତଙ୍କ ଅଭିଯୋଗ ମୁତାବକ ଜ୍ୱାଇଁ ଗଣେଶର ଘର ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ଉପକଣ୍ଠ ବିଜିପୁର ଗ୍ରାମରେ। ସତ୍ୟବତୀଙ୍କୁ ବିବାହ କରି ଗଣେଶ ଦୀର୍ଘ ୨୫ବର୍ଷ ହେବ ଘରଜ୍ୱାଇଁ ଭାବେ ସଂସା ଗାଁରେ ରହିଆସୁଥିଲା ଆଜି ଅପରାହ୍ନରେ ସତ୍ୟବତୀ ଜଙ୍ଗଲରୁ ପତ୍ର ଏବଂ ଶୁଖିଲା ଜାଳେଣିକାଠ ସଂଗ୍ରହକରି ଘରକୁ ଫେରି ଥକ୍କାରେ ଘର ବାହାରେ ଥିବା ଖଟରେ ଶୋଇପଡି ବିଶ୍ରାମ ନେଉଥିଲେ। ସେହି ସମୟରେ ମଦ୍ୟପ ସ୍ୱାମୀ ପ୍ରଚୁର ମଦ୍ୟପାନ କରି ଏକ ଲୁହାଛଡ଼ ଧରି ଆସି ଶୋଇଥିବା ସତ୍ୟବତୀଙ୍କ ମୁଣ୍ଡକୁ ବାରମ୍ବାର ପିଟିପିଟି ଚାଲିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସତ୍ୟବତୀଙ୍କର ମୃତ୍ୟୁ ଘଟିଥିଲା ସ୍ତ୍ରୀକୁ ହତ୍ୟାପରେ ଜଙ୍ଗଲକୁ ଦୌଡୁଥିବା ଗଣେଶକୁ କାବୁକରି ଶ୍ୱଶୁର ଅରୁଣ ଏବଂ ଗ୍ରାମବାସୀମାନେ ସିମେଣ୍ଟଖୁଣ୍ଟରେ ବାନ୍ଧିରଖି ପୁଲିସକୁ ଖବର ଦେଇଥିଲେ। ବେତନଟୀ ପୁଲିସ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀକୁ ଗିରଫ କରି ୩୩୧/୨୫ ଏକ ହତ୍ୟା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ସାଇଣ୍ଟିଫିକ ଟିମ ଆସିଲେ ତଦନ୍ତକୁ ବ୍ୟାପକ କରାଯିବ ଓ ଆଜି ରାତି ହୋଇଯାଇଥିବାରୁ ଆସନ୍ତା କଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁଇ ଅଭିଯୁକ୍ତ ଗିରଫ

**କଣାସ,୨୧।୯ (ସଂଚାର ବ୍ୟୁରୋ):** କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ ଅଭିଯୋଗ ପାଇବା ପରେ ଦୁଇଟି ମକଦମା ରୁଜ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲଣ କରିଥିବା ଜଣାପଡ଼ିଛି। ସିରେଇ ଗ୍ରାମର ବିଷ୍ଣୁ ପ୍ରସାଦ ପ୍ରଧାନ ମର୍ଚ୍ଚିୟାଣ୍ଟ ନାଭିରେ ଚାକିରୀ କରାଇଦେବା ପାଇଁ ଦୋକନ୍ଦା ଗ୍ରାମର ଜ୍ଞାନରଞ୍ଜନ ସତ୍ପଶଲ୍ୟଙ୍କୁ ୧ଲକ୍ଷ ୪ହଜାର ଟଙ୍କା ଦେଇଥିଲେ। ଚାକିରୀ ନ ହେବାରୁ ବିଷ୍ଣୁ ପ୍ରସାଦ ଜ୍ଞାନରଞ୍ଜନଙ୍କୁ ବାରମ୍ବାର ଟଙ୍କା ଫେରାଇ ଦେବା ପାଇଁ କହିଥିଲେ। ଜ୍ଞାନରଞ୍ଜନ ଟଙ୍କା ନ ଫେରାଇବାରୁ ବିଷ୍ଣୁପ୍ରସାଦ କଣାସ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ କଣାସ ଥାନା ଅଧିକାରୀ କେସ୍ ନଂ-୨୧୬/୨୫ରେ ମକଦମା କରି ତଦନ୍ତ କରିବା ପରେ ଅଭିଯୁକ୍ତ ଜ୍ଞାନରଞ୍ଜନଙ୍କୁ ଗିରଫ କରି ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ କୋର୍ଟ ଚାଲଣ କରିଥିବା ସୂଚନା ଦେଇଛନ୍ତି। ସେହିପରି କଣାସ ଥାନା ଅର୍ନ୍ତଗତ ଝାରକଟା ଗ୍ରାମର ଶ୍ରୀମନ୍ତ ପାତ୍ର ମନ୍ଦାରବସ୍ତ ଗ୍ରାମର ଦିଜବର ପ୍ରଧାନଙ୍କୁ ପୂର୍ବସତୃତାକୁ ନେଇ ଗତ ୧୨ତାରିଖ ରାତିରେ ଅଭିଯୁକ୍ତ ଶ୍ରୀମନ୍ତ ପାତ୍ର ପଥରରେ ଆକ୍ରମଣ କରିବାରୁ ଦିଜବର ପ୍ରଧାନ ଗୁରୁତର ଭାବେ ଆହାତ ହୋଇଥିଲେ। ଏ ନେଇ କଣାସ ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକ କଣାସ ଥାନା କେସ୍ ନଂ-୨୧୨/୨୫ରେ ମକଦମା ରୁଜ୍ କରି ତଦନ୍ତ ଚଳାଇ ଅଭିଯୁକ୍ତ ଶ୍ରୀମନ୍ତଙ୍କୁ ଭୁବନେଶ୍ୱରର ଏକ ହୋଟେଲ୍‌ରୁ ଗିରଫ କରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି।

### ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରୋଷେଇ ନ ହୋଇ ପୋର୍ଟାଲରେ ତଥ୍ୟ ପ୍ରଦାନ ପ୍ରସଙ୍ଗ

# ୨୨ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନାଉଗାଁ,୨୧।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତର ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନଭୋଜନ ରୋଷେଇ ନ ହୋଇ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ତଥ୍ୟ ପ୍ରଦାନ କରିବାକୁ ନେଇ ୨୨ଦିନ ବିତିଯାଇଛି। ଏନେଇ ବିଭାଗ କେବଳ କାରଣ ଦର୍ଶାଅ ନୋଟିସ ପ୍ରଦାନ କରି ନୀରବ ରହିଛି। ଏହି ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ତଥା ସେପ୍ଟେମ୍ବର ୧୯ ତାରିଖ ୧ଟା ୩୫ ସୁଦ୍ଧା ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ମଧାହ୍ନ ଭୋଜନର ତଥ୍ୟ ପ୍ରଦାନ କରାଯାଇ ନଥିବା ବେଳେ ଶନିବାର ତଥା ସେପ୍ଟେମ୍ବର ୨୦ ତାରିଖ ୧୦ ଟା ସୁଦ୍ଧା ମଧ ଏହି ତଥ୍ୟ ପ୍ରଦାନ କରାଯାଇ ନଥିବା ଜଣାଯାଇଛି। ଛାତ୍ରଛାତ୍ରୀଙ୍କ ପ୍ରକୃତ ଉପସ୍ଥାନ ଜଣାପଡ଼ିବା ଭୟରେ ମଧାହ୍ନ ଭୋଜନର ତଥ୍ୟ ବିଳମ୍ବରେ ପ୍ରଦାନ କରାଯାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ବିଦ୍ୟାଳୟର ମଧାହ୍ନଭୋଜନ ତଥ୍ୟ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ୧୧ଟା ୩୦ ମଧରେ ଓ ଶନିବାର ୯ଟା ୩୦ମଧରେ ପ୍ରଦାନ କରାଯିବାର ନିୟମ ରହିଛି। ମଧାହ୍ନଭୋଜନର ତଦାରଖ ଦାୟିତ୍ୱରେ କ୍ଲଷ୍ଟରସ୍ତରରେ ସିଆରସିସି ରହିଥିବା ବେଳେ ବ୍ଲକସ୍ତରରେ ବ୍ଲକ ଶିକ୍ଷାଧିକାରୀ ରହିଛନ୍ତି। ହେଲେ ମଧାହ୍ନଭୋଜନର ତଥ୍ୟ ଠିକ୍ ଭାବେ ତଦାରଖ କରାଯାଉ ନଥିବାରୁ ବିଦ୍ୟାଳୟରେ ଏହି ଦାୟିତ୍ୱରେ ରହିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମନଇଛା ତଥ୍ୟ ପ୍ରଦାନ କରୁଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରୁ ଜଣାପଡ଼ିଛି। ସୂଚନା ମୁତବାକ, ନାଉଗାଁ ବ୍ଲକରେ ୭୭ବିଦ୍ୟାଳୟ ରହିଥିବା ବେଳେ ଏଥିରେ ୪୫୭୭ଜଣ ଛାତ୍ରଛାତ୍ରୀ ନାମ ପଂଜୀକରଣ କରିଛନ୍ତି। ଶୁକ୍ରବାର ଦିନ ୧ଟା ୩୫ ସୁଦ୍ଧା ମଧାହ୍ନଭୋଜନ ପୋର୍ଟାଲ ତଥ୍ୟ ଅନୁସାରେ ୪୬ଟି ବିଦ୍ୟାଳୟରୁ ୧୯୮୨ଜଣଙ୍କ ନାମ ମଧାହ୍ନଭୋଜନ ଖାଇବା ପାଇଁ ରିପୋର୍ଟ କରାଯାଇଥିବା ବେଳେ ୩୧ଟି ବିଦ୍ୟାଳୟର ୨୫୯୫ଜଣ ଛାତ୍ରଛାତ୍ରୀଙ୍କର ରିପୋର୍ଟ କରାଯାଇ ନଥିଲା। ସେହିପରି ଶନିବାର ଦିନ ୧୦ଟା ସୁଦ୍ଧା ମଧାହ୍ନଭୋଜନ ପୋର୍ଟାଲ ତଥ୍ୟ ଅନୁସାରେ ୨୪ଟି ବିଦ୍ୟାଳୟରୁ ୯୫୨ଜଣଙ୍କ ନାମ ମଧାହ୍ନଭୋଜନ ଖାଇବା ପାଇଁ ରିପୋର୍ଟ କରାଯାଇଥିବା ବେଳେ ୫୩ଟି ବିଦ୍ୟାଳୟର ୩୬୨୫ ଜଣ ଛାତ୍ରଛାତ୍ରୀଙ୍କର ରିପୋର୍ଟ କରାଯାଇ ନଥିଲା।

### ଧରାପଡ଼ିଯିବା ଭୟରେ ଦେଉନାହାନ୍ତି ତଥ୍ୟ

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଦିନ ୧ଟା ୩୫ ଓ ଶନିବାର ୯ଟା ୩୦ ସୁଦ୍ଧା ମଧାହ୍ନଭୋଜନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କ ଦ୍ୱାରା ରିପୋର୍ଟ ପ୍ରଦାନ କରାଯାଇ ନଥିବା ପୋର୍ଟାଲରୁ ଜଣାଯାଇଛି। କେବଳ ନଳାଙ୍ଗ ବିଦ୍ୟାଳୟ ତଥ୍ୟ ଦେବାରେ ବିଳମ୍ବ କରୁଛନ୍ତି ତାହା ନୁହେଁ ବହୁ ବିଦ୍ୟାଳୟ ମଧାହ୍ନ ଭୋଜନ ହଡପ କରିବା ଉଦ୍ଦେଶ୍ୟରେ ଧାର୍ଯ୍ୟ ସମୟ ମଧରେ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ରିପୋର୍ଟ ପ୍ରଦାନ କରୁ ନଥିବା ଅଭିଯୋଗ ହେଉଛି। ଏହି ଦୁଇ ଦିନର ତଥ୍ୟକୁ ତଦନ୍ତ କରାଯାଇ ଆବଶ୍ୟକ ପଦେକ୍ଷପ ଗ୍ରହଣ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ଜଣ ପିଲା ପାଠ ପଢୁଛନ୍ତି। ଅଗଷ୍ଟ ୩୦ ଶନିବାର ୧୧ଟା ହୋଇଥିଲେ ମଧ ବିଦ୍ୟାଳୟରେ ମାତ୍ର ୩ ଜଣ ପିଲା ଉପସ୍ଥିତ ଥିଲେ। ମାତ୍ର ପୋଷଣ ପୋର୍ଟାଲରେ ୩୨ପିଲାଙ୍କ ପାଇଁ ମଧାହ୍ନ ଭୋଜନ ପ୍ରସ୍ତୁତ କରାଯାଇଥିବା ତଥ୍ୟ ପ୍ରଦାନ କରାଯାଇଥିଲା। ସେହିପରି ପିଲା ଶ୍ରେଣୀ ଗୃହରେ ବସିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ଚୌକି ଉପରେ ବସି ଶୋଇ ରହିଥିବାର ଦେଖିବାକୁ ମିଳିଥିଲା। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଉମେଶ ରାଉତଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ।

SANCHAR
ସଂଚାର
ସୋମବାର ୨୨ ସେପ୍ଟେମ୍ବର ୨୦୨୫
ସ୍ୱାସ୍ଥ୍ୟ




# ରକ୍ତଚାପ ସହ ଚିନ୍ତା ଦୂର କରେ ବ୍ରାହ୍ମୀ

ଆଜି ବି ମନେ ଅଛି ସେ ଦିନ ଯେତେବେଳେ ସକାଳୁ ଉଠୁ ଉଠୁ ଜେଜେମା ସ୍ନେହ ଭରା କଣ୍ଠରେ ମୋତେ ଡାକନ୍ତି ଆଉ କୁହନ୍ତି, "ନାତି, ନେ, ବ୍ରାହ୍ମୀ ଆଉ ମହୁ ମିଶାଇ ଟିକେ ଖାଇଦେ ।" ମୁହଁରେ ମିଠା ହସ ରଖି ସେ କହନ୍ତି, "ଏହା ପିତା ହୋଇପାରେ ସତ, କିନ୍ତୁ ତୋର ସ୍ୱାସ୍ଥ୍ୟ ପାଇଁ ଭଲ।" ଏହି ଦୈନିକ ପ୍ରଥା, ଯାହା ପିଢ଼ି ପିଢ଼ି ଧରି ଚାଲିଆସୁଛି, ତାହା ଦର୍ଶାଉଛି ଯେ, କିପରି ବ୍ରାହ୍ମୀ ଭାରତର ସଂସ୍କୃତି ସହ ଏବଂ ବିଶେଷତଃ ଓଡ଼ିଶା ସହ ଗଭୀର ଭାବରେ ଜଡ଼ିତ। ଏହାର ଔଷଧୀୟ ଗୁଣଗୁଡ଼ିକ ପାରିବାରିକ ଜୀବନର ଏବେ ବି ମୂଲ୍ୟବାନ ଅଂଶ ହୋଇ ରହିଛି। ବ୍ରାହ୍ମୀ ଦେଖିବାକୁ ଏକ ଛୋଟ ଉଦ୍ଭିଦ ହେଲେ ମଧ୍ୟ ଓଡ଼ିଶାର ପରିବେଶ ବ୍ୟବସ୍ଥାପନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସାରା ଭାରତରେ ଦେଖିବାକୁ ମିଳେ। ଆର୍ଦ୍ରଭୂମି ଏବଂ ପଙ୍କୁଆ ଅଞ୍ଚଳରେ ଏହା ବଢ଼ିଥାଏ। ଏହା ନଦୀକୂଳକୁ ଦୃଢ଼ କରେ, ମାଟି କ୍ଷୟ ରୋକେ ଓ ପୋଷକ ତତ୍ତ୍ୱ ଚକ୍ରରେ ମଧ୍ୟ ସହାୟକ ହୁଏ, ଯାହା ଅନ୍ୟାନ୍ୟ ପ୍ରଜାପତି ଓ ଜଳଜୀବମାନଙ୍କର ବିକାଶରେ ସାହାଯ୍ୟ କରେ। ବ୍ରାହ୍ମୀର ସୂକ୍ଷ୍ମ ଧଳା କିମ୍ବା ଫିକା ବାଇଗଣୀ ଫୁଲ ଭାସ୍କର୍ଯ୍ୟର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ ଏବଂ ମହୁମାଛି ଓ ପ୍ରଜାପତିମାନଙ୍କୁ ଆକର୍ଷିତ କରେ, ଯାହା ଜୈବବିବିଧତା ଯେପରିକି ଉଦ୍ଭିଦ ବିକାଶ ପ୍ରକ୍ରିୟାକୁ ସହାୟ ହୁଏ।

**ସ୍ମୃତି ଶକ୍ତି ବଢ଼ାଏ:** ବ୍ରାହ୍ମୀ ଆୟୁର୍ବେଦରେ ସ୍ମୃତି ଏବଂ ବୁଦ୍ଧି ଶକ୍ତି ବୃଦ୍ଧି ପାଇଁ ଜଣାଶୁଣା। ମୂଷା ଉପରେ କରାଯାଇଥିବା ଏକ ଅଧ୍ୟୟନରେ ଦେଖାଯାଇଛି ଯେ, ସେମାନଙ୍କୁ ବ୍ରାହ୍ମୀ ଦେବା ଫଳରେ ସେମାନଙ୍କର ଶିଖିବାର ଦକ୍ଷତା ଏବଂ ତଥ୍ୟ ସଂଗ୍ରହ କରିବାର କ୍ଷମତାରେ ସୁଧାର ହୋଇଛି।

**ଅନୁକୂଳ ଅଭିବୃଦ୍ଧି:** ବ୍ରାହ୍ମୀ ଜଳାଶୟ ଏବଂ ଶୁଷ୍କ ସ୍ଥାନରେ ମଧ୍ୟ ଭଲ ଭାବରେ ବଢ଼ିଥାଏ। ବ୍ରାହ୍ମୀ ମିଠା ଜଳାଶୟର କୂଳରେ ବଢେ ଏବଂ ଏଠାକାର ଜୈବ ବିବିଧତାକୁ ବଢାଇଥାଏ ।

**ଚିନ୍ତା ଓ ଦୁଃଖ ହରଣ:** ମନରୁ ଚିନ୍ତା ଓ ଦୁଃଖ ଦୂର କରିଥାଏ ବ୍ରାହ୍ମୀ। ଏହା କର୍ଟିସୋଲ( ଏକ ହରମୋନ୍ ଯାହା ଚାପ ସ୍ତର ବୃଦ୍ଧି କରେ)କୁ ହ୍ରାସ କରି ମନୋବଳକୁ ସୁଦୃଢ଼ କରେ ଏବଂ ମଣିଷର ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରେ।

**ଔଷଧିୟ ଇତିହାସ:** ଯଦି ଆମେ ବ୍ରାହ୍ମୀର ଔଷଧିୟ ଇତିହାସ ଦେଖିବା ତେବେ ତିନି ହଜାର ବର୍ଷ ଧରି ଏହାକୁ ପାରମ୍ପରିକ ଚିକିତ୍ସାରେ ବ୍ୟବହାର କରାଯାଉଛି।

**ଅନନ୍ୟ ଗୁଣ:** ବ୍ରାହ୍ମୀର ଅନନ୍ୟ ପ୍ରତିରୋଧକ ଗୁଣ ଶରୀରରେ ଥିବା ମୁକ୍ତ ରେଡିକଲ୍ସ ଅଣୁଗୁଡ଼ିକୁ ନିଷ୍କ୍ରିୟ କରି ଶରୀରକୁ ସୁରକ୍ଷା କରେ।
ପ୍ରତିରୋଧକ ଶକ୍ତି ବଢାଏ: ବ୍ରାହ୍ମୀ ଆଣ୍ଟିବଡି ଉତ୍ପାଦନ ବଢ଼ାଇଥାଏ, ଯାହାର ଫଳରେ ପ୍ରତିରୋଧକ ଶକ୍ତିରେ ବୃଦ୍ଧି ହୁଏ।

**ପ୍ରଦାହ ହ୍ରାସ କରେ:** ଦେହରେ ଆଘାତ ଲାଗି ଫୁଲିଯାଇଥିଲେ ବ୍ରାହ୍ମୀ ତାହାର ପ୍ରଦାହ କମାଏ।
ରକ୍ତଚାପ ନିୟନ୍ତ୍ରଣ କରେ: ଗବେଷଣାରୁ ଜଣାପଡ଼ିଛି ଯେ, ବ୍ରାହ୍ମୀ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

**ଏଡିଏଚ୍‌ଡି ଲକ୍ଷଣ ନିୟନ୍ତ୍ରଣ କରେ:** ବ୍ରାହ୍ମୀ ସ୍ନାୟୁ ବିକାଶ ରୋଗ ଏଡିଏଚ୍‌ଡିକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ।

**ଖାଦ୍ୟଯୋଗ୍ୟ ଉଦ୍ଭିଦ:** ବ୍ରାହ୍ମୀର ପତ୍ର ଖାଦ୍ୟ ଯୋଗ୍ୟ ଅଟେ। ଏହାକୁ ସାଲାଡ ଏବଂ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ତେବେ ବ୍ରାହ୍ମୀ କେବଳ ପାରମ୍ପରିକ ଔଷଧ ଭାବରେ ନୁହେଁ ବରଂ ପ୍ରାକୃତିକ ସମନ୍ୱୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ସ୍ୱାସ୍ଥ୍ୟ ପ୍ରତି ଥିବା ଏହାର ସୁଗୁଣଗୁଡ଼ିକ ବ୍ୟତୀତ ପ୍ରାକୃତିକ ପରିବେଶ ଓ ଜୈବ ବିବିଧତାକୁ ସୁରକ୍ଷିତ କରିବାରେ ଏହାର ଭୂମିକା ଏହାକୁ ଅଧିକ ମୂଲ୍ୟବାନ କରିଥାଏ। ଆମର ସ୍ୱାସ୍ଥ୍ୟ ଏବଂ ପରିବେଶ ଉଭୟ ପାଇଁ ବ୍ରାହ୍ମୀ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହାର ସଂରକ୍ଷଣ ଏବଂ ଏହାର ଚାଷ କରିବା ପାଇଁ ଆମେ ପ୍ରଚେଷ୍ଟା କରିବା ଉଚିତ। ଆସନ୍ତୁ ବ୍ରାହ୍ମୀଙ୍କୁ ସୁରକ୍ଷା ଦେବା ଦିଗରେ କାର୍ଯ୍ୟ କରିବା ଓ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏହାକୁ ବଞ୍ଚାଇରଖିବା। ସମସ୍ତଙ୍କୁ ମନେ ପକାଇଦେବା ଯେ ଆମର ସୁସ୍ଥତା ଏବଂ ସ୍ଥାୟୀ ପରିବେଶ ପାଇଁ ଆମର ପ୍ରାକୃତିକ ସମ୍ପଦ ସଂରକ୍ଷଣ ଜରୁରୀ।



# ପାଟି ଘା'ର ଘରୋଇ ଉପଚାର

ପାଟି ଘା' ଏକ ସାଧାରଣ ସମସ୍ୟା, ଏବଂ ଅଧିକାଂଶ ଲୋକ କୌଣସି ସମୟରେ ଏହା ଅନୁଭବ କରନ୍ତି। ଏହି ଛୋଟ ଘା' ପ୍ରାୟତଃ ଓଠ, ଜିଭ, ଗାଲ କିମ୍ବା ପାଟିର ଭିତର ଭାଗରେ ଦେଖାଯାଏ। ଏହି ଘା' ଖାଇବା ଏବଂ ପିଇବାରେ ବହୁତ ଅସୁବିଧା ସୃଷ୍ଟି କରିପାରେ। ଅତ୍ୟଧିକ ଚାପ, ଭିଟାମିନ ବି୧୨, ଆଇରନ, କିମ୍ବା ଫୋଲିକ ଏସିଡ ଅଭାବ, ମସଲାଯୁକ୍ତ କିମ୍ବା ଖଟାଳ ଖାଦ୍ୟ କିମ୍ବା ଆଲର୍ଜି ପାଟି ଘା' ସୃଷ୍ଟି କରିପାରେ। କେତେକ ସମୟରେ, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଯୋଗୁ ମଧ୍ୟ ଏହି ଘା' ହୋଇପାରେ। ଏହି ସମସ୍ୟାରୁ ମୁକ୍ତି ପାଇଁ କିଛି ଘରୋଇ ଉପଚାର ବହୁତ ପ୍ରଭାବଶାଳୀ।

ନଡ଼ିଆ ତେଲ ପାଟି ଘା ପାଇଁ ଏକ ବହୁତ ପ୍ରଭାବଶାଳୀ ଘରୋଇ ଉପଚାର। ଏହାର ଆଣ୍ଟିସେପ୍ଟିକ ଏବଂ ଆଣ୍ଟି-ଇନ୍ଫ୍ଲେମାଟରି ଗୁଣ ସଂକ୍ରମଣକୁ ରୋକିବା ଏବଂ ଫୁଲା କମ କରିବାରେ ସାହାଯ୍ୟ କରେ। ନଡ଼ିଆ ତେଲ ସହିତ ଘା'କୁ ଧୀରେ ଧୀରେ ମାଲିସ କରିବା କିମ୍ବା କିଛି ସମୟ ପାଇଁ ପାଟିରେ ରଖିବା ଦ୍ୱାରା ଯନ୍ତ୍ରଣା ଦୂର ହୋଇପାରିବ ଏବଂ ଶୀଘ୍ର ଆରୋଗ୍ୟ ହୋଇପାରିବ। ଏହି ଉପଚାର କେବଳ ଯନ୍ତ୍ରଣା କମ କରେ ନାହିଁ ବରଂ ପାଟିର ଭିତର ଅଂଶକୁ ମଧ୍ୟ ସଫା କରେ।

ହଳଦୀ ଏବଂ ଗୁଡର ପେଷ୍ଟ ମଧ୍ୟ ପାଟି ଘା' ପାଇଁ ବହୁତ ପ୍ରଭାବଶାଳୀ। ହଳଦୀର ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ସୁସ୍ଥ ହେବାରେ ସାହାଯ୍ୟ କରେ, ଯେତେବେଳେ ଗୁଡ଼ର ମଧ୍ୟ ପ୍ରଦାହ-ବିରୋଧୀ ପ୍ରଭାବ ଥାଏ। ହଳଦୀ ପାଉଡରକୁ ଗୁଡ଼ ସହିତ ମିଶାଇ ପେଷ୍ଟ ତିଆରି କରନ୍ତୁ ଏବଂ ଏହାକୁ ସିଧାସଳଖ ଘା' ଉପରେ ଲଗାନ୍ତୁ। ନିୟମିତ ବ୍ୟବହାର ଘା' ଶୀଘ୍ର ସୁସ୍ଥ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣା କମ କରେ। ଏହି ପଦ୍ଧତି ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ।

ଆଲୋଭେରା ଜେଲ ଏକ ଶୀତଳକାରୀ ପଦାର୍ଥ ଯାହା ପାଟି ଘା'ରୁ ତୁରନ୍ତ ଆରାମ ପ୍ରଦାନ କରେ। ଆଲୋଭେରା ପତ୍ରରୁ ସତେଜ ଜେଲ ସିଧାସଳଖ ଘା'ରେ ଲଗାଇବା ଦ୍ୱାରା ଫୁଲା ଏବଂ ଜ୍ୱଳନ ହ୍ରାସ ପାଏ। ବାଣିଜ୍ୟିକ ଭାବରେ ଉପଲବ୍ଧ ଘା' ମଧ୍ୟ ଉପଯୋଗୀ, କିନ୍ତୁ ସତେଜ ଜେଲ ଅଧିକ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଏହି ଉପଚାର ଯେଉଁମାନେ ବାରମ୍ବାର ପାଟି ଘା' ଅନୁଭବ କରନ୍ତି ସେମାନଙ୍କ ପାଇଁ ଲାଭଦାୟକ।

ପାହାଡି ଲୁଣ ବା ରକ୍ ସଲ୍ଟ ଏହି ଘା' ପାଇଁ ମଧ୍ୟ ଏକ ପ୍ରଭାବଶାଳୀ ଘରୋଇ ଉପଚାର। ଅଳ୍ପ ଗାଢ଼ ଲୁଣ ସହିତ ପାଣି ମିଶାଇ କୁଳି କରିବା ଦ୍ୱାରା ପାଟି ସଫା ହୁଏ ଏବଂ ଘା' ଚାରିପାଖରେ ସଂକ୍ରମଣ ଦୂର କରିବାରେ ସାହାଯ୍ୟ କରେ। ଦିନକୁ ଅତି କମରେ ଦୁଇଥର କୁଳି କରିବା ଦ୍ୱାରା ଘା'ର ଜ୍ୱଳନ କମିଯାଏ ଏବଂ ଯନ୍ତ୍ରଣାରୁ ମୁକ୍ତି ମିଳେ। ଏହି ପଦ୍ଧତି ବହୁତ ସରଳ ଏବଂ ପ୍ରତ୍ୟେକ ଘରେ ସହଜରେ ଉପଲବ୍ଧ ଉପାଦାନ ସହିତ କରାଯାଇପାରିବ।

ମହୁରେ ପ୍ରାକୃତିକ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଅଛି, ଯାହା ଘା'ର ଚିକିତ୍ସାରେ ସହାୟକ ପ୍ରମାଣିତ ହୁଏ। ଘା'ରେ ସିଧା ମହୁ ଲଗାଇବା କିମ୍ବା ମହୁ ଏବଂ ଡାଲଚିନିର ମିଶ୍ରଣ ଖାଇବା ଦ୍ୱାରା ଘା'ର ଯନ୍ତ୍ରଣା କମ ହୁଏ ଏବଂ ଶୀଘ୍ର ଆରୋଗ୍ୟ ହୁଏ। ମହୁ କେବଳ ଯନ୍ତ୍ରଣାରୁ ମୁକ୍ତି ଦିଏ ନାହିଁ ବରଂ ମୁଖ ଟିସୁକୁ ମଧ୍ୟ ପୋଷଣ ଦିଏ, ଯାହା ସୁସ୍ଥତାକୁ ସହଜ କରେ। ଏହି ଉପଚାର ପିଲା ଏବଂ ବୟସ୍କ ଉଭୟଙ୍କ ପାଇଁ ସୁରକ୍ଷିତ।





# ଭିଟାମିନ୍ ବି୧୨ର ଅଭାବରେ ଗ୍ରାସ କରିପାରେ ଅନେକ ରୋଗ



ଆମ ଶରୀରକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କିଛି ଭିଟାମିନ୍ ନିତାନ୍ତ ଆବଶ୍ୟକ। ସେଥିମଧ୍ୟରୁ ଭିଟାମିନ୍ ବି୧୨ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅତ୍ୟାବଶ୍ୟକ ଭିଟାମିନର ଅଭାବ ଅନେକ ଶାରୀରିକ ସମସ୍ୟାର କାରଣ ବନିପାରେ।
ଭିଟାମିନ୍ ବି୧୨ର ଅଭାବ କେବଳ ମାନସିକ ସମସ୍ୟା ନୁହେଁ ବରଂ ପେଟ ସମସ୍ୟା ମଧ୍ୟ ସୃଷ୍ଟି କରେ। ଆଜିକାଲି, ଆମର ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ହେତୁ ଭିଟାମିନ୍ ବି୧୨ର ଅଭାବ ଦେଖାଦିଏ। ଏହା ଶରୀରରେ ସମସ୍ୟା ସୃଷ୍ଟି କଲେ, ଆମେ ଔଷଧ ଏବଂ ସପ୍ଲିମେଣ୍ଟ୍ ଖାଇବା ଆରମ୍ଭ କରିଥାଉ। ଭିଟାମିନ୍ ବି୧୨ ଅଭାବର ଲକ୍ଷଣଗୁଡ଼ିକ ବିଷୟରେ ସଚେତନ ରହିବା ଏବଂ ଲକ୍ଷଣଗୁଡ଼ିକ ଅତିରିକ୍ତ ହେବା ପୂର୍ବରୁ ଶରୀରରେ ବି୧୨ ସ୍ତର ପରୀକ୍ଷା କରି ସତର୍କ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ବାରମ୍ବାର ପେଟ ପୋଡ଼ା, ଗ୍ୟାସ୍, ବଦହଜମୀ କିମ୍ବା ଥକ୍କା ଅନୁଭବ କରନ୍ତି, ତେବେ ଏହା ବି୧୨ ଅଭାବ ଯୋଗୁଁ ହୋଇପାରେ। ଆସନ୍ତୁ ଭିଟାମିନ୍ ବି୧୨ ଅଭାବରୁ ଉପୁଜିପାରୁଥିବା ପେଟ ସମସ୍ୟା ଏବଂ ସେଗୁଡ଼ିକୁ ଦୂର କରିବା ପାଇଁ କ'ଣ ଖାଇବା ଉଚିତ ସେ ସଂପର୍କରେ ଜାଣିବା।

ଗ୍ୟାସ୍ ଏବଂ ବଦହଜମୀ: ବି୧୨ ଅଭାବ ପାଚନ କ୍ରିୟାକୁ ଦୁର୍ବଳ କରିଦିଏ। ଏହା ଖରାପ ପାଚନ, ଗ୍ୟାସ୍ ଏବଂ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରେ।

ଭୋକ ନ ଲାଗିବା: ଯେତେବେଳେ ଶରୀରରେ ବି୧୨ ସ୍ତର କମ୍ ଥାଏ, ସେତେବେଳେ ଭୋକ ମଧ୍ୟ କମିଯାଏ। ଯାହା ଶରୀରକୁ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ପାଇବାରୁ ବାଧା ଦିଏ।

ଜଳାପୋଡ଼ା ଏବଂ ଫୁଲା: ଭିଟାମିନ୍ ବି୧୨ ଅଭାବ ପେଟର ଭିତର ଭାଗକୁ ପ୍ରଭାବିତ କରେ, ଯାହା ଜ୍ୱଳନ ଏବଂ ଫୁଲା ସୃଷ୍ଟି କରିପାରେ।

କୋଷ୍ଠକାଠିନ୍ୟ କିମ୍ବା ଡାଇରିଆ: ଯେତେବେଳେ ଶରୀରରେ ଭିଟାମିନ୍ ବି୧୨ ଅଭାବ ଥାଏ, ସେତେବେଳେ କୋଷ୍ଠକାଠିନ୍ୟ ଏବଂ ଡାଇରିଆ ହୋଇପାରେ।

ବାନ୍ତି: କିଛି ଲୋକ ବି୧୨ ଅଭାବ ଯୋଗୁ ପେଟରେ ଭାରୀ ହେବାର ଏକ ଅଦ୍ଭୁତ ଅନୁଭବ ଏବଂ ବାନ୍ତି ଅନୁଭବ କରନ୍ତି।



# ଆଲୁମିନିୟମ ପାତ୍ରରେ ଖାଦ୍ୟ ରାନ୍ଧୁଛନ୍ତି କି?

ଯଦି ଆପଣ ଘରେ ଆଲୁମିନିୟମ୍ ବାସନ ବ୍ୟବହାର କରୁଛନ୍ତି, ତେବେ ସାବଧାନ। ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ ଏକ ଚେତାବନୀ ଜାରି କରିଛି ଯେ କିଛି ଆଲୁମିନିୟମ ପାତ୍ରରେ ସୀସା ମିଳିଛି, ଯାହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ।

**ମସ୍ତିଷ୍କ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ:** ଯଦି ଆପଣ ରୋଷେଇ କରୁଥିବା ଆଲୁମିନିୟମ ପାତ୍ରରେ ସୀସା ଥାଏ, ତେବେ ଆପଣଙ୍କ ମସ୍ତିଷ୍କ ସ୍ୱାସ୍ଥ୍ୟ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇପାରେ। ସୀସା ଯୁକ୍ତ ଆଲୁମିନିୟମ ପାତ୍ରରେ ଖାଦ୍ୟ ରାନ୍ଧିବା କିମ୍ବା ଖାଇବା ସ୍ନାୟୁତନ୍ତ୍ର ପାଇଁ ଅତ୍ୟନ୍ତ କ୍ଷତିକାରକ ହୋଇପାରେ। ସୀସା କେବଳ ଆପଣଙ୍କ ଶାରୀରିକ ସ୍ୱାସ୍ଥ୍ୟକୁ ନୁହେଁ ବରଂ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ନକାରାତ୍ମକ ଭାବରେ ପ୍ରଭାବିତ କରିପାରେ। ଉଚ୍ଚ ରକ୍ତଚାପ କିମ୍ବା ହୃଦରୋଗ ଥିବା ଲୋକଙ୍କ ପାଇଁ ସୀସା ଘାତକ ହୋଇପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ସୀସା ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ବିଶେଷ କ୍ଷତିକାରକ ହୋଇପାରେ। ସୀସା ଏତେ ବିପଦପୂର୍ଣ୍ଣ ରାସାୟନିକ ପଦାର୍ଥ ଯେ ଏହା ରକ୍ତହୀନତା, ଥକ୍କାପଣ, ଦୁର୍ବଳତା ଏବଂ କିଡନୀ ସମ୍ବନ୍ଧୀୟ ସମସ୍ୟାକୁ ଆମନ୍ତ୍ରଣ କରିପାରେ। ତେବେ ଆଲୁମିନିୟମ ପାତ୍ର ତିଆରି କରିବା ପାଇଁ ବ୍ୟବହୃତ ଧାତୁରେ ଥିବା ରାସାୟନିକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ବୋଲି ବିବେଚନା କରାଯାଏ। ଯଦି ଆପଣ ମଧ୍ୟ ଗମ୍ଭୀର ଏବଂ ମାରାତ୍ମକ ରୋଗର ଶିକାର ହେବାରୁ ନିଜକୁ ରକ୍ଷା କରିବାକୁ ଚାହୁଁଛନ୍ତି, ତେବେ ରୋଷେଇ ଘରରୁ ଏହି ପାତ୍ରଗୁଡ଼ିକୁ ବାହାର କରିଦେବା ଉଚିତ।





## ମା' ସୁରେଶ୍ୱରୀ ଓ ଭଗବତୀଙ୍କ ଧବଳମୁଖୀ ବେଶ



**ସୁବର୍ଣ୍ଣପୁର,୨୧।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ହେଉଛି ଯନ୍ତ୍ର ମନ୍ତ୍ର ତନ୍ତ୍ର ପୀଠ ଆଶ୍ୱିନ ମାସ ଆସିଲେ ଦେବୀ ମାନଙ୍କ ବିଭିନ୍ନ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥାଏ । ସୋନପୁରର ଇଷ୍ଟଦେବୀ ମାଁ ସୁରେଶ୍ୱରୀ ଓ ସହରର ସର୍ବପୁରାତନ ଶକ୍ତି ପୀଠ ମା ଭଗବତୀ ଆଜି ପବିତ୍ର ମହାଳୟା ଅମାବାସ୍ୟା ତିଥିରେ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଏହି ଅବସରରେ ମାଁ ସୁରେଶ୍ୱରୀ ଓ ଭଗବତୀଙ୍କୁ ଧଳା ବସ୍ତ୍ର, ଆଭୁଷଣ ଓ ଫୁଲରେ ସୁ-ସଜ୍ଜିତ କରାଯାଇଥିଲା । ସାଧାରଣତଃ ବର୍ଷର ସମସ୍ତ ଦିନ ଲାଲବର୍ଣ୍ଣୀ ମୁଖମଣ୍ଡଳରେ ଦେବୀଙ୍କ ଦର୍ଶନ ମିଳୁଥାଏ, କିନ୍ତୁ ଏକମାତ୍ର ଏହି ଦିନ ଶ୍ୱେତବର୍ଣ୍ଣୀ ବେଶରେ ଦର୍ଶନ ଦିଅନ୍ତି ମା । ଜନବିଶ୍ୱାସ ଅନୁସାରେ, ଏହି ଦର୍ଶନ ଗଙ୍ଗାସ୍ନାନ ଓ ତୀର୍ଥଦର୍ଶନ ସହିତ ସମାନ । ଭକ୍ତମାନେ ମନେକରନ୍ତି ଯେ, ଏହା ଆତ୍ମିକ ସଫଳତା, ପାପମୋଚନ ଓ ମନୋକାମନା ପୂର୍ଣ୍ଣତାର ପ୍ରତୀକ ।

ମହାଳୟା ଅବସରରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କ ଭିଡ଼ରେ ସୋନପୁର ଭକ୍ତିଭାବରେ ମହିମାୟିତ ହୋଇ ଉଠିଛି । ଏହି ଶୁଭ ଅବସରରେ ସହର ର ମା ସୁରେଶ୍ୱରୀ, ମା ଭଗବତୀ, ମା ମାଣିକେଶ୍ୱରୀ, ମା ଭୁବନେଶ୍ୱରୀ ଓ ମା'ଦୁର୍ଗାଦେବୀ ମଧ୍ୟ ଧବଳମୁଖୀ ବେଶରେ ଦର୍ଶନ ଦେଉଥିବାରୁ ଭକ୍ତମାନଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଥିଲା । ଆଜି ସକାଳୁ ସହରର ସମସ୍ତ ଦେବୀ ପୀଠ ଚଳଚଞ୍ଚଳ ହୋଇଉଠିଛି । ହଜାର ହଜାର ଶ୍ରଦ୍ଧାଳୁ ମାଁ ଙ୍କର ଏହି ଦୁର୍ଲଭ ବେଶ ଦର୍ଶନ କରି ନିଜ ନିଜକୁ ଧନ୍ୟ ମଣୁଛନ୍ତି ।

# ରାସ୍ତା ପାଇଁ ହେବ ରାସ୍ତାରୋକ

**ବାରମ୍ବାର ଅଭିଯୋଗ ପରେ ବି ଫଳ ଶୁନ୍**

**୧୭ ଖଣ୍ଡ ଗ୍ରାମବାସୀଙ୍କ ଚେତାବନୀ**



**ଲାଞ୍ଜିଗଡ଼,୨୧।୯ (ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ୧୭ଗୋଟି ଗାଁର ଲୋକେ ରାସ୍ତା ଖଣ୍ଡିକ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଳୁ ଉପର ଯାଏଁ ସମସ୍ତଙ୍କୁ ଗୁହାରି କରି କରି ଥକିଗଲେଣି। କେହି ଶୁଣୁନାହାନ୍ତି। ଶେଷରେ ଅନ୍ୟ ଉପାୟ ନପାଇଁ ନେଇଛନ୍ତି ଚରମ ନିଷ୍ପତ୍ତି । ରାସ୍ତା ପାଇଁ ଆସନ୍ତା ୨୨ ତାରିଖ ଦିନ କରିବେ ରାସ୍ତାରୋକ। ଏଥିପାଇଁ ଗାଁ ଗାଁରେ ଚାଲିଛି ଜୋରଦାର ପ୍ରସ୍ତୁତି।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଏପରିକି ୭କିମି ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଶହ ଶହ ଖାଲଖମା ଭରି ରହିଥିବା ବେଳେ ବର୍ଷା ଦିନରେ ଜୀବନ ଦୁର୍ବିସହ ହୋଇପଡ଼ିଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ, କଳାହାଣ୍ଡି ଜିଲ୍ଲାପାଳ, ଏସପି, ଲାଞ୍ଜିଗଡ଼ ତହସିଲଦାର ଓ ଲାଞ୍ଜିଗଡ଼ ବିଡିଓଙ୍କୁ ଲିଖିତ ଅଭିଯୋଗ ପରେବି କୌଣସି ସୁଫଳ ମିଳିଲାନାହିଁ। ଏହାକୁ ନେଇ ପୋଖରୀବନ୍ଧ ପଞ୍ଚାୟତର ୧୭ ଖଣ୍ଡ ଗାଁ ଲୋକଙ୍କୁ ନେଇ ପଞ୍ଚାୟତର ବିନାୟକପୁର ଠାରେ ଏକ ବୈଠକ ଅନୁଷ୍ଠିତ କରି ଚରମ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୨ ତାରିଖ ସୋମବାର ଦିନ ରାଜ୍ୟ ୬ନଂ ରାଜପଥକୁ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ଉକ୍ତ ଅଞ୍ଚଳବାସୀ।

ସୂଚନା ଯୋଗ୍ୟ ଯେ, ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ୧୭ଟି ଗାଁ ଲୋକଙ୍କ ପାଇଁ ଗତ ୨୦୧୯-୨୦ ବର୍ଷରେ ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଏହି ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଟେଣ୍ଡର ନେଇଥିବା ଠିକାଦାର ନିଜର ୫ ବର୍ଷ ଅବଧି ମଧ୍ୟରେ ରକ୍ଷଣାବେକ୍ଷଣ ତ ଦୂରର କଥା ଏହାର ସାମାନ୍ୟ ମରାମତି ମଧ୍ୟ କଲେ ନାହିଁ। ଫଳରେ ରାସ୍ତା ନିର୍ମାଣ ହେବାର ବର୍ଷକ ମଧ୍ୟରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ସେହିଦିନଠୁ ଆଜିକୁ ୬ବର୍ଷ ହେଲା ଏହି ରାସ୍ତାରେ ଯାତାୟତ କରିବା ମୁସ୍କିଲ ହୋଇପଡ଼ିଛି। ଏପରିକି ୭କିମି ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଶହ ଶହ ଖାଲଖମା ଭରି ରହିଥିବା ବେଳେ ବର୍ଷା ଦିନରେ ଜୀବନ ଦୁର୍ବିସହ ହୋଇପଡ଼ିଛି। ରାସ୍ତା ସମସ୍ୟା ନେଇ ବାରମ୍ବାର ଅଭିଯୋଗ ପରେ କୌଣସି ସୁଫଳ ନ ମିଳିବାରୁ ପୋଖରୀବନ୍ଧ ପଞ୍ଚାୟତର ୧୭ ଖଣ୍ଡ ଗ୍ରାମବାସୀଙ୍କୁ ନେଇ ବିନାୟକପୁର ଠାରେ ଏକ ବୈଠକ କରି ଚରମ ନିଷ୍ପତ୍ତି ନେଇଛନ୍ତି।

## ୨୭ ବର୍ଷରେ ପଦାର୍ପଣ କଲା ବଙ୍ଗଳାଛକ ଦୁର୍ଗାପୂଜା କମିଟି

**ବେତନଟୀ,୨୧।୯ (ସଂଚାର ବ୍ୟୁରୋ):** ଆଉ କିଛିଦିନ ପରେ ବିଭିନ୍ନ ମଣ୍ଡପରେ ପୂଜା ପାଇବେ ମା'। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ବେତନଟୀ ଅଞ୍ଚଳ । ବିଭିନ୍ନ ପୂଜା କମିଟି ବି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କିଏ କେତେ ସ୍ୱତନ୍ତ୍ର କରିପାରିବ ଏଥିପାଇଁ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। କେଉଁ କମିଟି ତୋରଣକୁ ଗୁରୁତ୍ୱ ଦେଉଥିବା ବେଳେ କିଏ ମା'ଙ୍କ ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦେଉଛନ୍ତି। ବେତନଟୀରେ ୫ଟି ମଣ୍ଡପରେ ମା ପୂଜା ପାଉଥିବା ବେଳେ ବଙ୍ଗଳାଛକ ଦୁର୍ଗାପୂଜା କମିଟି ୨୭ ବର୍ଷରେ ପର୍ଦାପଣ କରିଛି।



ବେତନଟୀ ବଙ୍ଗଳାଛକ ଦୁର୍ଗାପୂଜାର କମିଟିର ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସୂଚନା ମୁତାବକ, ଏଥର ତୋରଣ ୬୦ ଫୁଟ୍ ଉଚ୍ଚରେ ନିର୍ମାଣ ଚାଲିଥିବା ତୋରଣ ପୂଜାରେ ମୁଖ୍ୟ ଆକର୍ଷଣ ସାଜିବ। ଏହି ପୂଜା ପାଇଁ କମିଟି ପକ୍ଷରୁ ୯ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି। ୧୪ ଫୁଟ୍‌ର ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି । ସେହିପରି କମିଟି ପକ୍ଷରୁ ଖାଲି ତୋରଣ ନୁହେଁ, ସାଜସଜାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଦଶହରା ଦିନ ମହିଳାମାନଙ୍କ ମଧ୍ୟରେ ସିନ୍ଦୂର ଖେଳ ଉତ୍ସବକୁ ମୁଖରିତ କରିବ ବୋଲି ପୂଜା କମିଟି କର୍ମକର୍ତ୍ତାମାନେ ଆଶାବ୍ୟକ୍ତ କରିଛନ୍ତି।

**ଏମାନେ କହନ୍ତି**

୧ - ବଙ୍ଗଳାଛକ ଦୁର୍ଗା ପୂଜା କମିଟି ଏହି ବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ଏହି ବର୍ଷ ଆକର୍ଷଣ ମେଢ଼ ସହିତ ଦୁର୍ଗା ମା'ଙ୍କ ମୂର୍ତ୍ତି ୧୪ ଫୁଟ ଉଚ୍ଚତା ବିଶିଷ୍ଟ କାର୍ଯ୍ୟ ଚାଲୁଅଛି। ପ୍ରତେକ ବର୍ଷ ଅପେକ୍ଷା ଏହି ବର୍ଷ କିଛି ନୂଆ କରିବା ପାଇଁ ଚେଷ୍ଟା ଚାଲିଛି।

*କମିଟି ସଭାପତି - ବିମ୍ବାଧର ବିଶ୍ୱାଳ*

୨ - ବେତନଟୀ ବଙ୍ଗଳାଛକ ଦୁର୍ଗାପୂଜା କମିଟି ୨୭ ବର୍ଷରେ ପ୍ରଦାର୍ପଣ କରୁଛି। କେତେ ବାଧା ବିଘ୍ନ ଯାଇଥିଲେବି ମା'ଙ୍କ ପୂଜା ସୁରୁଖୁରୁରେ ଚାଲି ଆସୁଅଛି। ମୁଁ ଦୀର୍ଘ ୬ ବର୍ଷ ଧରି ସମ୍ପାଦକ ଓ ୨ ବର୍ଷ ଧରି ଉପ ସଭାପତି ତୁଲାଇ ଆସୁଛି ।

*କମିଟିର ପୂର୍ବତନ ଉପସଭାପତି - ପ୍ରଶାନ୍ତ ନାଥ*

୩ - ମାଙ୍କ ଅପାର କରୁଣାରୁ ଦୀର୍ଘ ୨୭ ବର୍ଷ ଧରି ବଙ୍ଗଳାଛକ ଦୁର୍ଗା ପୂଜା କମିଟି ମା'ଙ୍କ ପୂଜା ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ସହ ପାଳନ କରି ଆସୁଛି। ଏମିତି ପୂଜା ଆଗକୁ ଚାଲି ଥାଉ ମା ଙ୍କ କରୁଣା ଏ ଅଞ୍ଚଳ ଉପରେ ବରସୁ ଥାଉ। ଲୋକ ମାନେ ଶାନ୍ତି ଓ ନୀରୋଗ ଜୀବନ ଯାପନ କରନ୍ତୁ ଏତିକି ମା'ଙ୍କ ନିକୋଟରେ ପ୍ରାର୍ଥନା।

*କୋଷାଧ୍ୟକ୍ଷ - ସଂଜୟ କୁମାର ମହୁଆଳ*

## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ




**ବ୍ରହ୍ମପୁର,୨୧।୯ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍)ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ଚଳିତ ବର୍ଷ ସେପ୍ଟେମ୍ବର ୨୫ ତାରିଖରୁ ଆରମ୍ଭ ହୋଇ ୨୦୨୬ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ସଂଘ ଏ ମଧ୍ୟରେ ତାର ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରିଛି। ୧୯୨୫ ମସିହା ବିଜୟା ଦଶମୀ ତିଥିରେ ମହାରାଷ୍ଟ୍ର ନାଗପୁର ଠାରେ ପରମ ପୂଜନୀୟ ସ୍ୱର୍ଗତ ଡ. କେଶବ ବଳିରାମ ହେଡଗେୱାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏହି ସଙ୍ଗଠନ। ଏବେ ଏହା ବିଶ୍ୱର ସର୍ବବୃହତ ସ୍ୱେଚ୍ଛାସେବୀ ସଙ୍ଗଠନ ଭାବେ ସ୍ୱୀକୃତ। ବର୍ତ୍ତମାନ ଷଷ୍ଠ ସରସଂଘଚାଳକ ପରମ ପୂଜନୀୟ ମୋହନ ଭାଗବତଜୀଙ୍କ ନେତୃତ୍ୱରେ ବିଶ୍ୱର ବିଭିନ୍ନ ଦେଶରେ ଏହାର ଶାଖା ପରିଚାଳିତ ହେଉଛି।

ଆରଏସଏସ ତାହାର ଶତାବ୍ଦୀ ବର୍ଷ ଅବସରରେ ଏକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ ଓ ସାଙ୍ଗଠନିକ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଆସନ୍ତା ୨୫ ତାରିଖରୁ ଅକ୍ଟୋବର ୨ ମଧ୍ୟରେ ବିଜୟା ଦଶମୀ ଉତ୍ସବ, ଅକ୍ଟୋବର ୧୫ରୁ ନଭେମ୍ବର ୧୫ ମଧ୍ୟରେ ଯୁବ ସମାବେଶ, ଡିସେମ୍ବର ମାସରେ ଘରକୁ ଘର ସମ୍ପର୍କ, ୨୦୨୬ ଜାନୁଆରୀରେ ହିନ୍ଦୁ ସମ୍ମିଳନୀ, ଫେବ୍ରୁଆରୀରେ ସାମାଜିକ ସଦଭାବ ବୈଠକ, ଏପ୍ରିଲରେ ପ୍ରମୁଖ ନାଗରିକ ଗୋଷ୍ଠୀ ବୈଠକ ଏବଂ ପୁଣି ୨୦୨୬ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଅଧିକତମ ସ୍ଥାନରେ ସବୁ ଆୟ ବର୍ଗର ଶାଖା ଆୟୋଜନ କରାଯିବ। ରବିବାର ପୂର୍ବାହ୍ଣରେ ଉତ୍କଳ ଆଶ୍ରମରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏସଏସ ଓଡ଼ିଶା (ପୂର୍ବ) ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ ପଣ୍ଡା ଏ ବାବଦରେ ବିସ୍ତୃତ ସୂଚନା ଦେଇଥିଲେ।

## ହେଲ୍ପ ହ୍ୟାଣ୍ଡସ ସଂଗଠନ ପକ୍ଷରୁ ରିଲିଫ ବଣ୍ଟନ

**ବାଲିଆପାଳ,୨୧।୯ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଛଅ ଥର ବନ୍ୟା ଆସି ଲୋକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ଏହି ଭଳି ଦୁର୍ଦ୍ଦିନ ସମୟରେ ହେଲ୍ପ ହେଣ୍ଡସ ଶାଳିକୁଠା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରବିବାର ପୂର୍ବାହ୍ନରେ ଜାମ କୁଣ୍ଡା ପଞ୍ଚାୟତର କାଳରୁହି ଗ୍ରାମରେ ଦୁଇ ବିଧବା ଏବଂ ନିହାତି ଗରିବ ସରସ୍ୱତୀ କାମିଳା, ଶୁକମଣି ବେହେରା ବୃଦ୍ଧାଙ୍କୁ ସାହାର୍ଯ୍ୟର ହାତ ବଢ଼ାଇଛନ୍ତି। ଆଗରୁ ବନ୍ୟା ସମୟରେ ଶୁଖିଲା ଖାଦ୍ୟ ବଣ୍ଟନ କରି ଏହି ହେଲ୍ପ ହେଣ୍ଡସ ଶାଳିକୁଠା ସଂଗଠନ ଚର୍ଚ୍ଚାକୁ ଆସିଥିଲା। ତେବେ ମାସକର ରାସନ୍, ବସ୍ତ୍ର, ବିଛଣା ସାମଗ୍ରୀ ଅସହାୟ ବୃଦ୍ଧାଙ୍କୁ ପ୍ରଦାନ କରାଯାଇଥିଲା।



## ସାଂସଦ ଖେଳ ମହୋତ୍ସବରେ ଗଣଦୌଡ଼




**ସୁନ୍ଦରଗଡ଼,୨୧।୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୨୧ ତାରିଖ ରବିବାର ସକାଳ ୮ଟା ସମୟରେ ଜିଲ୍ଲାପାଳଙ୍କ ମୁଖ୍ୟ ଫାଟକ ଠାରୁ ଗଣଦୌଡ଼ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଏବଂ ସମ୍ମାନୀତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ଯୋଗଦାନ କରି ସବୁଜ ପତାକା ଦେଖାଇ ଗଣଦୌଡକୁ ଉଦ୍‌ଘାଟନ କରିଥିଲେ । ଏହି ଗଣଦୌଡ ବିକାଶ ଭବନରୁ ବାହାରି ନୂଆଁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିଥିଲା। ଏଥିରେ ସ୍ପୋର୍ଟସ ହଷ୍ଟେଲ ର ଛାତ୍ର ଛାତ୍ରୀ, ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଛାତ୍ରୀ, ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ, ବିଭିନ୍ନ ଅନୁଷ୍ଠାନର ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ । ଯୁବ ବର୍ଗ ବିକଶିତ ଭାରତର ସମ୍ବଳ। ସେମାନେ ସୁସ୍ଥ ରହିଲେ ଦେଶର ଭବିଷ୍ୟତ ସୁରକ୍ଷିତ ରହି ପାରିବ। ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଯୁବବର୍ଗଙ୍କ ପାଇଁ ଚଳିତ ବର୍ଷ ସେପ୍ଟେମ୍ବର ୨୧ ରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ଯୁବ ଶକ୍ତିର ଉତ୍ସବ ନାମରେ ସାଂସଦ ଖେଳ ମହୋତ୍ସବର ଆୟୋଜନ କରାଯାଉଛି ବୋଲି ଶ୍ରୀ ପଟ୍ଟନାୟକ ଅଭିଭାଷଣରେ କହିଥିଲେ।

## 'ବିକଶିତ ଭାରତ'କୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



**ଫୁଲବାଣୀ,୨୧।୯ (ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ବିକଶିତ ଭାରତର ରଙ୍ଗ, କଳା ମାଧ୍ୟମରେ ଏକ ବିଶ୍ୱ କିର୍ତ୍ତିମାନ ସୃଷ୍ଟି କରିବା ଦିଗରେ ବିକଶିତ ଭାରତର ବିଷୟବସ୍ତୁକୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତା ତିନୋଟି ବର୍ଗରେ ବୃତ୍ତିଗତ ଯୁବ ଚିତ୍ରକର, ମହାବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିଲା। ଶତାଧିକ ଛାତ୍ରଛାତ୍ରୀ ଓ ଯୁବ ଚିତ୍ରକରମାନେ ବିକଶିତ ଭାରତ- ୨୦୪୭କୁ ବହୁତ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର କୁମୁଦିନୀ ମଲିକ, ଆସିଷ୍ଟାଣ୍ଟ କଲେକ୍ଟର ମନ୍ଦାକିନୀ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ଗାୟତ୍ରୀ ଦେବୀ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବୃତ୍ତିଗତ ଯୁବ ଚିତ୍ରକର ବର୍ଗରେ ଲିକନ ପ୍ରଧାନ ଓ ଅନୁରାଧା ପ୍ରଧାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ସୁନିଲ କୁମାର ପ୍ରଧାନ ଓ ଲଳିତ ଦିଗାଲ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ ସେହିପରି ଭାବରେ ମହାବିଦ୍ୟାଳୟ ସ୍ତରରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଯଥାକ୍ରମେ ମିଥୁନ ପାତ୍ର ଓ ଦେବାଶିଷ ଗାଉଁଟିଆ ଏବଂ ସୁଜନି ରାଣୀ ଗଣ୍ଡା ଓ ଶୁଭମ କୁମାର ସାହୁ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ ଏବଂ ବିଦ୍ୟାଳୟସ୍ତରରେ ଇସମିତ କୁମାର ବେହେରା ଓ କ୍ରୀଷ୍ଟା ପ୍ରସାଦ ପ୍ରଧାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅର୍ଜନ କରିଥିବା ବେଳେ ବଳିଆ ଦିଗାଲ ଓ ଲିଲିମା ମଲ୍ଲିକ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗୀମାନଙ୍କର ଚିତ୍ରକଳାଟି ସେପ୍ଟେମ୍ବର ୨୫ରେ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଦର୍ଶିତ ହେବା ସହିତ ମୁଲ୍ୟାଙ୍କନ ହେବ । ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର



**ନୀଳଗିରି,୨୧।୯ (ସଂଚାର ବ୍ୟୁରୋ):** ଭାଲୁ ଆକ୍ରମଣରେ ମହିଳା ଗୁରୁତର। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ସଚିନ୍ଦ୍ର ସ୍ୱାଇଁ ଙ୍କ ଝିଅ କନକ ସ୍ୱାଇଁ (୪୪) କେରାଟପଡ଼ିଆ ଗାଁରେ ଘର କରି ରହିଆସୁଥିଲେ। ରବିବାର ସକାଳେ ନିକଟ ଜଙ୍ଗଲ ପାଦଦେଶକୁ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ହାବୁଡ଼ରେ ପଡିଥିଲା। ଭାଲୁଟି ଅତର୍କିତ ଭାବେ ଆକ୍ରମଣ କରିବାରୁ ମୁଣ୍ଡ, ବାମ କାନରେ ଗଭିର ଆଘାତ ହେବା ସହ ଆକ୍ରମଣ ରେ କାନ ଛିଣ୍ଡିବା ସହିତ ପ୍ରବଳ ରକ୍ତଶ୍ରାବ ହୋଇଥିଲା। ଚିତ୍କାର ଶୁଣି ଗ୍ରାମଲୋକ ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଭାଲୁଟି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ପରିବାର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲେନ୍ସ ଯୋଗେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରିରହିଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରଣ କରାଯାଇଛି।

**● ଏକତରଫା ପ୍ରେମର କରୁଣ ପରିଣତି**

## ରାତିଅଧରେ ଝିଅକୁ ଦେଖା କରିବା ମହଙ୍ଗା ପଡିଲା



ସାନ୍ତନୁ ଶତପଥି | ଅସିତ କୁମାର ବିଶ୍ୱାଳ

**ବାଲିପାଟଣା,୨୧।୯ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅନ୍ତର୍ଗତ ତରବୋଇ ଗ୍ରାମରେ ରାତି ୧୨ ଟାରେ ଝିଅକୁ ଦେଖା କରିବାକୁ ଆସି ଗ୍ରାମବାସୀ ଙ୍କ ଠାରୁ ଉତ୍ତମ ମଧ୍ୟମ ଖାଇ ଥାନାକୁ ଗଲେ। ଅଭିଯୋଗ ଅନୁସାରେ ବାଲିପାଟଣା ଥାନା ଅନ୍ତର୍ଗତ ତରବୋଇ ଗ୍ରାମର ଜନୈକ ଯୁବତୀକୁ ଏକ ତରଫା ପ୍ରେମ କରୁଥିଲେ ଅଭୟମୁଖି ଗ୍ରାମର ସାନ୍ତନୁ ଶତପଥି (୨୬)। ଗତ ଶନିବାର ରାତ୍ରି ପ୍ରାୟ ୨ଘଟିକାରୁ ୩ଟା ମଧ୍ୟରେ ସାନ୍ତନୁ ଶତପଥି, ତାଙ୍କର ପୁରୁଷ ବନ୍ଧୁ ଅସିତ କୁମାର ବିଶ୍ୱାଳ ଓ ମଣ୍ଟୁ ପରିଡ଼ା ଏକ କଳା ରଙ୍ଗର ହୋଣ୍ଡାଇ ଆଇ-୧୦ ଯାହାର ନମ୍ବର ଓଡ଼ି୦୨ସିଏସ୍୨୯୭୨ ଥିବା ଏକ କାରରେ ଗ୍ରାମକୁ ଆସି କେନାଲ ପାଖରେ ଥିବା ଟ୍ରାନ୍ସଫମରରୁ ବିଦ୍ୟୁତ୍ ସରବରାହ କାଟି ଝିଅର ଘର ଉପରକୁ ଟେକା ପଥର ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଝିଅର ପରିବାର ଲୋକ ପାଖରେ ଥିବା ପଡୋଶୀ ମାନଙ୍କୁ ଘଟଣା ସମ୍ପର୍କରେ ଜଣେଇବା ଗ୍ରାମବାସୀମାନେ ଆସିବାରୁ ସୁଯୋଗର ଫାଇଦା ଉଠାଇ ମଣ୍ଟୁ ପରିଡ଼ା କେଉଁଆଡେ ଦୌଡ଼ିକରି ଘଟଣା ସ୍ଥଳରୁ ଚଂପଟ ମାରିଥିଲା। ଗ୍ରାମବାସୀ ୨ଜଣଙ୍କୁ ଧରି ଉତ୍ତମ ମଧ୍ୟମ ଦେବାପରେ ବାଲିପାଟଣା ପୋଲିସ୍ ଖବରପାଇ ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେବା ସହିତ ଅଭିଯୁକ୍ତ ମାନଙ୍କ ଗାଡିରୁ ପେଟ୍ରୋଲ ବୋତଲ, ମଦ ବୋତଲ ଓ ୪୦ ହଜାରରୁ ଉର୍ଦ୍ଧ ଟଙ୍କା ଜବତ କରି ଅଧିକ ତଦନ୍ତ ଚଳାଇଛି।

## ବାଇକ ଉପରେ ଚଢ଼ିଗଲା ଟ୍ରକ: ଜଣେ ଗୁରୁତର

**ନୟାଗଡ଼,୨୧।୯ (ସଂଚାର ବ୍ୟୁରୋ):** ବାଇକ ଉପରେ ଚଢିଗଲା ଟ୍ରକ। ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏଭଳି ଦୁର୍ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ସଦର ଥାନା ଠାରୁ ଅଳ୍ପ ଦୂରରେ ଥିବା ଝୁମ୍ପୁରୀ ନିକଟରେ। ଗୁରୁତର ଆହାତ ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ କିଶୋର ମହାନ୍ତି। ବାଇକ ଆରୋହୀ ରାସ୍ତା କଡରେ ଗାଡ଼ି ରଖି ଠିଆ ହୋଇଥିବା ବେଳେ ବିପରୀତ ଦିଗରୁ ଓଡି୦୨ଜି୦୭୮୬ ଟ୍ରକ ଭାରସାମ୍ୟ ହରାଇ ରଙ୍ଗ ରୁଟରେ ପଶିଆସି ବାଇକକୁ ଧକ୍କା ଦେଇଥିଲା। ବ୍ୟକ୍ତି ଜଣଙ୍କ ଛିଟିକି ପଡ଼ିଥିବା ବେଳେ ଟ୍ରକଟି ବାଇକ ଉପରେ ଛାଡ଼ିଯାଇଛି। ବ୍ୟକ୍ତି ଜଣଙ୍କ ଗୁରୁତ୍ତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରଣ କରିଥିବା ଜଣାପଡିଛି।

# ଜିଲ୍ଲାସ୍ତରୀୟ ନମୋ ଯୁବ ମାରାଥନ



**ନୀଳଗିରି,୨୧।୯ (ସଂଚାର ବ୍ୟୁରୋ):** ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ ସାରା ଭାରତ ବର୍ଷରେ ସେବା ପକ୍ଷ ପାଳନ ହେଉଛି। ଏହି ସେବା ପକ୍ଷ୍ୟ ସେପ୍ଟେମ୍ବର ୧୭ ଆରମ୍ଭ ହୋଇ ଅକଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର ଇତ୍ୟାଦି ଆୟୋଜନ ହେଉଅଛି।

ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲାର ନୀଳଗିରିରେ ଜିଲ୍ଲାସ୍ତରୀୟ ନମୋ ଯୁବ ମାରାଥନ କାର୍ଯ୍ୟକ୍ରମ ଭାରତୀୟ ଜନତା ପାର୍ଟି, ନୀଳଗିରି ଦ୍ୱାରା ଆୟୋଜିତ ହୋଇଯାଇଅଛି। ଏହି ମାରାଥନ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବାହାରି ବଜାର ପରିକ୍ରମା କରି ତଳ ସଡ଼କ ଦେଇ ପୁଣି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମାପ୍ତ ହୋଇଥିଲା। ୩ କିଲୋମିଟର ଏହି ମାରାଥନ ଦୌଡରେ ହଜାର ହଜାର ଛାତ୍ର, ଛାତ୍ରୀ, ଯୁବକ, ମହିଳା, ବିଜେପି ଯୁବମୋର୍ଚ୍ଚା, ଏବିଭିପିର ସଦସ୍ୟ ଏବଂ ବରିଷ୍ଠ ନେତୃତ୍ୱ ମୋଦି ଟି ସାର୍ଟ ପିନ୍ଧି ସାମିଲ ହୋଇଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନ

**● ଏନ. କାମେଶ୍ୱର ରାଓ ସମ୍ପାଦକ**



**ବୋରିଗୁମ୍ମା,୨୧।୯ (ସଂଚାର ବ୍ୟୁରୋ):** ନିଖିକ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ କୋରାପୁଟ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରରେ ପ୍ରାଥମିକ ଶିକ୍ଷକ ସଂଘର ଏଥିପାଇଁ ବୈଠକ ଆୟୋଜିତ ହୋଇଥିଲା।ଏଥିରେ ଜିଲ୍ଲାର ୧୪ ଗୋଟି ବ୍ଲକର ପ୍ରାୟ ୮୦ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ।ନୂତନ ଶିକ୍ଷକ ସଂଘର କର୍ମକର୍ତ୍ତା ପାଇଁ ଭୋଟିଂ ହୋଇଥିଲା।ଏଥିରେ ସଭାପତି ଭାବେ ଦାମ କନ୍ଧପାନ,ଉପ ସଭାପତି ଭାବେ ଅନୀଲ ସରିକା ସାଧାରଣ ସମ୍ପାଦକ ଭାବେ ଦିଲୀପ କୁମାର ଟାକ୍ରି ସହ ସମ୍ପାଦକ ଭାବେ ବୋରିଗୁମ୍ମା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଏନ କାମେଶ୍ୱର ରାଓ ମନୋନୀତ ହୋଇଥିଲେ।ସେହିପରି ୬ ଜଣ ଯୁଗ୍ମ ସମ୍ପାଦକ ଓ ଜଣେ କୋଷାଦକ୍ଷ ମନୋନୀତ ହୋଇଛନ୍ତି।

## ଧର୍ମଗଡ଼ ପଞ୍ଚାୟତ ସମିତିରେ ବ୍ୟାପକ ଅନିୟମିତତା ଅଭିଯୋଗ

# ବିନା ହାତଗୁଞ୍ଜାରେ ଘୁଞ୍ଚୁନି ଫାଇଲ୍

**କଳାହାଣ୍ଡି,୨୧।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଥିବା ଧର୍ମଗଡ ପଞ୍ଚାୟତ ସମିତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି । ସାଧାରଣ ଲୋକ ନିଜର କାର୍ଯ୍ୟ ଏଠାରେ ହାସଲ କରିବାରେ ସକ୍ଷମ ହୋଇ ପାରୁନାହିଁ। ଏପଟେ ବିନା କମିଶନରେ ଶ୍ରମିକ ନେତା ତଥା ସାଧାରଣ ଲୋକଙ୍କର ଫାଇଲ ଆଗକୁ ଘୁଞ୍ଚୁନଥିବା କୁହା ଯାଉଛି । ଏହା ସତ୍ତ୍ୱେ ଏହି ଦୁର୍ନୀତିଗ୍ରସ୍ତ କର୍ମଚାରିଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ତରଫରୁ ସେଭଳି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଯାହାକୁ ନେଇ ସାଧରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏଠାରେ ଦୀର୍ଘ ବର୍ଷ ଧରି କର୍ମଚାରୀମାନେ ରହି ଥିବାରୁ ମନମୁଖୀ କାର୍ଯ୍ୟ ଚଳାଇ ଥିବା ଅଭିଯୋଗ ହେଉଛି । ଏହା ଛଡା ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅଧିକ ପ୍ରୋତ୍ସାହନ ପାଇଁ ଏଭଳି ଦୁର୍ନୀତି ଖୋର ମନୋଭାବ ପୋଷଣ କରୁଥିବା କୁହାଯାଉଛି । ଯନ୍ତ୍ରୀମାନେ ମଧ୍ୟ ଏଭଳି କାର୍ଯ୍ୟ ଚଳାଇ ଥିବା ଚର୍ଚ୍ଚା ହେଉଛି। ଏହି ଘଟଣାକୁ ନେଇ ଧର୍ମଗଡ ଅଞ୍ଚଳବାସୀ ବ୍ଲକ କର୍ମଚାରିଙ୍କ ଉପରେ କ୍ଷୁବ୍ଧ ଥିବା ଦେଖିବାକୁ ମିଳିଛି । ସାଧାରଣ ବଣ୍ଟନ, ସମନ୍ୱିତ ଶିଶୁବିକାଶ, ଜିବିକା ମିଶନ, ବିଧବା, ବାର୍ଦ୍ଧକ୍ୟ , ଓ ଭିନ୍ନକ୍ଷମ ପେନସନ, ଥଇଥାନ ମନରେଗା, ଆଇଏପି, ଏପଡିଆର, ଟିଏଫସି, ଯୋଜନା ସମେତ ବହୁ କାର୍ଯ୍ୟଳୟ ମାଧ୍ୟମରେ ଯୋଜନା ସମ୍ପାଦିତ ହେଉଛି । ହେଲେ ଦାୟିତ୍ୱାଧୀନ କର୍ମଚାରୀ ଓ ଅଧିକାରୀ ମାନଙ୍କ ବେପାରୁଆ ମନୋଭାବ ଯୋଗୁଁ ଆବାସ ଗୃହ ଏହାର ସୁଫଳ ଲୋକମାନେ ପାଇପାରୁ ନାହାନ୍ତି । ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ଏହି ବ୍ଲକର ଏକାଧିକ ପଂଚାୟତରେ ଶ୍ରମିକ ମାନଙ୍କ ନାମରେ ମିଥ୍ୟା ମାଷ୍ଟର ରୋଲ ପ୍ରସ୍ତୁତ କରାଯାଇ ଜେସିବି ଓ ଟ୍ରାକ୍ଟର ମାଧ୍ୟମରେ କାର୍ଯ୍ୟ କରାଯାଉ ଥିବା ଅଭିଯୋଗ ହେଉଛି ।

ଅନ୍ୟ ପକ୍ଷରେ ଏନଜିଓ ସଂସ୍ଥା ଆତ୍ମା ଜରିଆରେ ସରକାର ଅଭିଯୋଗଙ୍କ ପକ୍ଷରୁ ସାଧାରଣ ଚାଷୀ ମାନଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରକାର କୃଷିଭିତ୍ତିକ ସହାୟତା ବାଟମାରଣା ହେଉଛି । ଏହି ବ୍ଲକରେ ବିଭିନ୍ନ ଅଞ୍ଚଳରେ ଥିବା ବଡ଼ ବଡ଼ ଚାଷୀମାନେ କୃଷି କର୍ମଚାରୀମାନଂକୁ ହାତକରି ଆତ୍ମା ଜରିଆରେ ଆସୁଥିବା ବିଭିନ୍ନ ଆତ୍ମା ସହାୟତା ନିଜ ସପକ୍ଷରେ ବିନିଯୋଗ କରୁଥିବା ବେଳେ ଏହି ଅଞ୍ଚଳରେ ଥିବା ନାମମାତ୍ର ଚାଷୀ ଏହି ଯୋଜନା ଠାରୁ ଯଥେଷ୍ଟ ପଛରେ ରହି ଯାଉଥିବା ଅଭିଯୋଗ ହେଉଛି । ବ୍ଲକରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଠିକ ସମୟରେ ହେଉନଥିବା ଅଭିଯୋଗ ହେଉଛି । ପଂଚାୟତରେ ରାସନ ସାମଗ୍ରୀ ଉଠାଣ କରି ବିଭିନ୍ନ ପ୍ରକାର ଆଳ ଦେଖାଇ ଗୋଟେ ଗୋଟେ ମାସର କଣ୍ଟ୍ରୋଲ ସାମଗ୍ରୀ ଗାୟବ କରୁଥିବା ଅଭିଯୋଗ ହେଉଛି । ଉପରୋକ୍ତ ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କ ରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।